

ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୪ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 24 December 2024
Vol.No. 35 ■ No.342 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଭାରତକୁ ଚିଠି ଲେଖିଲା ବାଂଲାଦେଶ: ଶେଖ ହସିନାଙ୍କୁ ଡାକା ପଠାଅ



ନୂଆଦିଲ୍ଲୀ, ୨୩/୧୨ : ବାଂଲାଦେଶର ଅନ୍ତରୀଣ ସରକାର ଭାରତକୁ କୂଟନୀତିକ ସ୍ତରରେ ଗୋଟିଏ ଚିଠି ଲେଖିଛନ୍ତି। ଏଥିରେ ବାଂଲାଦେଶ ସରକାର ଭାରତକୁ ଶେଖ ହସିନାଙ୍କୁ ତୁରନ୍ତ ଡାକା ପଠାଇବାକୁ କହିଛନ୍ତି। ୭୭ ବର୍ଷୀୟ ଶେଖ ହସିନା ବାଂଲାଦେଶରେ ଅଗଷ୍ଟ ମାସରେ ହୋଇଥିବା ଭୟଙ୍କର ବିକ୍ଷୋଭ ଦେଖି ଦେଶ ଛାଡ଼ି ଦେଇଥିଲେ। ସେ ଅଗଷ୍ଟ ୫ରୁ ଭାରତର କୌଣସି ସେଫ ହାଉସରେ ଆତ୍ମଗୋପନ କରିଛନ୍ତି। ତେଣୁ ବାଂଲାଦେଶର ମହମ୍ମଦ ୟୁନୁସ ସରକାର ତାଙ୍କୁ ପ୍ରତ୍ୟର୍ପଣ କରିବାକୁ ଭାରତକୁ କହିଛନ୍ତି। ଢାକା ଭିତ୍ତିକ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ(ଆଇସିଟି) ମାନବଜାତି ବିରୋଧରେ ଅପରାଧ ଓ ନରସଂହାର ଅଭିଯୋଗରେ ଶେଖ ହସିନା, ତାଙ୍କ ସରକାରରେ ଥିବା ମନ୍ତ୍ରୀ, ପରାମର୍ଶଦାତା, ପୂର୍ବତନ ସାମରିକ ଓ ବେସାମରିକ ଅଧିକାରୀଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛନ୍ତି। ଅନ୍ତରୀଣ ସରକାରରେ ବୈଦେଶିକ ବ୍ୟାପାର ପରାମର୍ଶଦାତା ଭାବେ କାମ କରୁଥିବା ତୌହିଦ ହୁସେନ କହିଛନ୍ତି, "ଆମେ ବିଧିବଦ୍ଧ ଭାବେ ଭାରତ ସରକାରଙ୍କ ପାଖକୁ କୂଟନୀତିକ ସ୍ତରରେ ଗୋଟିଏ ଚିଠି ଲେଖିଛୁ। ନ୍ୟାୟିକ ପ୍ରକ୍ରିୟା ପାଇଁ ବାଂଲାଦେଶ ଶେଖ ହସିନାଙ୍କୁ ଚାହୁଁଥିବା ଆମେ କହୁଛୁ। ତେଣୁ ଭାରତ ସରକାର ତୁରନ୍ତ ହସିନାଙ୍କୁ ବାଂଲାଦେଶକୁ ପଠାଇନ୍ତୁ।" ଏହାପୂର୍ବରୁ ଗୃହ ମନ୍ତ୍ରଣାଳୟର ପରାମର୍ଶଦାତା ଜାହାଙ୍ଗିର ଆଲାମ କହିଥିଲେ ଯେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖି ହସିନାଙ୍କୁ ପ୍ରତ୍ୟର୍ପଣ କରିବାକୁ କହିଥିଲେ। ସେ କହିଥିଲେ, "ହସିନାଙ୍କ ପ୍ରତ୍ୟର୍ପଣ ସମ୍ପର୍କରେ ଆମେ ଚିଠି କରି ସାରିଛୁ। ପ୍ରତ୍ୟର୍ପଣ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି।"

## ମୋଦୀଙ୍କୁ ଭେଟିଲେ ମୋହନ



ନୂଆଦିଲ୍ଲୀ, ୨୩/୧୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏହି ଭେଟଘାଟ ହୋଇଛି। ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିବା ଚର୍ଚ୍ଚା ହେଉଛି। ଜାନୁଆରୀରେ ପ୍ରଧାନମନ୍ତ୍ରୀ ଦୁଇ ଦୁଇ ଥର ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଏହି ସାକ୍ଷାତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀଙ୍କ ଭେଟଘାଟ ସମୟର ଫଟୋ ସୋସିଆଲ ମିଡିଆରେ ପିଏମଓ ପକ୍ଷରୁ ପୋଷ୍ଟ କରାଯାଇଛି। ୫ ଦିନିଆ ରାଜସ୍ଥାନ-ଦିଲ୍ଲୀ ଗସ୍ତରେ ଯାଇଥିଲେ ମୋହନ ମାଝୀ। ଓଡ଼ିଶାର ଅନେକ ଗୁରୁତ୍ୱ ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ପାଖରେ ଉତ୍ଥାପନ କରିଛନ୍ତି।

## କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ: ୨ୟ ମେରିଟ୍ ଲିଷ୍ଟ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୨୩/୧୨ : ରାଜ୍ୟରେ ଖାଲି ପଡ଼ିଥିବା କନିଷ୍ଠ ଶିକ୍ଷକ ପଦବୀ ପୂରଣ ପ୍ରସଙ୍ଗରେ ହାଇକୋର୍ଟଙ୍କ ବଡ଼ ନିର୍ଦ୍ଦେଶ। ନୂଆ କଟ୍-ଅଫ୍ ମାର୍କ ସ୍ଥିର କରି ୨ୟ ମେରିଟ୍ ଲିଷ୍ଟ ଜାରି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଉଚ୍ଚ ନ୍ୟାୟାଳୟ। ନିଯୁକ୍ତିରୁ ବଞ୍ଚିତ ଆଶାୟୀଙ୍କ ପିଟିସନ୍ ଉପରେ ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଉଲ୍ଲେଖ ଯୋଗ୍ୟ, ୨୦ ହଜାର କନିଷ୍ଠ ଶିକ୍ଷକ ପଦବୀ ପୂରଣ ପାଇଁ ପ୍ରଥମେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଚୟନକୁ ନେଇ ଦୀର୍ଘ ଦିନ ବିବାଦ ଲାଗି ରହିବା ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ନିଯୁକ୍ତି ଆରମ୍ଭ ହୋଇଥିଲା। କାରଣ କଟ୍-ଅଫ୍ ମାର୍କ କମ୍ କରି ପଦବୀ ପୂରଣ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲା। ହେଲେ ବିଭିନ୍ନ କାରଣରୁ ଏବେ ମଧ୍ୟ ୪ ହଜାର ପଦବୀ ପୂରଣ ହୋଇନାହିଁ। ତେବେ ଖାଲି ପଦବୀକୁ ପୂରଣ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆଶାୟୀ ପ୍ରାର୍ଥୀ।

## ୬ ଦିନିଆ ଆମେରିକା ଗସ୍ତରେ ଯିବେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର

ନୂଆଦିଲ୍ଲୀ, ୨୩/୧୨ : ଆମେରିକା ଗସ୍ତରେ ଯିବେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର। ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଡିସେମ୍ବର ୨୪ରୁ ୨୯ ପର୍ଯ୍ୟନ୍ତ ଆମେରିକା ଗସ୍ତରେ ଯିବେ ବିଦେଶ ମନ୍ତ୍ରୀ। ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପ ଶାସନକୁ ଫେରିବା ପରେ ଏହା କୌଣସି ଭାରତୀୟ ମନ୍ତ୍ରୀଙ୍କ ପ୍ରଥମ ଆମେରିକା ଗସ୍ତ। ଜୟଶଙ୍କରଙ୍କ ଏହି ଗସ୍ତରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା ହେବ।

▶▶ପୃଷ୍ଠା ୭

## ରୁବେନଙ୍କ ବହିକୁ ନେଇ ଝଡ

■ସତ୍ୟତା ନେଇ ପ୍ରଶ୍ନ ଉଠାଇଲେ ଅରୁଣ
■ଏପଟେ କାଉଣ୍ଟର କଲା ବିଜେପି





ଭୁବନେଶ୍ୱର, ୨୩/୧୨ : ନବୀନ ପଟ୍ଟନାୟକଙ୍କ ଜୀବନୀକୁ ନେଇ ରୁବେନ ବାନାର୍ଜୀ ଲେଖିଥିବା ପୁସ୍ତକ ରାଜ୍ୟ ରାଜନୀତିରେ ଝଡ। କାହିଁକି ବିଜେଡି ହାରିଲା? ନବୀନଙ୍କୁ ନେଇ ଅନେକ ଗୁମର କଥାକୁ ସାମ୍ନାକୁ ଆଣିବା ପରେ ଚିହିଁଙ୍କି ଉଠିଛି ବିଜେଡି। ପୁସ୍ତକରେ ଲେଖା ଥିବା ତଥ୍ୟର ସତ୍ୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିଜେଡି ବିଧାୟକ ଅରୁଣ ସାହୁ। ସେ କହିଛନ୍ତି, ରୁବେନ ବାନାର୍ଜୀ ବହୁ ବର୍ଷ ଧରି ନବୀନ ପଟ୍ଟନାୟକଙ୍କୁ ଭେଟି ନାହାନ୍ତି। କଥା ହୋଇ ନାହାନ୍ତି କି ଇଣ୍ଟରଭ୍ୟୁ ନେଇ ନାହାନ୍ତି। ବିରୋଧୀଦଳ ଓ ବିଭିନ୍ନ ସ୍ଥାନରେ ହେଉଥିବା ଚର୍ଚ୍ଚାକୁ ଭିତ୍ତି କରି ବହି ଲେଖିଛନ୍ତି। କାହା ଉପରେ ଲେଖିବା ବେଳେ ତାଙ୍କ ମତାମତ ନେବା କଥା ଓ ଘଟଣାର ଉତ୍ସ ଲେଖିବା କଥା। କିନ୍ତୁ ଯେଉଁମାନେ ନବୀନ ପଟ୍ଟନାୟକଙ୍କୁ ବିରୋଧ କରନ୍ତି ସେମାନଙ୍କ ମତାମତ ନେଇ ରୁବେନ ବହି ଲେଖିଛନ୍ତି। ସୌଜନ୍ୟତା ଦୃଷ୍ଟିରୁ ମତାମତ ନେବାର ଥିଲା। କିନ୍ତୁ ରୁବେନ ବାନାର୍ଜୀ ବିରୋଧୀ ଦଳ ନେତା ଭାବେ ଲେଖିଛନ୍ତି। ନବୀନଙ୍କ ପ୍ରତି ଲୋକଙ୍କ ସମର୍ଥନ ରହିଛି।

▶▶ପୃଷ୍ଠା ୭

## ହସ୍ପିଟାଲ ବେଡରେ ବିନୋଦ କାମ୍ବଲି

ନୂଆଦିଲ୍ଲୀ, ୨୩/୧୨ : ଭାରତୀୟ କ୍ରିକେଟ ଟିମର ପୂର୍ବତନ ଷ୍ଟାର ଖେଳାଳି ବିନୋଦ କାମ୍ବଲିଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ବିଗିଡ଼ିଛି। ଏଥିପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାକୁ ପଡ଼ିଛି। ଶନିବାର ବିଳମ୍ବିତ ରାତିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ବିଗିଡ଼ିଥିଲା। ଏଥିପାଇଁ ତାଙ୍କୁ ଥାନେ ସ୍ଥିତ ଆକୃତି ହସ୍ପିଟାଲରେ ଆଡମିଟ କରାଯାଇଥିଲା। ତାଙ୍କ ସ୍ୱାସ୍ଥାବସ୍ଥା ସ୍ଥିର ରହିଛି। କିନ୍ତୁ ଏବେ ସେ ବିପଦ ମୁକ୍ତ ହୋଇ ନଥିବା ଆଇଏଏନଏସ୍ ପକ୍ଷରୁ ଏକ୍ସରେ ସୂଚନା ଦିଆଯାଇଛି। ସୋମବାର କାମ୍ବଲିଙ୍କ ଜଣେ ଫ୍ୟାନ ହସ୍ପିଟାଲ ବେଡରେ ଥିବା କାମ୍ବଲିଙ୍କ ଗୋଟିଏ ଭିଡିଓ ଜାରି କରିଛନ୍ତି।

▶▶ପୃଷ୍ଠା ୭

## ବଢ଼ିଲା ଅଲ୍ଲୁ ଅର୍ଜୁନଙ୍କ ଅଡୁଆ: ପୁଲିସ କଲା ସମନ



ନୂଆଦିଲ୍ଲୀ, ୨୩/୧୨ : ବଢ଼ିଲା ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଅଡୁଆ। ପୁଲିସ୍ କଲା ସମନ। ଆସନ୍ତାକାଲି ଦିନ ୧୧ଟାରେ ଥାନାରେ ହାଜର ହେବାକୁ ଦେଲା ନିର୍ଦ୍ଦେଶ। 'ପୁଷ୍ପା-୨'ର ପ୍ରିମିୟର ବେଳେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ଦଳାଚକଟାରେ ଜଣେ ୩୫ ବର୍ଷୀୟ ମହିଳାଙ୍କ ମୃତ୍ୟୁ ଘଟଣାରେ ଅଲ୍ଲୁ ଅର୍ଜୁନଙ୍କୁ ପୁଲିସ କରିଛି ସମନ। ଥାନାରେ ତାଙ୍କୁ ଏହି ଘଟଣା ନେଇ ପଚରାଉଚରା କରାଯିବ। ଗତ ୪ ତାରିଖରେ ଏହି ଘଟଣା ଘଟିଥିଲା। ସନ୍ଧ୍ୟା ଥିଏଟରକୁ 'ପୁଷ୍ପା-୨'ର ପ୍ରିମିୟର ଶୋ' ଦେଖିବାକୁ

▶▶ପୃଷ୍ଠା ୭

## ହଟିଲା କଟକଣା: ଏଣିକି ଫେଲ୍ ହେଲେ ଫେଲ୍



ନୂଆଦିଲ୍ଲୀ, ୨୩/୧୨ : ସ୍କୁଲ ଶିକ୍ଷାରେ ବଡ଼ ପରିବର୍ତ୍ତନ କରିଛନ୍ତି କେନ୍ଦ୍ର ସରକାର। ୫ମ ଓ ୮ମ ଶ୍ରେଣୀରେ ରହିଥିବା ଫେଲ୍ ନ ହେବା କଟକଣାକୁ ଆଜି ସରକାର ହଟାଇ ଦେଇଛନ୍ତି। ଯେଉଁ ପିଲାମାନେ ବାର୍ଷିକ ପରୀକ୍ଷାରେ ପାସ୍ କରିପାରିବେ ନାହିଁ, ସେମାନଙ୍କୁ ସ୍କୁଲ ପକ୍ଷରୁ ଫେଲ ଘୋଷଣା କରାଯାଇ ପାରିବ। ସେହିପରି ସେମାନେ ପରବର୍ତ୍ତୀ କ୍ଲାସକୁ ମଧ୍ୟ ଯାଇ ପାରିବେ ନାହିଁ। ତେବେ ୫ମ ଓ ୮ମ ଶ୍ରେଣୀରେ ଫେଲ ହେଉଥିବା ପିଲାମାନଙ୍କୁ ଆଉ ଗୋଟିଏ ସୁଯୋଗ ଦିଆଯିବ। ସେମାନେ ୨ ମାସ ମଧ୍ୟରେ ପୁଣି ପରୀକ୍ଷାର ସୁଯୋଗ ପାଇପାରିବେ। ଉକ୍ତ ରିଟେଷ୍ଟରେ କୃତ୍ତକାର୍ଯ୍ୟ ହେଲେ, ସେମାନେ ପରବର୍ତ୍ତୀ ଶ୍ରେଣୀକୁ ଯାଇ ପାରିବେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ସ୍କୁଲ ଗୁଡ଼ିକରେ ଏହି ନିୟମ ଲାଗୁ ହେବ। ଏନେଇ କେନ୍ଦ୍ର ଶିକ୍ଷା ସଚିବ ସଞ୍ଜୟ କୁମାର ସୂଚନା ଦେଇଛନ୍ତି। ଶିକ୍ଷା ଅଧିକାରୀ ଆଇନ ୨୦୧୯ରେ ସଂଶୋଧନ କରି ୧୬ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳର ସ୍କୁଲ ଗୁଡ଼ିକ ଫେଲ୍ ନ ହେବା କଟକଣାକୁ ହଟାଇ ଦେଇଛନ୍ତି। ସେମାନେ ମଧ୍ୟ ୫ମ ଓ ୮ମ ଶ୍ରେଣୀ ପାଇଁ ଏହି ନିୟମ ଲାଗୁ କରିଛନ୍ତି। ସରକାରୀ ବିଜ୍ଞପ୍ତିରେ

▶▶ପୃଷ୍ଠା ୭

## ରାଜଧାନୀରେ ବଡ଼ଧରଣର ଅଗ୍ନିକାଣ୍ଡ

ଭୁବନେଶ୍ୱର, ୨୩/୧୨ : ରାଜଧାନୀରେ ବଡ଼ଧରଣର ଅଗ୍ନିକାଣ୍ଡ। ଭୁବନେଶ୍ୱର ସତ୍ୟନଗରରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଗୋଦାମରେ ଲାଗିଛି ଭୟଙ୍କର ନିଆଁ। ନିଆଁ ଲିଭାଇବାକୁ ଅଗ୍ନିଶମ ବାହିନୀର ୨ଟି ଟିମ୍ ଉଦ୍ୟମ ଜାରି ରଖିଛନ୍ତି। କେମିତି ନିଆଁ ଲାଗିଲା, ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଗୋଦାମରେ ଥିବା ଅନେକ ସାମଗ୍ରୀ ନିଆଁରେ ଜଳିପୋଡି ଯାଇଛି। ଆଜି ସନ୍ଧ୍ୟାରେ ହଠାତ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଦମକାଳ ବାହିନୀର ଟିମ ପହଞ୍ଚି ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ନିଆଁ ଲିଭା କାମରେ ରୋବଟକୁ ପ୍ରଥମ ଥର ଲାଗି ବ୍ୟବହାର କରାଯାଇଛି।

## ଏନ୍‌କାଉଣ୍ଟର: ଟଳିଲେ ୩ ଖଲିସ୍ତାନୀ ଆତଙ୍କୀ





ନୂଆଦିଲ୍ଲୀ, ୨୩/୧୨ : ଉତ୍ତର ପ୍ରଦେଶର ପିଲିଭିତ୍‌ରେ ବଡ଼ ଧରଣ ଏନକାଉଣ୍ଟର ହୋଇଛି। ଖଲିସ୍ତାନୀ କମାଣ୍ଡୋ ଫୋର୍ସର ୩ ଆତଙ୍କୀ ନିହତ ହୋଇଥିବା ସୂଚନା ରହିଛି। ଘଟଣାସ୍ଥଳରୁ ଦୁଇଟି ଇକ-୪୭ ବନ୍ଧୁକ ସହ ଅନ୍ୟ ମାରଣାସ୍ତ୍ର ଜବତ କରିଛି ପୁଲିସ। ଉତ୍ତର ପ୍ରଦେଶ ପିଲ୍‌ଭିତରେ ୟୁପି ଓ ପଞ୍ଜାବ ପୁଲିସ ମିଳିତ ଭାବେ ଏହି ଏନ୍‌କାଉଣ୍ଟର କରିଛି। ଗୁରୁଦାସପୁରର ଏକ ଥାନା ଉପରେ ଏହି ୩ ଆତଙ୍କବାଦୀ ହିଁ ହମ୍‌ଲା କରିଥିଲେ। ଗ୍ରେନ୍‌ଡ୍ ମାଡ କରିବା ସହ ବୋମା ମଧ୍ୟ ଫିଙ୍ଗିଥିଲେ। ଏନ୍‌କାଉଣ୍ଟରେ ନିହତ ହୋଇଥିବା ତିନି ଆତଙ୍କବାଦୀ ହେଲେ ଗୁରବିନ୍ଦର ସିଂହ, ବୀରେନ୍ଦ୍ର ସିଂହ

▶▶ପୃଷ୍ଠା ୭

## ୟୁପିଏସସି ଠକେଇ ମାମଲା: ଗିରଫ ହେବେ କି ପୂଜା ଖେଡକର ?



ନୂଆଦିଲ୍ଲୀ, ୨୩/୧୨ : ପୂର୍ବତନ ଟ୍ରେନି ଆଇଏଏସ୍ ଅଫିସର ପୂଜା ଖେଡକରଙ୍କ ଅଡୁଆ ବଢ଼ିଛି। ୟୁପିଏସସି ଠକେଇ ମାମଲାରେ ଫସି ଆଇଏଏସ୍ ହେବାରୁ ବଞ୍ଚିତ ହୋଇଥିବା ପୂଜାଙ୍କ ଆଗୁଆ ଜାମିନ ଆବେଦନକୁ ଆଜି ଦିଲ୍ଲୀ ହାଇକୋର୍ଟ ଖାରଜ କରି ଦେଇଛନ୍ତି। ସେହିପରି ତାଙ୍କୁ ପୂର୍ବରୁ ଗିରଫଦାରୀରୁ ମିଳିଥିବା ସୁରକ୍ଷାକୁ ମଧ୍ୟ କୋର୍ଟ ହଟାଇ ଦେଇଛନ୍ତି। ତେଣୁ ୟୁପିଏସ୍‌ସି ପରୀକ୍ଷାରେ ଜାଲିଆତି କରିଥିବା ଅଭିଯୋଗରେ ଫସିଥିବା ପୂଜା ଗିରଫ ହେବାର ଆଶଙ୍କା ପ୍ରକାଶ ପାଇଛି। ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ଚନ୍ଦ୍ରଧାରୀ ସିଂହ ଆଜି ପୂଜାଙ୍କ ଆବେଦନକୁ ଖାରଜ କରି କହିଛନ୍ତି ଯେ ୟୁପିଏସ୍‌ସି ହେଉଛି ଗୋଟିଏ ପ୍ରତିଷ୍ଠିତ ପରୀକ୍ଷା। ଉଭୟ ସମାଜ ଓ ସଂଗଠନ ଉପରେ ଠକେଇର ପ୍ରଭାବ ପଡ଼ିଛି। ଏହା ପଛରେ ଥିବା ଷଡ଼ଯନ୍ତ୍ରକୁ ଉଜାଗର କରିବା ପାଇଁ ଜେରାର ଆବଶ୍ୟକତା ରହିଛି। ଏହି ମାମଲାରେ ପ୍ରଦର୍ଶିତ କରାଯାଇଥିବା ଆଚରଣରୁ ପ୍ରାଥମିକ ଭାବେ ଜଣାପଡୁଛି ଯେ ସଂଗଠନ ସହ ଛଳନା କରାଯାଇଛି। ନକଲି ଦସ୍ତାବିଜ ଦ୍ୱାରା ଫାଇଦା ହାସଲ କରିବାକୁ କେହି ବି ହକଦାର ନୁହନ୍ତି ବୋଲି ଜଷ୍ଟିସ ସିଂହ ମତ ରଖିଛନ୍ତି। ପୂଜା ଓବିସି ଓ ଦିବ୍ୟାଙ୍ଗ ସଂରକ୍ଷଣର ଅପବ୍ୟବହାର କରି ପ୍ରଶାସନିକ ସେବା ପରୀକ୍ଷାରେ ଫାଇଦା ହାସଲ କରିଥିବା ଅଭିଯୋଗ ହୋଇଥିଲା। ଏହି କାରଣରୁ କେନ୍ଦ୍ର ସରକାର ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସେପ୍ଟେମ୍ବର ୬ ତାରିଖରେ ପୂଜାଙ୍କୁ ଆଇଏସ ନିୟମ ୧୯୫୪ର ଧାରା ୧୨ ଅଧୀନରେ କେନ୍ଦ୍ର ସରକାର କାର୍ଯ୍ୟାନ୍ତର ନିର୍ଦ୍ଦେଶ ଦେଇଥିଲେ। ପୂଜା ବେଆଇନ ଭାବେ ଆଇଏଏସ୍ ପଦ ହାତେଇଥିବା ଜଣାପଡ଼ିବା ପରେ ପ୍ରଥମେ ୟୁପିଏସ୍‌ସି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଜୁଲାଇ ୩୧ରେ ୟୁପିଏସସି ପୂଜା ଖେଡକରଙ୍କ ପ୍ରୋଭିଜନାଲ ପ୍ରାର୍ଥୀତ୍ୱକୁ ବାତିଲ କରିଥିଲା ଓ ତାଙ୍କୁ ଭବିଷ୍ୟତରେ ପ୍ରଶାସନିକ ସେବାର ପରୀକ୍ଷା ଦେବାରୁ ବଞ୍ଚିତ କରିଥିଲା। ପୂଜା ଖେଡକର ପ୍ରଶାସନିକ ସେବା ପରୀକ୍ଷା ନିୟମ ୨୦୨୨କୁ ଉଲ୍ଲଙ୍ଘନ କରିଥିବାରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେ ନିଜର ନକଲି ପରିଚୟ ଦେଇ ୟୁପିଏସ୍‌ସିରେ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ପୂଜାଙ୍କ ପ୍ରାର୍ଥୀତ୍ୱକୁ ବାତିଲ କରିବା ସହ ତାଙ୍କ ବିରୋଧରେ ୟୁପିଏସ୍‌ସି ଅପରାଧିକ ମାମଲା ଚାଲୁ କରିଛି। ସେ ଠକେଇ, ଧୋକା ଓ ହେରଫେର କରିଥିବା ଅଭିଯୋଗ ହୋଇଛି। ୟୁପିଏସସିର ଏହି ନିଷ୍ପତ୍ତିକୁ

▶▶ପୃଷ୍ଠା ୭

# ଓଡ଼ିଶା ସାମ୍ବାଦିକ ୟୁନିଅନର ପ୍ରତିଷ୍ଠା ଦିବସ ସମାରୋହ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ପ୍ରୋଟେକ୍ସନ୍ , ପେନସନ, ଏବଂ ଆକ୍ରେଡେସନ ଦାବିରେ ଓଡ଼ିଶା ସାମ୍ବାଦିକ ୟୁନିଅନ୍ ବା ଓୟୁଜେର ୫୩ତମ ପ୍ରତିଷ୍ଠା ଦିବସ ସମାରୋହ ଭୁବନେଶ୍ୱର ଜୟଦେବ ଭବନରେ ପାଳିତ ହୋଇଛି । ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ବାବୁ ସିଂ ପ୍ରମୁଖ ଯୋଗ ଦେଇଥିଲେ । ସାମ୍ବାଦିକତା ଏକ ବୃତ୍ତି ନୁହେଁ ବରଂ ଏହାକୁ ଏକ ପ୍ରବୃତ୍ତି ଭାବି ସାମ୍ବାଦିକମାନେ କାମ କରିବା ଦରକାର ବୋଲି ଆଇନ୍ ମନ୍ତ୍ରୀ ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟପଟେ ନିକଟ ଭବିଷ୍ୟତରେ ଓଡ଼ିଶା ସରକାର ଗୋଟିଏ ସାମ୍ବାଦିକ ସୁରକ୍ଷା ଅଧିନିୟମ ଆଣନ୍ତୁ ଏବଂ ସେଥି ପାଇଁ ଯାହା ଆବଶ୍ୟକୀୟ ସେଥିପାଇଁ ମୁଁ ନିଜେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବି ବୋଲି ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଖାଲି ସେତିକି ନୁହେଁ ସାମ୍ବାଦିକମାନଙ୍କର ଅଧିକାର ସମେତ ସେମାନେ ନିଜ ଦାୟିତ୍ୱ ବିଷୟରେ ଜାଣିବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି । ସେହିପରି ଆକ୍ରିଡେସନ ଏକ ନିରନ୍ତର ପ୍ରକ୍ରିୟା ହୋଇଥିବା ବେଳେ ପ୍ରତିବର୍ଷ ସେ ଦିଗରେ କିଭଳି କାମ ହେବ ସେନେଇ ନୂଆ ସରକାର ସଚେତନ ଅଛନ୍ତି ଏବଂ ତାହାକୁ ଗୁରୁତର ସହ ଗ୍ରହଣ କରାଯିବ । କେବଳ ସେତିକି ନୁହେଁ ଅଟଳ ପେନସନ ଯୋଜନା ଯଦି ସାଧାରଣ ଲୋକ ପାଇଁ ହେଇ ପାରୁଛି ତେବେ ସାମ୍ବାଦିକଙ୍କୁ କାହିଁକି ପେନସନ ନମିଳିବ ବୋଲି ଧର୍ମେନ୍ଦ୍ର ପ୍ରସନ୍ନ କରିବା ସହ କିଭଳି ସାମ୍ବାଦିକମାନଙ୍କ ପାଇଁ ପେନସନ ଲାଗୁ ହେବ ଆଉ ସେଥିରେ କଣ କାର୍ଯ୍ୟ କରାଯାଇ ପାରିବ ସେ ନେଇ ମୁଁ ରାଜ୍ୟ ସରକାରଙ୍କୁ ଜଣେଇବି ବୋଲି କେନ୍ଦ୍ରମନ୍ତ୍ରୀ ନିଜ ବକ୍ତବ୍ୟରେ ସୂଚନା ଦେଇଛନ୍ତି । ଏହା ସହ ଓଡ଼ିଶାର ସାମ୍ବାଦିକମାନଙ୍କୁ ଧନ୍ୟବାଦ ଦେବ ସହ ମୁଁ ସାମ୍ବାଦିକମନଙ୍କ ପାଖେ କୃତଜ୍ଞ ବୋଲି ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି । ଏହି ଅବସରରେ କିଛି ଯୁବ ସାମ୍ବାଦିକଙ୍କ ସମେତ ଅନେକ ଜିଲ୍ଲାରୁ ଆସିଥିବା ସାମ୍ବାଦିକଙ୍କୁ ସମ୍ମାନିତ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ୪୧ତମ ଓଷ୍ଟା ଶିଶୁମେଳା ଉଦ୍‌ଯାପିତ

ବଲାଙ୍ଗୀର, ୨୩/୧୨ (ନି.ପ୍ର): ଜିଲ୍ଲାସ୍ତରୀୟ ୪୧ତମ ଓଷ୍ଟା ଶିଶୁ ମେଳା ଉଦ୍‌ଯାପିତ ହୋଇଯାଇଛି। ଓଷ୍ଟା ଜିଲ୍ଲା ସଭାପତି ଅବନୀ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବକୁ ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରି ପିଲାଙ୍କ ଅନ୍ତର୍ନିହିତ ଶକ୍ତିକୁ ଅଧିକ ବଳ ଦେବାକୁ ହେବ ବୋଲି କହିବା ସହ ପିଲାମାନଙ୍କୁ କେବଳ ଶିକ୍ଷିତ ନୁହେଁ ସେମାନଙ୍କ ମନ, ବୁଦ୍ଧି, ଦୃଷ୍ଟି, ବୃତି ଓ ସଂସ୍କାରକୁ ମଧ୍ୟ ସଭ୍ୟ, ଶାଳୀନ, ସମୃଦ୍ଧ ଓ ସୁଖଦାୟୀ କରିବା ଦରକାର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ଚନ୍ଦ୍ର ମେହେର ଛାତ୍ରସମାଜ ଯଦି ଚରିତ୍ର ଗଠନ ପ୍ରତି ଧ୍ୟାନ ଦେବେ ତା' ହେଲେ ଉପଯୁକ୍ତ ସଙ୍କଟଗୁଡ଼ିକର ସମାଧାନ ହେବା ସହିତ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଓଷ୍ଟା ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ବାବୁ, ଓଷ୍ଟା ପୂର୍ବତନ ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ଓଷ୍ଟା ରାଜ୍ୟ ସମ୍ପାଦିକା ରଂଜିତା ମିଶ୍ର, ଓଷ୍ଟା ପୂର୍ବତନ ରାଜ୍ୟ ଇସି ସଭ୍ୟ ଜଳନ୍ଧର ମହାକୁଡ଼, ରାମଗୋପାଳ ହିନ୍ଦୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅଳକା ବେହେରା ମଂଚାସୀନ ଥିଲେ। ଓଷ୍ଟା ଜିଲ୍ଲା ସମ୍ପାଦକ କୁଶଧ୍ୱଜ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

# ବିଏମସିର ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମରେ ସାମିଲ ହେଲେ ବିଦ୍ୟାଳୟ ସମୂହ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ୧୮ ତମ ପ୍ରବାସୀ ଭାରତୀୟ ଦିବସ ୨୦୨୫ ପାଇଁ ସାଧାରଣ ନାଗରିକଙ୍କଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତେ ସାମିଲ ହେଉଛନ୍ତି ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମରେ । ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ଆୟୋଜିତ ଏହି ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମରେ ଯୋଡି ହୋଇଛନ୍ତି ଭୁବନେଶ୍ୱର ବିଦ୍ୟାଳୟ ସମୂହ । ଗତ କାଲି ସୁଦ୍ଧା କ୍ଲଷ୍ଟର ସ୍ତରୀୟ ବିଦ୍ୟାଳୟଗୁଡିକରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ନୃତ୍ୟ, ସଂଗୀତ, ବକ୍ତୃତା ଓ ଚିତ୍ରାଙ୍କନ ଏହି ୪ଟି ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ଶହ ଶହ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଜାନୁଆରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ତିନି ଦିନ ଧରି ଚାଲିବାକୁ ଥିବା ପ୍ରବାସୀ ଭାରତୀୟ ଦିବସରେ ଯୋଗ ଦେବା ପାଇଁ ବିଦେଶରେ ବିଭିନ୍ନ କାମ କରୁଥିବା ୫ ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଓଡିଶା ଆସିବେ । ଏଥିପାଇଁ ବିଏମ୍ସି ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ମାନ ନିଆଯାଉଛି । ଗତକାଲି ବିଏମ୍ସିର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ପୋରେଟରଙ୍କ ତତ୍ତ୍ୱାବଧାନରେ ୱାର୍ଡସ୍ତରୀୟ ପ୍ରତିଯୋଗିତାମାନ ସଂଗଠିତ କରିବା ପାଇଁ ମାନନୀୟା ମେୟର ଶ୍ରୀମତୀ ସୁଲୋଚନା ଦାସ ଓ କମିଶନର ଶ୍ରୀ ରାଜେଶ ପ୍ରଭାକର ପାଟିଲ ଅନୁରୋଧ କରିଥିଲେ । ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ପ୍ରବାସୀ ଭାରତୀୟଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ମହାମହିମ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ମଧ୍ୟ ଆସିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି।

ଅପରପକ୍ଷେ ସିଟି ଆକ୍ଟିଭେସନ କାର୍ଯ୍ୟକ୍ରମକୁ ବିଏମ୍ସି ପକ୍ଷରୁ ଜୋରଦାର କରାଯାଇଛି । ସମଗ୍ର ମହାନଗର ନିଗମ ଅଂଚଳରେ ଥିବା ମୋଟ ବିଦ୍ୟାଳୟଗୁଡିକୁ ୧୫ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଥିଲା । ୧୫ଟି କ୍ଲଷ୍ଟରରେ ସମୁଦାୟ ୧୯୩ଟି ବିଦ୍ୟାଳୟର ୧ ହଜାର ୧୨୩ ଜଣ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ଅଂଶ ଗ୍ରହଣ କରିଥିଲେ । ଏହି ଛାତ୍ରଛାତ୍ରୀଙ୍କୁ ଦୁଇଟି ଯଥା-ସିନିୟର ଓ ଜୁନିୟର ବର୍ଗରେ ବିଭକ୍ତ କରାଯାଇ ନୃତ୍ୟ, ସଂଗୀତ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ବିଭାଗରେ ବରିଷ୍ଠ ଓ କନିଷ୍ଠ ବର୍ଗର କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟଗୁଡିକର ଶିକ୍ଷକ ଶିକ୍ଷୟତ୍ରୀମାନେ ସଂପର୍ଣ୍ଣ ସହଯୋଗ କରିଥିଲେ । ଏହି ସବୁ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ କ୍ଲଷ୍ଟର ଅଧିକାରୀମାନେ । ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏହି କାର୍ଯକ୍ରମର ନୋଡାଲ ଅଫିସର ତଥା ଡେପୁଟି କମିଶନର ଶ୍ରୀ ଅଶୋକ କୁମାର ଲେଙ୍କା ସଂଯୋଜନା କରିଥିଲେ ।

# ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ପାଇଁ ସମୀକ୍ଷା ବୈଠକ ଅନୁଷ୍ଠିତ

ପୁରୀ, ୨୩/୧୨ (ନି.ପ୍ର): ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡିଶା ଆୟୋଜନ କରୁଛି ପ୍ରବାସୀ ଭାରତୀୟ ଦିବସ। ଭୁବନେଶ୍ୱରରେ ଏହା ଆୟୋଜିତ ହେଉଥିଲେ ମଧ୍ୟ ସଂଖ୍ୟାଧିକ ପ୍ରବାସୀ ଭାରତୀୟ ମାନଙ୍କ ପାଇଁ ପୁରୀ ଆକର୍ଷଣର କେନ୍ଦ୍ର ହେବାକୁ ଯାଉଛି। ସେଥିପାଇଁ ସେମାନଙ୍କୁ ସ୍ୱାଗତ ସହ ଏକ ସୁଖଦ ଅନୁଭୂତି ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ବିଭିନ୍ନ କାର୍ଯ୍ୟ ର ସମୀକ୍ଷା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କରିଥିଲେ। ସର୍କିଟ ହାଉସ ଠାରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆସୁଥିବା ପ୍ରବାସୀ ଭାରତୀୟ ଅତିଥି ମାନଙ୍କୁ ସ୍ୱାଗତ, ସ୍ୱଚ୍ଛନ୍ଦ ରହଣୀ ସହ ସେମାନଙ୍କୁ ବିଭିନ୍ନ ପର୍ଯ୍ୟଟନ ସ୍ଥଳ ପରିଭ୍ରମଣର ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସହ କୋଣାର୍କ ସୂର୍ଯ୍ୟ ମନ୍ଦିର, ରାମଚଣ୍ଡୀ, ଚନ୍ଦ୍ରଭାଗା, ରଘୁରାଜପୁର ଓ ସାତପଡ଼ା ପ୍ରଭୃତି ଅଂଚଳକୁ ସେମାନେ ପରିଦର୍ଶନ କରିବେ। ସେମାନଙ୍କ ଭ୍ରମଣ ସମୟରେ ଶୃଙ୍ଖଳା ରକ୍ଷା, ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ସ୍ୱଚ୍ଛତା ଇତ୍ୟାଦି ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଥିଲା ତାହାର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଓ ଏସ ପି ବିନୀତ ଅଗ୍ରୱାଲ ସମୀକ୍ଷା କରିଥିଲେ। ପ୍ରବାସୀ ଭାରତୀୟ ମାନଙ୍କ ସହଯୋଗ ପାଇଁ ଓଟିଡିସି ପକ୍ଷରୁ ସହାୟତା କେନ୍ଦ୍ର ସହ ନିୟନ୍ତ୍ରଣ କକ୍ଷ ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା, ଆମ୍ବୁଲାନ୍ସ ବ୍ୟବସ୍ଥା ଇତ୍ୟାଦି କରାଯାଉଛି। କାର୍ଯ୍ୟ ଅଗ୍ରଗତି ସନ୍ତୋଷଜନକ ଓ ପ୍ରଶାସନ ପ୍ରବାସୀ ଭାରତୀୟଙ୍କ ସୁବିଧା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ ପି ବିଷ୍ଣୁ ପ୍ରସାଦ ପତି, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମିରଞ୍ଜନ ସାହୁ, ଅତିରିକ୍ତ ଉପ ଜିଲ୍ଲାପାଳ ନିଳମାଧବ ମାଝୀ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦେଇ ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ।

# ବିଭାଜନସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ

ଭୁବନ, ୨୩/୧୨ (ନି.ପ୍ର): ରେଙ୍ଗାଲି ବାମ କେନାଲ ବିଭାଜନ ସଂଖ୍ୟା ୪, ଭୁବନ ଆନୁକୂଲ୍ୟରେ ସେଚାଂଚଳ କୃଷକ ତାଲିମ କେନ୍ଦ୍ର ଠାରେ ବିଭାଜନ ସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳିତ ହୋଇଯାଇଛି। ଭୁବନ ଡିଭିଜନ ୪ ଅଧିକ୍ଷଣ ଯନ୍ତ୍ରୀ ଦୁଃଖୁ କିସ୍କିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରି କହିଥିଲେ ଯେ,ଚାଷୀ ମାନଙ୍କ ସଂଗଠନ ପାଣି ପଂଚାୟତ । ତଳ ମୁଣ୍ଡ ଚାଷୀ କିଭଳି ପାଣି ପାଇବେ ସେଥି ପାଇଁ ଜଳସଂପଦ ବିଭାଗ ର ଚେଷ୍ଟା ରହିବା ଆବଶ୍ୟକ ।

# ତୁଷୁରା ଅବକାରୀ ବିଭାଗ ୨୭କେଜି ଗଞ୍ଜେଇ ଜବତ କରିବା ସହ ୪ଜଣଙ୍କୁ ଗିରଫ କଲା

ବଲାଙ୍ଗୀର, ୨୩/୧୨ (ନି.ପ୍ର): ତୁଷୁରା ଅବକାରୀ ବିଭାଗ ଦୁଇଟି ସ୍ଥାନରେ ଚଢ଼ଉ କରି ୨୭କେଜି ଗଞ୍ଜେଇ ଜବତ କରିବା ସହ ୪ଜଣଙ୍କୁ ଗିରଫ କରିଛି। ପ୍ରଥମେ ଗୁଡଭେଲା ବ୍ଲକ କାଠଗାଁ ଛକଠାରେ ଚଢଉ କରି ଏକ ବାଇକରୁ ୧୫କେଜି ଗଞ୍ଜେଇ ଜବତ କରିଥିବାବେଳେ ଏହି ଘଟଣାରେ ମୁରିବାହାଲ ଥାନା ଅନ୍ତର୍ଗତ ଗଣ୍ଡାପଦର ଗ୍ରାମର କବିରାଜ ଲୁହା ଓ ଟିଟିଲାଗଡ଼ ଥାନା ମୁନିଗାଁର ଭାଗୀରଥ ପ୍ରଧାନୀକୁ ଗିରଫ କରାଯାଇଥିଲା। ପରେ ଗୁଡ଼ଭେଲା ପଟରୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ ଶିରାବାହାଲ ଛକଠାରେ ଏକ ବାଇକରୁ ୧୨ କେଜି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ମଧ୍ୟ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଗିରଫ ଦୁଇଜଣ ହେଲେ ପାଟଣାଗଡ଼ ଥାନା ଯୋଗୀମୁଣ୍ଡା ଗ୍ରାମର ଚୁଡ଼ାମଣି ସାହୁ ଓ ହୃଷୀକେଶ ବାଗ। ଏନେଇ ଅବକାରୀ ବିଭାଗ ୨ଟି ମାମଲା ରୁଜୁକରି ତଦନ୍ତ କରୁଛି।

# ଗାଁରେ ହାତୀ ଆତଙ୍କ: ସନ୍ଧ୍ୟା ପରଠୁ ପଡିଯାଉଛି ତାଟି କବାଟ

ସମ୍ବଲପୁର, ୨୩/୧୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ଜମନକିରା ରେଞ୍ଜ ଅଧିନସ୍ଥ ବନ୍ଧପାଲି ବିଟ୍ ଅଂଚଳରେ ଏବେ ବଣୁଆ ହାତୀପଲଙ୍କ ଉପଦ୍ରବ ବଢ଼ିବାରେ ଲାଗିଛି କ୍ଷ ବନ ବିଭାଗ ପକ୍ଷରୁ ରୁଗଣ ହାତୀ ଘଉଡ଼ାଇବା ପ୍ରୟାସ ଜାରି ରହିଥିଲେ ମଧ୍ୟ ଲୋକେ ବନବିଭାଗ ଉପରେ ଭରସା କରିନପାରି ସନ୍ଧ୍ୟା ପରେ ହାତୀ ଭୟରେ ଘରର ତାଟି କବାଟ ପକାଇ ଲୋକେ ପଦାକୁ ବାହାରୁନଥିବା ଦେଖିବାକୁ ମିଳୁଛି। ସୂଚନା ମୁତାବକ, ଗତ ୧୫ ଦିନ ହେବ ଜମନକିରା ବ୍ଲକ ଅନ୍ତର୍ଗତ ଗୁଣ୍ଡୁରୁଟୁଆ, କତରକେଳା, ଗଣ୍ଡା ଜାମୁମାଲ, ବନ୍ଧପାଲି ସହ ଆଖପାଖ ଗ୍ରାମରେ କିଛି ବଣୁଆ ହାତୀ ଆସି ଚାଷୀଙ୍କ ଅନେକ ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗି ଦେଉଥିବା ଦେଖିବାକୁ ମିଳୁଛି । ଶନିବାର ସଂହାରାପଡାରେ ଏକ ଦନ୍ତା ହାତୀ ପଶି ଆସି ଫୁଲା ସିଂ ଓ ବୀରେନ୍ଦ୍ର ସିଂ ଙ୍କ ଘର ଭାଙ୍ଗି ଚାଉଳ, ଧାନ ଖାଇ ଯାଇଥିବା ଦେଖିବାକୁ ମିଳିଛି । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ହାତୀ ପଲ ଗ୍ରାମକୁ ପଶି ଆସୁଥିବା ଯୋଗୁଁ ଏବେ ଗ୍ରାମବାସୀ ଘରୁ ବାହାରୁନାହାନ୍ତି । ଧର୍ମକୁ ଆଖିଠାର ମାରିବା ସଦୃଶ୍ୟ ବନ ବିଭାଗ ପକ୍ଷରୁ ମଧ୍ୟ ହାତୀ ଘଉଡ଼ାଇବା ପ୍ରୟାସ ଜାରି ରହିଛି । କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦେବାପାଇଁ ସାଧାରଣରେ ଦାବି ହେଉଛି ।

# ସମଗ୍ର ପଶ୍ଚିମ ଓଡ଼ିଶା ପାଇଁ ସମ୍ବଲପୁରରେ ସ୍ଥାପନ ହେଲା ଡପ୍ଲର ପାଣିପାଗ ରାଡାର

ସମ୍ବଲପୁର, ୨୩/୧୨ (ନି.ପ୍ର): ରାଜ୍ୟର ପାଣିପାଗ ବ୍ୟବସ୍ଥାକୁ ଟ୍ରାକିଂ କରିବା ପାଇଁ କାର୍ଯ୍ୟକାରୀ ରାଡାର ସିଷ୍ଟମ ଓଡ଼ିଶାର ସମ୍ବଲପୁରରେ ସି- ବ୍ୟାଣ୍ଡ ଡପ୍ଲର ପାଣିପାଗ ରାଡାର (ଡିଡବ୍ଲ୍ୟୁଆର) ସ୍ଥାପନ କରାଯାଇଛି । ଆଜି ଏହାକୁ ଉଦଘାଟନ କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ଉପକୂଳ ଓଡ଼ିଶା ତଥା ପାରାଦ୍ୱୀପ ଓ ଗୋପାଳପୁରରେ ଦୁଇଟି ଡିଡବ୍ଲ୍ୟୁଆର ଷ୍ଟେସନ ଓଡ଼ିଶାର ଉପକୂଳବର୍ତୀ ଅଂଚଳରେ କାର୍ଯ୍ୟକ୍ଷମ ହେଉଥିବା ବେଳେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗିର, ସୋନପୁର, ବୌଦ୍ଧ, ଅନୁଗୁଳ ଓ ନୂଆପଡ଼ା ଭଳି ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରିଣ ଅଂଚଳ ଏବେ ମଧ୍ୟ ଅନ୍ତର୍ଭୁକ୍ତରୁ ବଂଚିତ ରହିଛି । ସମ୍ବଲପୁରରେ ବର୍ତମାନର ସ୍ଥାପିତ ରାଡାର ବ୍ୟବସ୍ଥା ପାଣିପାଗର ଆଗୁଆ ସତର୍କ ସୂଚନା ଦେବା ସହ ହୀରାକୁଦ ଡ୍ୟାମ୍ ର ପ୍ରଭାବଶାଳୀ ଜଳ ପରିଚାଳନା ରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ସୂଚନା ଯୋଗ୍ୟ, ପାଣିପାଗ ପୂର୍ବାନୁମାନ ସଠିକତା ବୃଦ୍ଧି କରି ସି ବ୍ୟାଣ୍ଡ ରାଡାର ଜଳସେଚନ ଓ ଜଳ ବିଦ୍ୟୁତ ଉତ୍ପାଦନ ପାଇଁ ବିଶେଷ ସହାୟକ ହେବ । ଏଥିପାଇଁ ଭାରତ ପାଣିପାଗ ବିଭାଗ ପକ୍ଷରୁ ଡପ୍ଲର ରାଡାର ସ୍ଥାପନ ପାଇଁ ୧୧, ୧୦୦ ବର୍ଗଫୁଟ୍ ପରିସୀମାରେ ଏକ ୫ ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯାଉଛି । ସୂଚନା ଯୋଗ୍ୟ, ୨୦୨୩ -୧୪ ମସିହାରେ ଆରମ୍ଭ ହୋଇଥିବା ଏହି କୋଠାର ଟେଣ୍ଡର ମୂଲ୍ୟ ୨.୧୯ କୋଟି ଥିବା ବେଳେ ଅଦ୍ୟାବଧି ୧.୫୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ସେହିପରି ନୂତନ ରାଡାର ଡୋମ ଷ୍ଟ୍ରକଚର ନିର୍ମାଣ ଓ କୋଠାର ବଳକା କାର୍ଯ୍ୟ ପାଇଁ ୪.୨୦ କୋଟି ଟଙ୍କା ବ୍ୟୟବରାଦର ରାଜିନାମା ହୋଇଛି ।

# କୋଦଗାଡ଼ିଆ ପଂଚାୟତରେ ଗୋଠଛଡା ଦନ୍ତାର ଉପଦ୍ରବ : ଭାଙ୍ଗିଲା ୩ ଘର

ଚମ୍ପୁଆ, ୨୩/୧୨ (ନି.ପ୍ର): ଚମ୍ପୁଆ ରେଞ୍ଜ ଅନ୍ତର୍ଗତ କୋଦଗାଡ଼ିଆ ପଂଚାୟତରେ ଆଜି ସକାଳୁ ଏକ ଗୋଠ ଛଡ଼ା ଦନ୍ତାହାତୀ ଆତଙ୍କ ଖେଳାଇଛି। କିଛିଦିନ ହେବ ଏହି ଗୋଠ ଛଡ଼ା ଦନ୍ତାହାତୀଟି ଏହି ଅଂଚଳରେ ବିଚରଣ କରୁଥିବା ବେଳେ ଭୋର ପ୍ରାୟ ୫ଟା ସମୟରେ ମିରିଗି ସିଙ୍ଗା ଜଙ୍ଗଲ ପଟୁ ବାହାରି ପ୍ରଥମେ ମିରିଗିସିଙ୍ଗା ଗ୍ରାମର ସୁନା ରାମଙ୍କ ଘର ଭାଙ୍ଗିବା ପରେ କୋଦଗାଡିଆ ଗ୍ରାମରେ ପଶି ଗ୍ରାମର ବସନ୍ତ ନାଏକ ଓ ଉଦୟ ନାଏକଙ୍କ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇବା ସହିତ ବ୍ୟାପକ କ୍ଷୟ କ୍ଷତି ଘଟାଇବା ପରେ ପୁଣି ମିରିଗି ସିଙ୍ଗା ଜଙ୍ଗଲକୁ ଚାଲିଯାଇଛି। କୋଦଗାଡ଼ିଆ ପଂଚାୟତରେ ପଶି ଏହି ଗୋଠ ଛଡା ଦନ୍ତା ବ୍ୟାପକ କ୍ଷୟକ୍ଷତି ଘଟାଇବା ସହିତ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ଯାଇଥିବା ବେଳେ ବନ ବିଭାଗ ଗ୍ରାମବାସୀଙ୍କୁ କୌଣସି ସତର୍କ କରାଇ ନ ଥିବା ଯୋଗୁଁ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ହାତୀ ଗାଁ ଭିତରେ ପଶିବା ବେଳେ ଗ୍ରାମବାସୀ ଘର ଭିତରେ ଶୋଇଥିଲେ, ତେବେ ଘର ଭାଙ୍ଗିବା ସମୟରେ ଘରୁ ବାହାରି ଯିବା ଯୋଗୁଁ ଅଳ୍ପକେ ବର୍ତି ଯାଇଛନ୍ତି। ହାତୀଟି ସକାଳୁ ସକାଳୁ ଉତ୍ପାତ କରିବା ପରେ ପୁଣି ଥରେ ଯାଇ ମିରିଗଶିଙ୍ଗା ଜଙ୍ଗଲରେ ରହିଥିବା ବେଳେ ଏହାକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

# ଚୋରି ଘଟଣାରେ ଚାରି ଯୁବକଙ୍କୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼: ଜଣେ ମୃତ

ବାଲିଆପାଳ , ୨୩/୧୨ (ନି.ପ୍ର): ଲୁଗା ଦୋକାନରୁ ଚୋରି କରିବା ଅଭିଯୋଗ ରେ ୪ ଜଣ ଯୁବକ ଙ୍କୁ ଖୁଣ୍ଟ ରେ ବାନ୍ଧି ନିସ୍ତୁକ ପିଟିଲେ ଦୋକାନୀ ଙ୍କ ପରିବାର ଲୋକେ, ଘଟଣା ସ୍ଥଳରେ ଜଣେ ଯୁବକ ର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଙ୍କୁ ଗୁରୁତର ଅବସ୍ଥାରେ ହସପିଟାଲ ରେ ଭର୍ତ୍ତି ହୋଇଛନ୍ତି, ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସାର୍ଥା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା , ସୂଚନା ଅନୁଯାୟୀ ସାର୍ଥା ଗ୍ରାମର ଅଜୟ ଦାସ ଙ୍କ ଲୁଗା ଦୋକାନ ରୁ କିଛି ଦିନ ପୂର୍ବରୁ କିଛି ଦୁର୍ବୃର୍ତ୍ତ ତାଲା ଭାଙ୍ଗି ଚୋରି କରି ନେଇ ଥିଲେ, ଏନେଇ ସେ ଥାନା ରେ ଅଭିଯୋଗ କରିଥିଲେ ମଧ୍ୟ ଚୋର ମାନଙ୍କର କୌଣସି ସନ୍ଧାନ ମିଳି ନଥିଲା, ଆଜି ଅଜୟ ଦାସ ଏବଂ ତାଙ୍କ ଦୁଇ ପୁଅ ତାଙ୍କ ଦୋକାନ ରୁ ଚୋରି କରିଥିବା ସନ୍ଦେହରେ ଗ୍ରାମର ତ୍ରିଲୋଚନ ପ୍ରଧାନ, ସତିଶ ସିଂ, ଭାନୁ ପ୍ରଧାନ ଏବଂ ତପୁ ମହାନ୍ତି ଙ୍କୁ ରାସ୍ତା ପାର୍ଶ୍ୱ ରେ ଇଲେକ୍ଟ୍ରିକ ଖୁଣ୍ଟି ରେ ବାନ୍ଧି ଲୁହା ରଡ୍ ରେ ନିସ୍ତୁକ ପିଟି ଥିଲେ, ଘଟଣା ସ୍ଥଳରେ ତ୍ରିଲୋଚନ ଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ହୋଇ ହସପିଟାଲ ରେ ଭର୍ତ୍ତି ହୋଇଛନ୍ତି, ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇ ଥିବା ବେଳେ ଅଭିଯୁକ୍ତ ଅଜୟ ଦାସ ଏବଂ ତାଙ୍କ ପୁଅ କୁ ପୋଲିସ ଅଟକ ରଖିଛି, ମୃତକ ଙ୍କ ପରିବାର କୁ କ୍ଷତିପୂରଣ ସହ ସମସ୍ତ ଅଭିଯୁକ୍ତ ଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସମ୍ପର୍କୀୟ ।

# ବହିମଣିଷ ବିକାଶଙ୍କୁ ବହିବନ୍ଧୁ ସମ୍ମାନ



ବାସୁଦେବପୁର, ୨୩/୧୨ (ନି.ପ୍ର): ଓଡ଼ିଶାର ଜଣେ ଅନ୍ୟତମ ସଂଗ୍ରାହକ ତଥା ବହିମଣିଷ ଭାବେ ପରିଚିତ ବିକାଶ ଶତପଥୀଙ୍କୁ ବହିବନ୍ଧୁ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ଟାଇମପାସ ପ୍ରକାଶନୀ ପକ୍ଷରୁ ଗୁରୁ କେଳୁଚରଣ ସଭାଗୃହରେ ଦୁଇଦିନ ଧରି ଚାଲିଥିବା ଉତସାହିତ୍ୟର ପ୍ରଥମ ଦିବସରେ ଏହି ପୁରସ୍କାର ଶ୍ରୀ ଶତପଥୀଙ୍କୁ ପ୍ରଦାନ କରାଯାଇଛି। ନିଜର ବ୍ୟକ୍ତିଗତ ସୁଖସୁବିଧାକୁ ପଛକୁ ପକାଇ ତଥା ଜଣେ ଉଚ୍ଚଶିକ୍ଷିତ ହୋଇ ୧୯୯୦ ମସିହାରୁ ପାଠାଗାର ଆନ୍ଦୋଳନରେ ନିଜକୁ ସାମିଲ କରିଥିବା ଶ୍ରୀ ଶତପଥୀଙ୍କ ସମର୍ପଣକୁ ବରେଣ୍ୟ ଅତିଥିମାନେ ଆଜିର ଯୁବପିଢ଼ିମାନଙ୍କ ପାଇଁ ପ୍ରେରଣାଦାୟୀ ଉଦାହରଣ ଭାବେ ଅବତାରଣା କରିଥିଲେ। ହାତରୁ ମୋବାଇଲ ଛାଡ଼ି ବହି ଖଣ୍ଡିଏ ପଢ଼ିବା ପାଇଁ ଶ୍ରୀ ଶତପଥୀଙ୍କ ପ୍ରଚେଷ୍ଟାକୁ ମନେ ପକାଇ ଟାଇମପାସ ର ମୁଖ୍ୟ ସରୋଜ ବଳ ଟାଇମପାସ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରିଥିଲେ ।ଏଥିରେ ଉଦଘାଟକ ଭାବେ ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମେତ ବରିଷ୍ଠ ପ୍ରଶାସକ ତଥା କଥାକାର ତରୁଣକାନ୍ତି ମିଶ୍ର ଓ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଂଜନ ଉପସ୍ଥିତ ରହି ପୁସ୍ତକ ଆମର ପରମବନ୍ଧୁ ଉପରେ ଆଲୋଚନା କରିଥିଲେ ।ଏହି କାର୍ଯ୍ୟକ୍ରମକୁ ସାହିତ୍ୟିକ ବିଜୟ ମଲ୍ଲ ପରିଚାଳନା କରିଥିଲେ। ବାଇଚଢ଼େଇ ର ସମ୍ପାଦକ ବିକାଶ ଶତପଥୀଙ୍କୁ ଏହି ପୁରସ୍କାର ମିଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଜମନକିରା ମହାବିଦ୍ୟାଳୟର ଦ୍ୱିଦିବସୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ସମ୍ବଲପୁର, ୨୩/୧୨ (ନି.ପ୍ର): ଜମନକିରା ମହାବିଦ୍ୟାଳୟର ପ୍ରଥମ ଦିବସର ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ପଟେଲ ମଶାଲ ଜଳାଇ କ୍ରୀଡ଼ାର ମହତ୍ୱ ସମ୍ବନ୍ଧରେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ମହାବିଦ୍ୟାଳୟର ଖେଳ ଶିକ୍ଷକ ଶ୍ରୀ ରଞ୍ଜନ ମହାକୁଳଙ୍କ ସଙ୍ଗେ ସଙ୍ଗେ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଶ୍ରୀ ପ୍ରଦୀପ ପଟେଲ, ଶ୍ରୀ ନାରାୟଣ ପ୍ରଧାନ ଓ ଦିପକ କିସାନ କ୍ରୀଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଶ୍ରୀ ପ୍ରଦୀପ ପଣ୍ଡା, ଓଡ଼ିଆ ଅଧ୍ୟାପିକା ଡଃ ତୃପ୍ତି ମିଶ୍ର, ଶିକ୍ଷା ଅଧ୍ୟାପିକା ଅରୁଣା ମିଶ୍ର, ରାଜନୀତି ବିଜ୍ଞାନ ଅଧ୍ୟାପକ ଶ୍ରୀ ମନମୋହନ ଜୟବିକାଶ ବାଘ ଓ ସିଦ୍ଧାନ୍ତ ସାହୁ ପ୍ରମୁଖ ଏବଂ ଯୁକ୍ତଦୁଇ ମହାବିଦ୍ୟାଳୟର ଗଣିତ ଅଧ୍ୟାପକ ସତ୍ୟ ନାରାୟଣ ପଟ୍ଟନାୟକ, ରାଜନୀତି ବିଜ୍ଞାନ ଅଧ୍ୟାପିକା ଅଙ୍କିତାରାଣୀ କର୍ଣ୍ଣ, ଇତିହାସ ଅଧ୍ୟାପକ ଭାବଗ୍ରାହୀ ବାର୍ଗେ ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ସୁଚାରୁରୂପେ ସମ୍ପାଦନା କରିବାରେ ସହାୟତା କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଜମନକିରା ଡିଗ୍ରୀ ମହାବିଦ୍ୟାଳୟର ସଭାପତି ଶ୍ରୀ ତେଜରାମ ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ସଙ୍ଗେ ସଙ୍ଗେ ସେ ତାଙ୍କ ଉଦବୋଧନରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କୃତି ଛାତ୍ରଛାତ୍ରୀମାନଙ୍କୁ ଅଧ୍ୟକ୍ଷ, ଖେଳ ଶିକ୍ଷକ ଗଣ ତଥା ସମସ୍ତ ଅଧ୍ୟାପକ, ଅଧ୍ୟାପିକାଗଣ ପୁରସ୍କାର ବିତରଣ କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଯୁକ୍ତ ଦୁଇ ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷ ଛାତ୍ର ମଂଟୁ ନାଏକ, ପ୍ରଥମ ବର୍ଷ ଛାତ୍ରୀ ଲତିକା ଛତ୍ରିଆ ଏବଂ ଯୁକ୍ତ ତିନି ମହାବିଦ୍ୟାଳୟର ଶେଷ ବର୍ଷର ଛାତ୍ର ମନୀଷ ଧୁରୁଆ ଏବଂ ପ୍ରଥମ ବର୍ଷର ଛାତ୍ରୀ ମିତା ମହାକୁଳ ଚାମ୍ପିଅନ ହୋଇଥିଲେ।

# ଗୋଚର ଜମିରେ ବେଆଇନ୍ ନିର୍ମାଣ ବିରୁଦ୍ଧରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ଆନ୍ଦୋଳନ ଆରମ୍ଭ

ଜଳେଶ୍ୱର, ୨୩/୧୨ (ନି.ପ୍ର): ରାଇବଣିଆ ଅଞ୍ଚଳରେ ଗୋଚର ଜମିରେ ବେଆଇନ୍ ନିର୍ମାଣ କରିବା ବିରୁଦ୍ଧରେ ଅଭିଯୋଗକାରୀ ଜଳେଶ୍ୱର ବ୍ଲକ୍ ଅନ୍ତର୍ଗତ ଶ୍ୟାମ ନଗର ପଞ୍ଚାୟତର କୁଶଗଡ ଗ୍ରାମର ଶଙ୍କର ହେମ୍ବ୍ରମ୍ ଓ ଖୁଆଡ ପଞ୍ଚାୟତର ମହୁଡୁମା ଗ୍ରାମର ଅନନ୍ତ କୁମାର ଦାସ ଆଜି ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆନ୍ଦୋଳନରେ ବସିଛନ୍ତି। ଉଭୟ ଏହି ବେଆଇନ ନିର୍ମାଣ ସମ୍ପର୍କରେ ସ୍ଥାନୀୟ ପୋଲିସ ଠାରୁ ଆରମ୍ଭ କରି ଜିଲ୍ଲାପାଳ, ଏସ.ପି, ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଥିଲେ ମଧ୍ୟ ଅଦ୍ୟାବଧି କୌଣସୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଆଡ ଗ୍ରାମ ପଞ୍ଚାୟତର ପୁରୁଣାପାଣି ମୌଜାର ମହୁଡୁମା ଗ୍ରାମରେ ଥିବା ଖାତା୬୩୪ ପ୍ଲଟ ନମ୍ବର ୧୨୯ ଓ ଖାତା ନମ୍ବର ୨୩୪ ପ୍ଲଟ ନମ୍ବର ୧୩୫ ୧୯ଏକର ଉର୍ଦ୍ଧ୍ୱ ଗୋଚର ଜମି ଏବେ ଜବର ଦଖଲକାରିଙ୍କ କବଜାରେ ଥିବା ବେଳେ ବଡ ବଡ କୋଠା ନିର୍ମାଣ ଚାଲିଛି ।ଠିକ୍ ସେହିପରି ଶ୍ୟାମନଗର ଗ୍ରାମ ପଞ୍ଚାୟତର ବେଗୁନିଆ ମୌଜାର କୁଶଗର୍ଡ ଗ୍ରାମର ଖାତା ନମ୍ବର ୧୦୭୮ ପ୍ଲଟ ୩୬୬୨ ଗ୍ରାମ୍ୟ ଜଙ୍ଗଲ ଜମିକୁ ଲାଗିଥିବା ୧୨୫ ଡିସିମିଲ୍ ଗୋଚର ଜମିକୁ ଜବର ଦଖଲକାରୀ ବେଆଇନ୍ ଭାବେ କୁକୁଡା ଫାର୍ମ ନିର୍ମାଣ କରିବା ସମ୍ପର୍କରେ ଅଭିଯୋଗ କାରୀ ପୂର୍ବରୁ ସେମାନଙ୍କର ଅଭିଯୋଗ ପତ୍ର ତହସିଲ ଠାରୁ ଆରମ୍ଭ କରି ଜିଲାପାଳ ଓ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇ ଥିଲେ ମଧ୍ୟ ଅଦ୍ୟାବଧି ଉକ୍ତ ଗୋଚର ଜମିରୁ ଜବରଦଖଲ ଉଚ୍ଛେଦପାଇଁ ପଦକ୍ଷେପ ଗ୍ରହଣ କରାଯାଇନ ଥିବାରୁ ଆଜି ସକାଳ ୧୦ ଘଟିକା ସମୟରେ ଜଳେଶ୍ୱର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି ଓ ମହୁଡୁମା ଗ୍ରାମର ଅନନ୍ତ ଦାସ ଓ କୁଶଗଡ ଗ୍ରାମର ଶଙ୍କର ହେମ୍ବ୍ରମ୍ ଆମରଣ ଅନଶନରେ ବସିଥିବା ବେଳେ ଏହି ପରି ବେଆଇନ୍ ଜବର ଦଖଲ କାରୀଙ୍କୁ ଉଚ୍ଛେଦ କରିବାକୁ ସମାଜସେବୀ ରାଜୀବ ପରିଡ଼ା, ଗୋପାଳ କୃଷ୍ଣ ଜେନା, କାର୍ତ୍ତିକ ଚନ୍ଦ୍ର ଖୁଣ୍ଟିଆ, ଅଶୋକ ଜେନା, ସୁଦାମ ପାତ୍ର ପ୍ରମୁଖ ଅନଶନରେ ସାମିଲ ହୋଇ ସମର୍ଥନ ଜଣାଇଥିଲେ ଏବଂ ଆଗାମୀ ଜାନୁଆରୀ ୫ ୨୦୨୫ ରେ ନାମ୍ପ ବଜାରଗୋପାଳ କୃଷ୍ଣ ଜେନା ଉପରେ ଥିବା ଗୋଚର ଜମିକୁ ଜବରଦଖଲ ଉଚ୍ଛେଦପାଇଁ ଗୋପାଳ କୃଷ୍ଣ ଜେନା ଆଜି ତହସିଲ୍ ଦାରଙ୍କୁ ଭେଟି ଲିଖିତ ଭାବେ ଜଣାଇ ଅଛନ୍ତି ଏ ନେଇ ଆମେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କଠାରୁ ମତାମତ ନେବାରୁ ସେ କହିଥିଲେ କି ଆମେ ସରକାରୀ ଜମି ଜବରଦଖଲ କାରୀଙ୍କ ବିରୁଦ୍ଧରେ ତଦନ୍ତ କରି ଉଚ୍ଛେଦ ବାବଦରେ କାର୍ଯ୍ୟାନଷ୍ଠାନ ନିଆଯିବ।

# ରାତିରେ ଶୋଇବାରେ ହେଉଛି କି ଅସୁବିଧା: ମାନନ୍ତୁ ଏହି ୫ଟି ଟିପ୍ସ, ବେଡ୍‌କୁ ଯାଉ ଯାଉ ହେବ ନିଦ



**ଅନେକ ଅଛନ୍ତି ରାତିରେ ଶୋଇବା ପାଇଁ ବହୁତ ସଂଘର୍ଷ କରନ୍ତି। ବେଡ୍‌ରେ ଯେତେ ଏପଟ ସେପଟ ହେଲେ ବି ନିଦ ହୁଏନି। ତେବେ ଏମିତି କିଛି ଘରୋଇ ଉପାୟ ଅଛି ଯାହାକୁ ଆପଣେଇବା ଦ୍ୱାରା ବେଡ୍‌କୁ ଯାଉ ଯାଉ ହେଇଯିବ ନିଦ। ଆସନ୍ତୁ ଜାଣିବା...**



ଆମ ମଧ୍ୟରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ରାତିରେ ଶୀଘ୍ର ଶୋଇପାରୁ ନାହାଁନ୍ତି। ଖରାପ ରୁଟିନ୍ ଯୋଗୁଁ, ରାତିସାରା ଜାଗ୍ରତ ରହିବା ଏବଂ ଦିନସାରା ଶୋଇବା ସମସ୍ୟାର ସମ୍ମୁଖୀନ ହେବାକୁ ପଡେ। ଆଜି ଆମେ ଆପଣଙ୍କ ସହିତ ଏହିପରି କିଛି ଟିପ୍ସ ଶେୟାର୍ କରିବୁ, ଯାହା ଆପଣଙ୍କୁ ରାତିରେ ଶୀଘ୍ର ଶୋଇବାରେ ସାହାଯ୍ୟ କରିବ ଏବଂ ଆପଣଙ୍କ ଜୀବନଶୈଳୀ ସୁସ୍ଥ ହୋଇଯିବ।

ରାତିରେ ଶୀଘ୍ର ଶୋଇବା ପାଇଁ ଆପଣ କିଛି ଘରୋଇ ଆୟୁର୍ବେଦିକ ପଦ୍ଧତି ଗ୍ରହଣ କରିପାରିବେ। ଶୋଇବା ପୂର୍ବରୁ ଗରମ ପାଣିରେ ସ୍ନାନ କରିବା ଏବଂ ଗରମ ପାଣି ପିଇବାର ଅଭ୍ୟାସ କରନ୍ତୁ। ଏହା ବ୍ୟତୀତ ଆପଣ ତୁଳସୀ ରସ ମଧ୍ୟ ପିଇପାରିବେ। ସ୍ନାନ ଶରୀରକୁ ଆରାମ ଦେଇଥାଏ ଏବଂ ଭଲ ନିଦ କରେଇଥାଏ। ଏହା ବ୍ୟତୀତ ଆପଣ କେବଳ ଆପଣଙ୍କର ପାଦ, ହାତ ଏବଂ ପାଟିକୁ ଗରମ ପାଣିରେ ଧୋଇପାରିବେ।

କଫିନ୍ ଏବଂ ମଦ୍ୟପାନରୁ ଦୂରେଇ ରୁହନ୍ତୁ:
ଶୋଇବା ପୂର୍ବରୁ କଫିନ୍ ଏବଂ ମଦ୍ୟପାନରୁ ଦୂରେଇ ରହିବା ଉଚିତ। କଫିନ୍ ଆପଣଙ୍କ ନିଦ ହଜେଇ ଦେଇଥାଏ। ଶୋଇବାର ୪-୫ ଘଣ୍ଟା ପୂର୍ବରୁ ଆପଣ ଏହା ଖାଇପାରିବେ। କଫିନ୍ ହେଉଛି ଏମିତି ଏକ ପାନୀୟ ଯାହା ଆପଣଙ୍କୁ ଶକ୍ତି ଯୋଗାଇଥାଏ ଏବଂ ଆପଣଙ୍କୁ କ୍ଳାନ୍ତ ଅନୁଭବ କରାଏ ନାହିଁ, ଯେଉଁ କାରଣରୁ ଆପଣଙ୍କ ନିଦ ପ୍ରଭାବିତ ହୁଏ।

ପୋଦିନା ଚା':
ପୋଦିନା ଚା' ସୁଖନିଦ୍ରା ଦେବାରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଏହାର ଅନେକ ଲାଭ ମଧ୍ୟ ଅଛି। ଏହି ଚା' ହଜମ ଶକ୍ତିକୁ ଉନ୍ନତ କରିଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ।
ଯଦି ଥଣ୍ଡା ଏବଂ କାଶ ଭଳି ସମସ୍ୟା ଅଛି ତେବେ ଏଥିରୁ ଆରାମ ମିଳେ। ପୋଦିନା ଚା' ତିଆରି କରିବା ପାଇଁ, ୧ କପ୍ ପାଣିରେ କିଛି ପୋଦିନା ପତ୍ର ମିଶାଇ ଏହାକୁ ୫ ମିନିଟ୍ ପାଇଁ ଫୁଟାନ୍ତୁ। ଏହା ପରେ ଆପଣ ଏଥିରେ ମହୁ ଏବଂ ଲେମ୍ବୁ ରସ ମିଶାଇ ପାରିବେ।

ସୋରିଷ ତେଲ ମାଲିସ୍:
ଶୀଘ୍ର ନିଦ ହେବା ପାଇଁ, ଆପଣ ସୋରିଷ ତେଲ ମସାଜ୍ କରିପାରିବେ। ଆପଣଙ୍କ ଚୁଟିରେ ତେଲ ଲଗାଇ ଆପଣ ଏହାକୁ ମାଲିସ୍ କରିପାରିବେ। ଏହା ବ୍ୟତୀତ ଆପଣ ଉଷୁମ ସୋରିଷ ତେଲରେ ପାଦକୁ ମଧ୍ୟ ମାଲିସ୍ କରିପାରିବେ।

ଏହି ଗୁରୁତ୍ୱପୂର୍ଣ୍ଣ ଜିନିଷ ପ୍ରତି ଧ୍ୟାନ:
ଫୋନ୍, ଲାପ୍‌ଟପ୍ କିମ୍ବା ଟିଭି ଠାରୁ ଦୂରରେ ରୁହନ୍ତୁ
ବିଳମ୍ବିତ ରାତିରେ ଖାଦ୍ୟ ଖାଆନ୍ତୁ ନାହିଁ
କୋଠରୀକୁ ଅନ୍ଧାର କରି ଶୋଇବା
ଚୁଟିକୁ ମାଲିସ୍ କରିବାକୁ ନିଶ୍ଚିତ କରନ୍ତୁ

# ଏହି ପତ୍ରର ରସ ପିଇଲେ ସଫା ହୁଏ ଗଳା: ଏଥିରେ ଫେସିଆଲ୍ କଲେ ଚମକିବ ତ୍ୱଚା



ଏମିତି ଅନେକ ପତ୍ର ଅଛି ଯାହାକୁ ଆମେ ଖାଇବାରେ ବ୍ୟବହାର କରିଥାଉ। ସେଥିମଧ୍ୟରୁ ପୋଦିନା ପତ୍ର ଅନ୍ୟତମ। ଏହାକୁ ଚଟଣି ସହ ସାଲାଡ୍, ରାଇତା ଓ ବିରିଆନି ଆଦି ଖାଦ୍ୟରେ ଆଗ ଖୋଜା ପଡ଼େ। ଏହାର ବାସ୍ନା ସହ ସ୍ୱାଦ ନିଶ୍ଚିତ ଭାବେ ନିଆରା। ପେଟର ବିଭିନ୍ନ ସମସ୍ୟାକୁ ଠିକ୍ କରୁଥିବା ଏହି ଉପକାରୀ ଉଦ୍ଭିଦର ଅନେକ ଔଷଧୀୟ ଗୁଣ ରହିଛି। ପୋଦିନା ଆଣ୍ଟିବାୟୋଟିକ୍ ଔଷଧର କାର୍ଯ୍ୟ ତୁଲାଇବା ସହ ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ।

ଥଣ୍ଡା ରୋଗରେ ନିୟମିତ ପୀଡ଼ିତ ହେଉଥିଲେ ପୋଦିନା ରସରେ ଗୋଲମରିଚ ଏବଂ ବିଟ୍‌ଲୁଣ ପକାଇ ତାକୁ ଚା' ଭଳି ଫୁଟାଇ ପିଇବା ଦ୍ୱାରା ଏହି ରୋଗରୁ ଆରୋଗ୍ୟ ମିଳିଥାଏ। ଆପଣଙ୍କୁ ଯଦି ବାରମ୍ବାର ହାକୁଟି ଆସୁଥାଏ ତ ଏହାର ପତ୍ରକୁ ଚୋବାଇ ଖାଇବା ଦ୍ୱାରା ହାକୁଟିକୁ ନିୟନ୍ତ୍ରଣ କରାଯାଇପାରେ।

ଏହା ଛଡ଼ା ଖଣ୍ଡିଆଖାପରାରେ ବି ଏହି ପତ୍ରକୁ ବ୍ୟବହାର କରାଯାଇପାରେ। କୌଣସି ସ୍ଥାନ ମାଡ଼ ହେଇ କ୍ଷତ ସୃଷ୍ଟି ହୋଇଥିଲେ ସେହି ସ୍ଥାନରେ ତାଜା ପୋଦିନା ପତ୍ରକୁ ଦଳି ତା'ର ରସ ଲଗାଇଦେଲେ ତାହା ତୁରନ୍ତ ଶୁଖିଯାଏ। ସେହିପରି ଶରୀର କୁଣ୍ଡେଇ ହେଇ ଫଳି ଯାଉଥିଲେ କିମ୍ବା ଅନ୍ୟାନ୍ୟ ଚର୍ମରୋଗ ଥିଲେ ତାଜା ପୋଦିନା ପତ୍ରକୁ ନେଇ ତାକୁ ଭଲ ଭାବେ ଛେଚି ଦିଅନ୍ତୁ, ଏହାକୁ ପ୍ରଭାବିତ ତ୍ୱଚାରେ ଲଗାନ୍ତୁ। ପୋଦିନା ରସକୁ ମିଶାଇ ସେଥିରେ କୁଳି କରିବା ଦ୍ୱାରା ସ୍ୱରରେ ସ୍ୱଚ୍ଛତା ଆସେ। ଗଳା ବସିଥିଲେ ତାହା ସାଧାରଣ ଅବସ୍ଥାକୁ ଫେରିଆସେ।



ଆପଣଙ୍କର ତ୍ୱଚା ଯଦି ତେଲିଆ ହୋଇଥାଏ ତେବେ ପୋଦିନାରୁ ପ୍ରସ୍ତୁତ ଫେସିଆଲ୍ ଆପଣଙ୍କ ପାଇଁ ଖୁବ୍ ଭଲ ସାବ୍ୟସ୍ତ ହେବ। ଭଲ ଭାବେ ପେଷା ଯାଇଥିବା ଦୁଇ ବଡ଼ ଚାମଚ ପୋଦିନା ପତ୍ର ଦୁଇ ଚାମଚ ଦହି ଏବଂ ଗୋଟେ ବଡ଼ ଚାମଚ ଓଟ୍‌ମିଲ୍-ଏସବୁକୁ ନେଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ନିଜ ଶରୀରରେ ଲଗାନ୍ତୁ। ପନ୍ଦର ମିନିଟ୍ ଛାଡ଼ି ଦିଅନ୍ତୁ। ଏହାପରେ ତାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହରେ ଅତିକମ୍‌ରେ ଦୁଇଥର ଏପରି କରିବା ଦ୍ୱାରା ତେଲିଆ ତ୍ୱଚାର ସାଧାରଣ ଅବସ୍ଥା ଫେରିପାଏ। ତ୍ୱଚା ସୁସ୍ଥ ଓ ସୁନ୍ଦର ରହେ।

# ଦାନ୍ତବିନ୍ଧାର ଘରୋଇ ଉପଚାର



ଦାନ୍ତବିନ୍ଧା ଏମିତି ଏକ ଯନ୍ତ୍ରଣା ଯାହା ଲିଙ୍ଗ, ବୟସ, ଧନୀ-ଗରିବ ନିର୍ବିଶେଷରେ ଯେ କୌଣସି ପରିସ୍ଥିତିରେ ଅପ୍ରତ୍ୟାଶିତ ଭାବେ ଉପୁଜିପାରେ। ସେଥିରୁ ମୁକୁଳିବା କେତେ କଷ୍ଟକର, ତାହା ଯିଏ ଭୋଗିଛି ସେ ହିଁ କେବଳ କହିପାରିବ। ଦାନ୍ତବିନ୍ଧାର ସାଧାରଣ କାରଣଗୁଡ଼ିକ ହେଲା- ସଂକ୍ରମଣ, ଦନ୍ତକ୍ଷୟ, ମାଢ଼ିଫୁଲା ଓ ଦାନ୍ତମୂଳ ବାହାରକୁ ଦିଶିବା। ଏପରି କିଛି ଘରୋଇ ଉପଚାର ରହିଛି ଯାହା ଦାନ୍ତ ଯନ୍ତ୍ରଣା ଲାଘବ କରିବାରେ ସକ୍ଷମ। ଏକ ଅତି ସରଳ ଉପଚାର ହେଲା ଲୁଣପାଣିରେ କୁଳୁକୁଞ୍ଚା କରିବା। ଲୁଣ ହେଉଛି ଏକ ପ୍ରାକୃତିକ ସଂକ୍ରମଣ-ବିରୋଧୀ ଯାହା ପ୍ରଦାହ, ଫୁଲା ଓ ଦାନ୍ତମୂଳରେ ବୀଜାଣୁ ଉପସ୍ଥିତିକୁ କମାଇଦେଇଥାଏ। କୌଣସି ସଂକ୍ରମଣ କି ମାଢ଼ିଫୁଲା ଯୋଗୁଁ ଦାନ୍ତବିନ୍ଧା ହେଉଥିଲେ, ଲୁଣପାଣି ଭଲ କାମ କରେ। ଲବଙ୍ଗ ତେଲ ଦାନ୍ତବିନ୍ଧାର ଏକ ଲୋକପ୍ରିୟ ଉପଚାର। ଲବଙ୍ଗରେ 'ୟୁଜିନଲ୍' ନାମକ ପ୍ରାକୃତିକ ନିଶ୍ଚେତକ ତଥା ବୀଜାଣୁବିରୋଧୀ ଉପାଦାନ ରହିଛି, ଯାହା ଯନ୍ତ୍ରଣା ଓ ପ୍ରଦାହ କମାଇପାରିବ। ଲବଙ୍ଗ ତେଲ ନଥିଲେ ଦାନ୍ତମୂଳରେ ଗୋଟିଏ ଲବଙ୍ଗ ରଖିଲେ ଅନୁରୂପ ଫଳ ମିଳିପାରିବ। ପିଜୁଳିପତ୍ରର ପ୍ରଦାହବିରୋଧୀ ତଥା ବୀଜାଣୁବିରୋଧୀ ଗୁଣ ରହିଛି। ତେଣୁ କିଛି ସଜ ପିଜୁଳିପତ୍ରକୁ ଚୋବାଇଲେ ପାଟିରେ ଥିବା ବୀଜାଣୁଙ୍କର ମୃତ୍ୟୁ ଘଟି ଦାନ୍ତବିନ୍ଧା କମିଥାଏ। ରସୁଣରେ ଥିବା 'ଆସିଲିନ୍' ନାମକ ରସାୟନ ପ୍ରଦାହବିରୋଧୀ ତଥା ବୀଜାଣୁବିରୋଧୀ ହୋଇଥିବାରୁ ଦୁଇ ପାଖୁଡ଼ା ରସୁଣ ଚୋବାଇଲେ ମଧ୍ୟ ଦାନ୍ତବିନ୍ଧାରୁ ଉପଶମ ମିଳିପାରିବ। ହଳଦୀରେ ଥିବା 'କର୍କ୍ୟୁମିନ୍' ନାମକ ରାସାୟନିକ ପଦାର୍ଥ ପ୍ରଦାହ କମାଇବା ସହ ସଂକ୍ରମଣରୁ ରକ୍ଷା କରିଥାଏ। ଗୋଟା ହଳଦୀକୁ ବାଟି କିମ୍ବା ହଳଦୀଗୁଣ୍ଡରେ ପାଣି ମିଶାଇ ଏକ ମୋଟା ପ୍ରଲେପ ପ୍ରସ୍ତୁତ କରି ତାହାକୁ ପ୍ରଭାବିତ ଦାନ୍ତରେ ମାରିଲେ ଯନ୍ତ୍ରଣାରୁ ମୁକ୍ତି ମିଳିପାରିବ। ଦାନ୍ତ ପାଖରେ ବରଫ ପ୍ରୟୋଗ କରି ଯନ୍ତ୍ରଣା କମାଇହେବ। ଏହା ଯନ୍ତ୍ରଣା ସୃଷ୍ଟି କରୁଥିବା ସ୍ନାୟୁକୁ ଶିଥିଳ କରାଇ ଦାନ୍ତ ବିନ୍ଧା ହ୍ରାସ କରିଥାଏ।

# ପାଣ୍ଡବମାନେ କିପରି କରୁଥିଲେ ଉପବାସ; ଭାଙ୍ଗିବା ପରେ କ'ଣ ଖାଉଥିଲେ

*ମହାଭାରତ ସମୟରେ ପାଣ୍ଡବମାନେ ମଧ୍ୟ ଉପବାସ ପାଳୁଥିଲେ। ସେମାନେ କିପରି ଉପବାସ କରୁଥିଲେ, କିପରି ଉପବାସ ଭାଙ୍ଗୁଥିଲେ, ସେମାନଙ୍କର ଡାଏଟ୍ କ'ଣ ଥିଲା ତାହା ଆପଣ ଜାଣନ୍ତି କି ? ଆସନ୍ତୁ ସେ ବିଷୟରେ ଜାଣିବା। ଉପବାସ ରଖିବା ପ୍ରାଚୀନ ଭାରତୀୟ ପରମ୍ପରାର ଏକ ଅତ୍ୟାବଶ୍ୟକ ଅଂଶ। ପୂର୍ବରୁ, ଆମ ଜୀବନର ପ୍ରତ୍ୟେକ ବିଶେଷ ଉତ୍ସବ, ପର୍ବ ଏବଂ ଗୁରୁତ୍ୱପୂର୍ଣ୍ଣ ଦିନରେ ଉପବାସ ପାଳନ କରାଯାଉଥିଲା। ମହାଭାରତ ସମୟରେ ପାଣ୍ଡବମାନେ ମଧ୍ୟ ଉପବାସ ପାଳୁଥିଲେ। ସେମାନେ କିପରି ଉପବାସ କରୁଥିଲେ, କିପରି ଉପବାସ ଭାଙ୍ଗୁଥିଲେ, ସେମାନଙ୍କର ଡାଏଟ୍ କ'ଣ ଥିଲା ତାହା ଆପଣ ଜାଣନ୍ତି କି ?*

*ଏହି ଲେଖା ମାଧ୍ୟମରେ, ଆମେ ଆପଣଙ୍କୁ କହିବୁ ପାଣ୍ଡବ ପାଞ୍ଚ ଭାଇ କିପରି ଉପବାସ କରୁଥିଲେ ଆଉ ଭାଙ୍ଗୁଥିଲେ ତାହା ଜଣାଇବୁ। ତେବେ ଆସନ୍ତୁ ଏପରି କଠିନ ଉପବାସ କାହିଁକି ପାଳନ କରାଯାଏ ଏବଂ ଏଥିରେ କଣ ଫଳ ମିଳେ ସେ ବିଷୟରେ ଜାଣିବା।*



କେଉଁଦିନ ରଖୁଥିଲେ ଉପବାସ:
ପାଣ୍ଡବ ଭାଇମାନେ ବିଶେଷ କରି ଏକାଦଶୀ ଦିନ ଉପବାସ କରୁଥିଲେ। ସେମାନଙ୍କର ସବୁଠାରୁ ଉଲ୍ଲେଖନୀୟ ଉପବାସ ହେଉଛି ନିର୍ଜଳା ଏକାଦଶୀ। ଏହାର କେବଳ ବିଶେଷ ମହତ୍ତ୍ୱ ନାହିଁ ବରଂ ଏହାର କଠୋର ନୀତି-ନିୟମ ମଧ୍ୟ ରହିଛି।

ସବୁଠାରୁ କଠିନ ବ୍ରତ କ'ଣ ଥିଲା:
ନିର୍ଜଳା ଏକାଦଶୀ ଉପବାସ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ସମୟରେ ହୋଇଥାଏ। ଏହା ସାଧାରଣତଃ ମେ' ମାସ ଶେଷ କିମ୍ବା ଜୁନ୍ ପ୍ରାରମ୍ଭରେ ପଡେ। ଏହା ସବୁଠାରୁ ଚ୍ୟାଲେଞ୍ଜିଂ ଉପବାସ ମଧ୍ୟରୁ ଗୋଟିଏ। ଏଥିରେ ଉପବାସ କରୁଥିବା ବ୍ୟକ୍ତି ଏକାଦଶୀର ସୂର୍ଯ୍ୟୋଦୟ ଠାରୁ ଦ୍ୱାଦଶୀର ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ (୨୪ ଘଣ୍ଟା) ଉଭୟ ଖାଦ୍ୟ ଏବଂ ଜଳରୁ ଦୂରେଇ ରୁହନ୍ତି। ପାଣ୍ଡବମାନେ ଏଭଳି କଷ୍ଟସାଧ୍ୟ ଉପବାସ ପାଳନ କରୁଥିଲେ।

କିପରି ଭାଙ୍ଗୁଥିଲେ ଉପବାସ:
ଏହି ଉପବାସକୁ ପାରମ୍ପରିକ ଭାବରେ ଦ୍ୱାଦଶୀରେ ସୂର୍ଯ୍ୟୋଦୟ ପରେ ଏକ ସରଳ ଭୋଜନ ସହିତ ଭଙ୍ଗାଯାଏ, ଯାହା ସାଧାରଣତଃ ଫଳ କିମ୍ବା ହାଲୁକା ଶାକାହାରୀ ଖାଦ୍ୟକୁ ନେଇ ଗଠିତ। ନିୟମିତ ଖାଇବା ଅଭ୍ୟାସକୁ ଫେରିବା ପାଇଁ ଭାରୀ କିମ୍ବା ଗରିଷ୍ଠ ଖାଦ୍ୟକୁ ଏଡାଇ ଦିଆଯାଉଥିଲା, ଅର୍ଥାତ୍ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟକୁ ଦୂରରେ ରଖାଯାଏ।

ଉପବାସ ପରେ ପାଣ୍ଡବଙ୍କ ସାଧାରଣ ଖାଦ୍ୟ କ'ଣ ଥିଲା:
ମହାଭାରତ ଏବଂ ଅନ୍ୟାନ୍ୟ ଗ୍ରନ୍ଥଗୁଡ଼ିକର ସନ୍ଦର୍ଭ ଅନୁଯାୟୀ, ଏହି ଉପବାସ ପରେ ଯୁଧିଷ୍ଠିର ଖିରି ଖାଇବାକୁ ପସନ୍ଦ କରୁଥିଲେ, ଯାହା ଚିନି କିମ୍ବା ଗୁଡରେ କ୍ଷୀରରେ ଫୁଟାଯାଇଥିବା ଚାଉଳରେ ତିଆରି ଏକ ମିଠା ଖାଦ୍ୟ ଥିଲା।
ଏହା ସହିତ ପାଣ୍ଡବମାନେ ଚାଉଳ କିମ୍ବା ଯଅରେ ନିର୍ମିତ ଗୋଲାକାର ପିଠା ଖାଉଥିଲେ, ଯାହାକୁ ଘିଅରେ ସେକାଯାଉଥିଲା।
ସେମାନେ ଖିର ଭଳି ଆଉ ଏକ ଖାଦ୍ୟ ସମ୍ପୂର୍ଣ୍ଣ ରୂପେ ଚାଉଳ ଏବଂ ଗୁଜୁରାତି ଏବଂ କେସର ପରି ମସଲା ସହିତ ତିଆରି କରି ଖାଉଥିଲେ।
ସେମାନେ ମଧ୍ୟ ଗହମ ଅଟା ଏବଂ କ୍ଷୀରରୁ ପ୍ରସ୍ତୁତ ଏକ ମିଠା ଖାଉଥିଲେ, ଯାହା ଘିଅରେ ଶେକା ହୋଇ ତିଆରି ହେଉଥିଲା।

# ଘରର ଏହି ଦିଗରେ ଲଗାନ୍ତୁ ଆଇନା: ବଢ଼ିବ ଧନ ସମ୍ପତ୍ତି



ଆଇନା ବା ଦର୍ପଣରେ ଆମେ ଆମ ମୁହଁ ଦେଖିଥାନ୍ତି। ପରେ ଏହାକୁ ଘରର କେଉଁ କୋଣରେ ରଖି ଦେଇଥାଉ ବା ବିଭିନ୍ନ ସ୍ଥାନରେ ଟାଙ୍ଗି ଦେଉଥାଉ। କିନ୍ତୁ ଦର୍ପଣକୁ ଠିକ୍ ? ସ୍ଥାନରେ ରଖିବା ଉଚିତ। ବାସ୍ତୁଶାସ୍ତ୍ର ଅନୁସାରେ ଏହା ଗୁରୁତ୍ୱପୂର୍ଣ୍ଣ ଉପକରଣ। ବାସ୍ତୁଦୋଷ ଦୂର କରିବାରେ ଆଇନାକୁ ବ୍ୟବହାର କରାଯାଇଥାଏ। ସେଥିପାଇଁ ଏହାକୁ ସଠିକ୍ ? ସ୍ଥାନରେ ରଖିଲେ ଧନ ସମ୍ପତ୍ତି ବୃଦ୍ଧି ହୋଇଥାଏ। ଆସନ୍ତୁ ଜାଣିଲେ କେଉଁ ସ୍ଥାନରେ ଆଇନା ରଖିଲେ ଧନ ବୃଦ୍ଧି ହୋଇଥାଏ।

ଘରର ଉତ୍ତର ଦିଗରେ ଆଇନା ଲଗାଇବା ଶୁଭ ହୋଇଥାଏ। ଉତ୍ତର ଦିଗକୁ ଧନର ଦେବତା କୁବେରଙ୍କ ଦିଗ ବୋଲି କୁହାଯାଏ। ଏହି ଦିଗରେ ଆଇନା ଲଗାଇବା ଦ୍ୱାରା ଘରେ ଧନ ସମ୍ପତ୍ତି ବୃଦ୍ଧି ହୋଇଥାଏ। ଉତ୍ତର ଦିଗ ବ୍ୟତିତ ପୂର୍ବ ଦିଗରେ ଆଇନା ଲଗାଇଲେ ଶୁଭ ହୋଇଥାଏ। ଏହା ଦ୍ୱାରା ଘର ଉପରେ ସକାରତ୍ମକ ପ୍ରଭାବ ବଢ଼ିଥାଏ। ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ଭଲ ରହିଥାଏ। ଘରର ଉତ୍ତର ଦିଗରେ କବାଟ କିମ୍ବା ଦ୍ୱାର ମୁହଁ ନ ଥିଲେ ଆଇନା ଲଗାଇବା ଉଚିତ। ଏହା ବିଭିନ୍ନ ଦୋଷ ଦୂର ହୋଇଥାଏ। ଉତ୍ତର ଦିଗକୁ ଧନ ଦେବତା କୁବେରଙ୍କ ଦିଗ ବୋଲି କୁହାଯାଏ। ଏହି ଦିଗରେ ଆଇନା ଲଗାଇଲେ ଧନ ସମ୍ପତ୍ତି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ସକାଳେ ଉଠି ଆଇନାରେ ମୁହଁ ଦେଖିବା ଉଚିତ୍ ନୁହେଁ। ଏହାଦ୍ୱାରା ଶରୀର ଉପରେ ନକାରତ୍ମକ ପ୍ରଭାବ ପଡ଼ିଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଏକ ଦେଶ ଏକ ନିର୍ବାଚନର ବିତର୍କ...

ଲୋକସଭା, ସବୁ ରାଜ୍ୟର ବିଧାନସଭା ଏବଂ ଦିଲ୍ଲୀ ସମେତ ସମସ୍ତ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ ଏକାସମୟରେ କରିବା(ଏକ ଦେଶ ଏକ ନିର୍ବାଚନ) ପାଇଁ ଉଦ୍ଦିଷ୍ଟ ସମ୍ବିଧାନ ସଂଶୋଧନ ପାଇଁ ଦୁଇଟି ବିଧେୟକ ଲୋକସଭାରେ ଉପସ୍ଥାପିତ ହେବା ପରେ ଅଧିକ ତର୍ଜମା ଓ ବିଚାରବିମର୍ଶ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଯାଇଛି। ୧୨୯ତମ ସମ୍ବିଧାନ ସଂଶୋଧନ-୨୦୨୪ ନାମକ ଏହି ବିଧେୟକରେ ସମ୍ବିଧାନର ଧାରା ୮୨ରେ (କ) ନାମରେ ଏକ ଉପଧାରା ଯୋଡ଼ାଯିବାର ପ୍ରସ୍ତାବ ରହିଥିବା ବେଳେ ଧାରା ୮୩ରେ ପାଞ୍ଚଟି, ଧାରା ୧୭୨ରେ ଚାରିଟି ନୂଆ ଉପଧାରା ଯୋଡ଼ା ଯିବ ଏବଂ ଧାରା ୩୨୭କୁ ସଂଶୋଧନ କରାଯିବ। ଏହି ସଂଶୋଧନ ସହିତ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ୧୯୬୩, ଜାତୀୟ ରାଜଧାନୀ ଦିଲ୍ଲୀ ଆଇନ ୧୯୯୧ ଓ ଜାମ୍ମୁ-କାଶ୍ମୀର ପୁନଃସଂଗଠନ ଆଇନ ୨୦୧୯ରେ ଆବଶ୍ୟକ ସଂଶୋଧନ କରାଯିବାର ପ୍ରସ୍ତାବ ରହିଛି। ସମ୍ବିଧାନର ଉପରୋକ୍ତ ଧାରାର ସଂଶୋଧନ ସହିତ ଏହା ଆଇନରେ ପରିଣତ ହେବା ପାଇଁ ଆହୁରି ଅନେକ ଜଟିଳ ପ୍ରକ୍ରିୟା ଦେଇ ଗତି କରିବାକୁ ଥିବାରୁ ୨୦୨୯ ମସିହାରେ ଗୋଟିଏ ଥରରେ ଲୋକସଭା ସହିତ ସବୁ ରାଜ୍ୟର ବିଧାନସଭା ଅନୁଷ୍ଠିତ ହୋଇପାରିବ କି ନାହିଁ ତାହା ସନ୍ଦେହ ସୃଷ୍ଟି କରୁଛି। ସଂସଦରେ ଏନ୍‌ଡିଏର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ନଥିଲେ ମଧ ବିଧେୟକ ପାରିତ କରିବା ପାଇଁ ସରକାର ଆଶାବାଦୀ ଅଛନ୍ତି। ଅପରପକ୍ଷରେ ବିରୋଧୀ ଦଳର ତୀବ୍ର ବିରୋଧ ସହିତ ଖୋଦ୍ ଏନ୍‌ଡିଏର କେତେକ ମେଣ୍ଟ ସହଯୋଗୀଙ୍କ ସମର୍ଥନ ଦ୍ୱିଧାଗ୍ରସ୍ତ ଥିବାରୁ ବିଧେୟକ ପାରିତ ହେବାର ସମ୍ଭାବନା ବହୁତ୍ କମ୍ ବୋଲି ବର୍ତ୍ତମାନ ସ୍ଥିତିରେ ଜଣାପଡୁଛି। ଏହାଛଡ଼ା ବିଧି ବିଶେଷଜ୍ଞମାନେ 'ଏକ ଦେଶ ଏକ ନିର୍ବାଚନ' ବ୍ୟବସ୍ଥାର ପରିଚାଳନା ଓ କାର୍ଯ୍ୟକାରିତାକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। କମିଟିର ସୁପାରିସରେ ଥିବା କେତେକ ବିଷୟ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ବୋଲି ମଧ ଅଭିଯୋଗ ହୋଇଛି। କମିଟିର ସୁପାରିସ ଯଦି ଅବିକଳ ଚଳିତ ସଂସଦରେ ପାରିତ ହୁଏ ତେବେ ୨୦୨୯ରେ ଲୋକସଭାଠାରୁ ଆରମ୍ଭ କରି ପଞ୍ଚାୟତସ୍ତର ପର୍ଯ୍ୟନ୍ତ ଦେଶର ସମସ୍ତ ନିର୍ବାଚନ ଏକାସହିତ କିନ୍ତୁ ଦୁଇଟି ଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ ଏକାସାଙ୍ଗରେ ହେବାକୁ ଥିବା ବେଳେ ନିର୍ବାଚନ ପରବର୍ତ୍ତୀ ଲୋକସଭାର ପ୍ରଥମ ଅଧିବେଶନର ୧୦୦ ଦିନ ମଧରେ ଦେଶର ସମସ୍ତ ପଞ୍ଚାୟତ, ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନଗରପାଳିକା ଓ ମହାନଗର ନିଗମର ନିର୍ବାଚନ ଏକାସାଙ୍ଗରେ ହେବ। ଏଥିପାଇଁ ୩୨୫ ଧାରା ସଂଶୋଧନ ସହିତ ଭୋଟର ତାଲିକାର ପୁନର୍ବିନ୍ୟାସ ହେବ। ୨୦୨୯କୁ ଆଖି ଆଗରେ ରଖିଲେ ହାତରେ ଆହୁରି ଚାରି ବର୍ଷରୁ ଅଧିକ ସମୟ ଥିବାରୁ ଭୋଟର ତାଲିକା ପ୍ରସ୍ତୁତିର କାର୍ଯ୍ୟକାରିତାର ସଫଳତାକୁ ନେଇ ଚିନ୍ତା କରିବାର ନାହିଁ। କିନ୍ତୁ ୨୦୨୫ ବେଳକୁ ଜନଗଣନା ଆରମ୍ଭ ହେବାକୁ ଥିବାରୁ ନିର୍ବାଚନ ମଣ୍ଡଳି ପୁନର୍ଗଠନ ଏବଂ ଭୋଟର ତାଲିକା ସଂଶୋଧନ ଆହୁରି ସମୟସାପେକ୍ଷ, ଜଟିଳ ଓ ବିଳମ୍ବିତ ହେବ। ଏଭଳି ପରିସ୍ଥିତିରେ 'ଏକ ଦେଶ ଏକ ନିର୍ବାଚନ' ପାଇଁ ଏନ୍‌ଡିଏର ଲକ୍ଷ୍ୟ କେତେଦୂର ସଫଳ ହେବ ତାହା ଏବେଠାରୁ ସ୍ପଷ୍ଟ କରିହେଉନାହିଁ। 'ଏକ ଦେଶ ଏକ ନିର୍ବାଚନ'ରେ ମାନବ ସମ୍ବଳ, ସରକାରୀ କଳ ଓ ଅର୍ଥ ଅପଚୟ ଅନେକାଂଶରେ ହ୍ରାସ ପାଇବ ବୋଲି ଏହି ବିଧେୟକର ସମର୍ଥକମାନେ ଦାବି କରୁଛନ୍ତି। କିନ୍ତୁ ସୁପାରିସ ଅନୁଯାୟୀ ଲୋକସଭାର ପ୍ରଥମ ଅଧିବେଶନର ପ୍ରଥମ ଦିନକୁ ଦେଶର ସମସ୍ତ ବିଧାନପାଳିକାର ପ୍ରଥମ ଦିନ ହିସାବରେ ଗଣାଯିବ। ସେହିଦିନଠାରୁ ଆଗାମୀ ପାଞ୍ଚବର୍ଷ ପର୍ଯ୍ୟନ୍ତ ସେଗୁଡ଼ିକ କାର୍ଯ୍ୟ କରିବେ। ଯଦି କୌଣସି କାରଣରୁ ମଝିରେ ସଂସଦ କିମ୍ବା କୌଣସି ରାଜ୍ୟର ବିଧାନସଭା ଭାଙ୍ଗି ଯାଏ ତେବେ ପାଞ୍ଚବର୍ଷରୁ ବାକି ଥିବା ସମୟ ପାଇଁ ପୁଣି ଥରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଅନୁଷ୍ଠିତ ହେବ ଏବଂ ନୂଆ ସରକାର ସମ୍ପୂର୍ଣ୍ଣ ପାଞ୍ଚବର୍ଷ ବଦଳରେ ସେହି ବାକି ଦିନର ଅବଧି ପାଇଁ ଶପଥ ନେବେ। ତା' ପରେ ପରେ ପୁଣି ଥରେ ଏକସାଙ୍ଗରେ ସବୁ ନିର୍ବାଚନ ହେବ। ଏଭଳି ପରିସ୍ଥିତିରେ ଅର୍ଥ ଅପଚୟ ଓ ମାନବ ସମ୍ବଳ ଉପଯୋଗ କମିବ ନା ବଢ଼ିବ ତାହା ଉପରେ ଯୁଗ୍ମସଂସଦୀୟ କମିଟିରେ ମତଭେଦ ସୃଷ୍ଟି ହୋଇପାରେ। ସେହିପରି ଦେଶର ସବୁ ପଞ୍ଚାୟତ, ପୌରପରିଷଦ ଓ ମହାନଗର ନିଗମ ନିର୍ବାଚନର ପରିଚାଳନା ଲୋକସଭା ନିର୍ବାଚନ ଭଳି ହୋଇଥିବାରୁ ଲୋକସଭା ଓ ବିଧାନସଭା ନିର୍ବାଚନ ସରିବାର ପ୍ରାୟ ତିନିମାସ ମଧରେ ପୁଣି ଥରେ ବା ତିନିମାସରେ ଦୁଇଥର ଜାତୀୟସ୍ତରୀୟ ପ୍ରସ୍ତୁତି ଏବଂ କାର୍ଯ୍ୟକାରିତାରେ ମାନବସମ୍ବଳ, ସରକାରୀ କଳ ଓ ଅର୍ଥ ପୁନଃ ଅପଚୟ ହେବ। ତିନିମାସ ଭିତରେ ଚାକିରିଆ ଭୋଟରମାନେ ମତସାବ୍ୟସ୍ତ କରିବାକୁ ପୁଣି ଥରେ ଛୁଟି ପାଇବାରେ ବାଧା ସୃଷ୍ଟି ହୋଇପାରେ। ସାଧାରଣ ନିର୍ବାଚନଠାରୁ ଆରମ୍ଭ କରି ପୌର ପରିଷଦ ନିର୍ବାଚନ ପର୍ଯ୍ୟନ୍ତ ପ୍ରାୟ ଛଅମାସ ପର୍ଯ୍ୟନ୍ତ ନିର୍ବାଚନ ଆଚରଣ ବିଧି ଲାଗୁ ହେବ, ଯାହାଫଳରେ ଜାତୀୟସ୍ତରର ବିକାଶମୂଳକ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବ। ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ଏକସଙ୍ଗରେ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ସମ୍ବିଧାନ ସଂଶୋଧନ ବିଧେୟକ କେବଳ ସଂସଦରେ ବହୁମତରେ ପାରିତ କରାଯାଇପାରିବ, ଏଥିପାଇଁ ରାଜ୍ୟ ବିଧାନସଭାଗୁଡ଼ିକର ସହମତି ଅନାବଶ୍ୟକ ବୋଲି କମିଟି ସୁପାରିସ କରିଛି।



## ସମସ୍ତଙ୍କ କ୍ଷେତ୍ରରେ ଖାଉଟି ସଚେତନତା

### ଡକ୍ଟର ତପନ କୁମାର ପାଳ

ପ୍ରତିବର୍ଷ ଡିସେମ୍ବର ୨୪ ତାରିଖକୁ 'ଜାତୀୟ ଖାଉଟି ସୁରକ୍ଷା ଅଧିକାର ଦିବସ' ରୂପେ ପାଳନ କରାଯାଇଥାଏ। ସାମାନ୍ୟ ଲାଭ ପାଇଁ ବ୍ୟବସାୟରେ ବେପାରୀଙ୍କ ଦ୍ୱାରା ସାଧାରଣ ଲୋକମାନେ ଠକାମିର ଶିକାର ହୋଇଥାଆନ୍ତି। ସେଥିରୁ ମୁକ୍ତି ପାଇବା ପାଇଁ ବା ତାହାକୁ ରୋକିବା ପାଇଁ ସରକାରୀ ସ୍ତରରେ ସ୍ୱତନ୍ତ୍ର ଆଇନ ଅଛି। ମାତ୍ର ସେ ସମ୍ପର୍କରେ ଅଧିକାଂଶ ଖାଉଟି ଅବଗତ ନୁହନ୍ତି। ଖାଉଟି ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ତଥା ଠକାମୀରୁ ମୁକ୍ତି ପାଇବା ପାଇଁ ଏହି ଦିନ ସରକାରୀ ଆଇନଗୁଡ଼ିକୁ ସ୍ୱତନ୍ତ୍ର ଭାବେ ଜନସାଧାରଣଙ୍କୁ ସୂଚାଇ ଦେବା ପାଇଁ ଏହି ଦିବସକୁ ବିଧିବଦ୍ଧ ଭାବେ ପାଳନ କରାଯାଇଥାଏ। ସାଧାରଣ ଦୈନନ୍ଦିନ ଜୀବନକୁ ଦେଖିଲେ ଜଣାଯାଏ ଯେ ସରକାରୀ ବ୍ୟବସ୍ଥା ଭିତିରେ ଜଣେ ଖାଉଟିର ସୁରକ୍ଷା, ନିରାପତ୍ତା ସର୍ବୋପରି ଉତ୍ତମ ଗୁଣମାନର ସେବା ପାଇଁ ପର୍ଯ୍ୟାପ୍ତ ପରିମାଣର ସୁବିଧା ସୁଯୋଗ ରହିଥିଲେ ବି ବାସ୍ତବ କ୍ଷେତ୍ରରେ ସେମାନେ କିନ୍ତୁ ସେ ସବୁ ଉପଲବ୍ଧରୁ ବଂଚିତ ହୋଇଥାନ୍ତି। ଏପରିକି ଜନଜୀବନ କ୍ଷେତ୍ରକୁ ଦେଖିଲେ ସବୁ ପ୍ରକାର ଆଇନ, ସୁବିଧାର ବ୍ୟବସ୍ଥା ଥିଲେ ବି ଜଣେ ଖାଉଟି ନିଜ ନିଜ କ୍ଷେତ୍ରରେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଯାହାପାଇଁ ପରବର୍ତ୍ତୀ ସମୟରେ ସେମାନେ ଅଧିକାଂଶ କ୍ଷେତ୍ରରେ ସରକାରୀ ବ୍ୟବସ୍ଥାର ସୁଯୋଗ ପାଇନଥାନ୍ତି।

ଖାଉଟି ମାନଙ୍କୁ ସମସ୍ତ ପ୍ରକାର ସାମାଜିକ, ଆର୍ଥିକ ଓ ନିରାପତ୍ତା ଜନିତ ସୁବିଧା ସୁଯୋଗ ପ୍ରଦାନରେ ସମଗ୍ର ଭାରତବର୍ଷରେ ଓଡ଼ିଶାର ସ୍ଥାନ ସ୍ୱତନ୍ତ୍ର। ଓଡ଼ିଶା ସରକାର ସମସ୍ତ ଅତ୍ୟାବଶ୍ୟକ ସେବା ହେଉ ବା ସାମାଜିକ ବ୍ୟବସ୍ଥାଭିତିକ କ୍ଷେତ୍ର ସବୁଠାରେ ଉପଭୋକ୍ତା ବା ସାଧାରଣରେ ଜିନିଷଟି କିଣୁଥିବା ତଥାକଥିତ ଖାଉଟି ପାଇଁ ସମସ୍ତ ପ୍ରକାର ସୁବିଧା ଓ ସେବାର ସୁବନ୍ଦୋବସ୍ତ ରଖିଛନ୍ତି। ତଥାପି ସାଧାରଣରେ ସଚେତନତାର ଅଭାବରୁ ଜଣେ ସାଧାରଣ ଉପଭୋକ୍ତା ବା ଖାଉଟି ବିଭିନ୍ନ ସୁବିଧା ଓ ନ୍ୟାୟାଳୟର ଆଇନ ବିଷୟରେ ସଚେତନ ହୋଇନଥାନ୍ତି ଯାହାକି ପରବର୍ତ୍ତୀ ସମୟରେ ତାଙ୍କ ପାଇଁ କିଛି କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଥାଏ। ରାଜ୍ୟ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଅତ୍ୟାବଶ୍ୟକ କ୍ଷେତ୍ର ଭାବରେ ଖାଦ୍ୟ, ଯୋଗାଣ ଓ ବାଣିଜ୍ୟକର ବିଭାଗକୁ ବୁଝାଯାଏ। ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗ ଗୁଡ଼ିକର କର୍ତ୍ତବ୍ୟନିଷ୍ଠ କର୍ମଚାରୀମାନେ ସରକାରଙ୍କ ସେବାମୂଳକ ବ୍ୟବସ୍ଥାକୁ ଖାଉଟିଙ୍କ ପାଖରେ ପହଞ୍ଚାଇ ନିଜ ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିଥାନ୍ତି। ତେବେ ସଂପ୍ରତି ସୂଚନା ଓ ପ୍ରଯୁକ୍ତି କୌଶଳ ବହୁତ ବ୍ୟାପକ ହୋଇଥିବାରୁ ଗ୍ରାହକ ମାନଙ୍କ ପାଖରେ ଆଜି କିଣାବିକାର ସାମଗ୍ରୀ ପହଞ୍ଚି ଯାଉଛି। ସରକାରଙ୍କ ବିଭିନ୍ନ ଗୁଣାତ୍ମକ ଓ ଜନହିତକାରୀ ବ୍ୟବସ୍ଥାକୁ ନିଷ୍ଠାପର କର୍ମଚାରୀମାନେ ଦାୟିତ୍ୱ ନିର୍ବାହବେଳେ ଅନେକ ସମସ୍ୟାକୁ ପ୍ରାଥମିକ ଭାବେ ସମ୍ମୁଖୀନ ହେଉଥିଲେ ବି ସରକାରଙ୍କ ଗୁଣାତ୍ମକ ସେବାକୁ ପ୍ରାଥମିକତା ଦେଇ ସେମାନେ ଏହି ଦାୟିତ୍ୱ ନିଷ୍ଠାପର ଭାବେ ତୁଲାଇଥାନ୍ତି।

ଖାଉଟି ସୁରକ୍ଷା କ୍ଷେତ୍ରକୁ ଚିନ୍ତା କଲେ ଆମେ ସାମାଜିକ କ୍ଷେତ୍ରରେ କେବଳ ତେଲଲୁଣ ସଉଦା କିଣାକୁ ବୁଝାଇଥାଉ କିନ୍ତୁ ବାସ୍ତବରେ ଏହା ତାହା ନୁହେଁ। ସ୍ୱାସ୍ଥ୍ୟ ସେବା ହେଉ ବା ଶିକ୍ଷାସେବା, ପରିବହନ ସେବା ଠାରୁ ସାମାଜିକ ସେବା କ୍ଷେତ୍ର ଏପରିକି ଆଇନ ସେବା କ୍ଷେତ୍ରରେ ଜଣେ ନିଜ ହକ୍ ବା ପ୍ରାପ୍ୟ ପାଇଁ ଚିନ୍ତା କରୁଥିବା ସମୟରେ ଖାଉଟି ସୁରକ୍ଷା ଆଇନର ବିଭିନ୍ନ ସେବା ବ୍ୟବସ୍ଥା ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ ହୋଇଛି। ସବୁଠାରୁ ପ୍ରଶଂସାଭିମୁଖୀ ଉଦ୍ୟମ ନେଇଛନ୍ତି ଓଡ଼ିଶାର ରାଜ୍ୟ ସରକାର। ଖାଉଟି ମାନଙ୍କ ସର୍ବନିମ୍ନ ସୁରକ୍ଷା କ୍ଷେତ୍ର ପାଇଁ ସରକାରଙ୍କ ବ୍ୟବସ୍ଥାରେ ସବୁ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ର ସରକାର ମଧ ଅନେକ ସମୟରେ ଏ ନେଇ ସ୍ୱତନ୍ତ୍ର ବିଧି ବ୍ୟବସ୍ଥାର ସୁଯୋଗ ସମ୍ପର୍କରେ ଗଣମାଧ୍ୟମରେ ସୂଚନା ଦେଉଛନ୍ତି। ଆଜି ଜାତୀୟ ଖାଉଟି ସୁରକ୍ଷା ଅଧିକାର ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ନିଜ ଖାଉଟି ସୁରକ୍ଷା କ୍ଷେତ୍ର ପାଇଁ ସଚେତନତା ସୃଷ୍ଟି କଲେ ଏହି ଆନ୍ଦୋଳନ ସମସ୍ତଙ୍କ ପାଖରେ ପହଂଚି ପାରିବ ବୋଲି ନିଶ୍ଚିନ୍ତ ହେବା ଆମ ସମସ୍ତଙ୍କର ଗୁରୁଦାୟିତ୍ୱ।


ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ମୋ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩




## ହୋମ୍ ୱାର୍କ ଓ ଶିକ୍ଷାର୍ଥୀ

### ଡକ୍ଟର ସୁରେଶ କୁମାର ନାୟକ

ଶିକ୍ଷା ସମାଜ ବିକାଶର ମୂଳ ଉତ୍ସ। ଯେଉଁ ରାଷ୍ଟ୍ର, ସମାଜ ବା ଗୋଷ୍ଠୀ ଯେତେ ଶିକ୍ଷିତ, ସେ ସେତିକି ବିକଶିତ। ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ମଣିଷର ମୌଳିକ ଶିକ୍ଷା ତାର ଶୈଶବରୁ ଆରମ୍ଭ ହୋଇଥାଏ। କି ଧନୀ କି ଗରିବ, ପ୍ରତ୍ୟେକ ଅଭିଭାବକ ଚାହେଁ ତାର ସନ୍ତାନ ଉତ୍ତମ ଶିକ୍ଷା ପ୍ରାପ୍ତ କରି ଭବିଷ୍ୟତରେ ଏକ ପ୍ରତିଷ୍ଠିତ ନାଗରିକ ହୋଇ ସମାଜରେ ବଞ୍ଚୁ। ଆମର ଆଦିମ ଶିକ୍ଷା ବ୍ୟବସ୍ଥା ପୁରାତନ କାଳରେ ଋଷି, ମୁନି, ଅବଧାନ, ପଣ୍ଡିତ, ଚାଟଶାଳୀ ବା ଗୁରୁକୁଳରେ ହେଉଥିଲା ଯାହାକି ବର୍ତ୍ତମାନ ଅତ୍ୟାଧୁନିକ କାଳରେ ବିଭିନ୍ନ ନର୍ସରୀ, ଅଙ୍ଗନବାଡ଼ି, ପ୍ଲେ ସ୍କୁଲ ଆଦିରେ ଚାଲୁଛି।

ଶିକ୍ଷାର ଏହି ପ୍ରତିଯୋଗିତା ତଥା ସଫଳତା ଭିତ୍ତିକ ଆବଶ୍ୟକତାରୁ ଆରମ୍ଭ ହୁଏ ହୋମୱାର୍କ ସମ୍ପର୍କିତ ଆଲୋଚନା। ଶିକ୍ଷା କ୍ଷେତ୍ରରେ ହୋମୱାର୍କ ଶବ୍ଦଟିର ପ୍ରଚଳନ ନେଇ ଯଦିଓ ସଠିକ କିଛି ତଥ୍ୟ ନାହିଁ, ତେବେ ପ୍ରାଚୀନ ରୋମରେ ଚସକ୍ଷବଭଚ ନାମକ ଜଣେ ଶିକ୍ଷକ ସ୍କୁଲ ସାରିବା ପରେ କିଛି ଟାସ୍କ ଦେଉଥିବାର ତଥ୍ୟ ଅଛି। ଇଟାଲୀର ଜକ୍ଟଭରକ୍ସଷ ଘରଙ୍ଗସକ୍ଷସଷ ୧୯୦୫ ମସିହାରେ ହୋମୱାର୍କ ତତ୍ତ୍ୱର ବ୍ୟବହାର ପାଇଁ ବେଶ ପରିଚିତ। ମାତ୍ର ୠକ୍ଟକ୍ସବମର ଗବଭଭ ହିଁ ଆମେରିକାରେ ଏହାର ବ୍ୟବହାର ଆରମ୍ଭ କରିଥିଲେ। ଏପରିକି ୧୯୩୦ ମସିହାରେ ଏହାକୁ ଶିଶୁ ଶ୍ରମିକ ପ୍ରଥା ଭଳି ମନେ କରାଯାଉଥିଲା। ଶୀତଳ ଯୁଦ୍ଧ ସମୟରେ ଆମେରିକା ନିଜ ଦେଶ ଛାତ୍ରଙ୍କୁ ସୋଭିଏତ ଛାତ୍ରଙ୍କ ଠାରୁ ଆଗରେ ରଖିବା ପାଇଁ ଏହାକୁ ଉନ୍ନତ ଶିକ୍ଷାର ଆବଶ୍ୟକତା ଭାବୁଥିଲା। ୧୯୮୬ ମସିହାରେ ଆମେରିକା ସରକାରୀ ଭାବରେ ଏହାକୁ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ବୋଲି ସ୍ୱୀକୃତୀ ଦେଇଥିଲା। ପ୍ରାଚୀନ ଭାରତର ଗୁରୁକୁଳକୁ ଅନୁଧାନ କଲେ ଶିକ୍ଷାର ଚାରୋଟି ବିନ୍ଦୁ ପଠନ, ଲିଖନ, ଅନୁଷ୍ଠାନ ଓ ସ୍ୱାଧ୍ୟାୟ। ଏହି ସବୁରେ ବିନା ଗୁରୁରେ ଅଭ୍ୟାସ ଯାହାକୁ ଆଜିକାଲିର ହୋମୱାର୍କର ଏକ ରୂପ ବୋଲି ମଧ ଅନେକେ ମତ ଦିଅନ୍ତି। ସ୍କୁଲର ବିଧିବଦ୍ଧ ସମୟସାରଣୀ ପରେ ଛାତ୍ରଛାତ୍ରୀଙ୍କୁ ଯେଉଁ ସବୁ ବିଷୟବସ୍ତୁ ପଢ଼ିବାକୁ ବା ଲେଖିବାକୁ ପଡ଼େ, ତାକୁ ହୋମୱାର୍କ କୁହାଯାଏ। ପଢ଼ିବା ଓ ଲେଖିବା ଦୁଇଟି ଯାକ ଶବ୍ଦର ରୂପରେଖ ହିଁ ହୋମୱାର୍କର ଭୂମିକାକୁ ସ୍ପଷ୍ଟ କରେ। କ୍ଲାସରୁମ ବାହାରେ ଶିକ୍ଷକ ଦେଉଥିବା ଟାସ୍କକୁ ସାଧାରଣତଃ ଏହି ଶ୍ରେଣୀରେ ଗ୍ରହଣ କରାଯାଇଥାଏ। ଆଜିକାଲି ଏହାକୁ ଶିକ୍ଷାର ଏକ ମୁଖ୍ୟ ଆଧାରଶୀଳା ଭାବରେ ଗଣାଯାଉଛି। କ୍ଲାସରୁମରେ ପଢ଼ା ସରିବା ପରେ ଅଭ୍ୟାସ କରିବା ହେଉ ବା ବୁଝିବା ନିମିତ୍ତ ହେଉ ବା ସେଲ୍ଫ ଷ୍ଟଡି ପାଇଁ ଶିକ୍ଷକ ଯାହା ନିର୍ଦ୍ଦେଶ ଦେଇଥାନ୍ତି, ତାଙ୍କୁ ଛାତ୍ରଛାତ୍ରୀ, ଅଭିଭାବକ ହୋମୱାର୍କ ବୋଲି ଭାବନ୍ତି।

ବର୍ତ୍ତମାନର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ହୋମୱାର୍କକୁ ନେଇ ମଝିରେ ମଝିରେ ଚର୍ଚ୍ଚା ହୋଇଥାଏ। ସେମାନଙ୍କୁ ହୋମୱାର୍କ ଦିଆଯିବା ଉଚିତ କି ନୁହେଁ, ପ୍ରକୃତରେ ଏହାର ଆବଶ୍ୟକତା ରହିଛି କି ନାହିଁ, ଏହାକୁ ନେଇ ସର୍ବଦା ବିତର୍କ ଲାଗି ରହିଛି। ଏହି ପ୍ରସଙ୍ଗକୁ ନେଇ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନଙ୍କ ଭିନ୍ନ ଭିନ୍ନ ମତ ରହିଛି। କେତେକ ପିଲା ଏହାକୁ ବୋଝ ବୋଲି ଭାବିଥାନ୍ତି, ଆଉ କେତେକ ଏହାର ଆବଶ୍ୟକତା ରହିଛି ବୋଲି ମତ ଦିଅନ୍ତି। ତେବେ ଶିକ୍ଷକମାନଙ୍କ ମତ ହେଲା ଛାତ୍ରଛାତ୍ରୀମାନଙ୍କ ପାଇଁ ହୋମୱାର୍କ ବା ଗୃହକାର୍ଯ୍ୟ ଜରୁରୀ। କିନ୍ତୁ ଏମିତି ବି ଅତ୍ୟଧିକ ହୋମୱାର୍କ ଦିଆଯିବା ଉଚିତ ନୁହେଁ, ଯାହା କୋମଳମତି ଛାତ୍ରଛାତ୍ରୀଙ୍କୁ ଆରାମ ଦେବାରେ ଅସୁବିଧା ସୃଷ୍ଟି କରିବ। ଅତ୍ୟଧିକ ହୋମୱାର୍କ ସେମାନଙ୍କ ମାନସିକ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଆମେରିକାରେ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ହୋମୱାର୍କ ଦିଆଯିବା ଉଚିତ ନୁହେଁ। ଦୁଇ ଘଣ୍ଟାରୁ ଅଧିକ ହୋମୱାର୍କ ଦିଆଯିବା କ୍ଷତିକାରକ। ହୋମୱାର୍କ ପ୍ରତ୍ୟେକ ଛାତ୍ରଛାତ୍ରୀ ମାନଙ୍କ ଅତ୍ୟନ୍ତ ଜରୁରୀ। ପ୍ରତ୍ୟେକ ଦିନ ସ୍କୁଲରୁ ଫେରିବା ପରେ ଏହା କରିବାକୁ ଛାତ୍ରଛାତ୍ରୀମାନେ ତତ୍ପର ହୋଇପଡ଼ନ୍ତି। ତେବେ ସୀମିତ ସମୟ ମଧ୍ୟରେ ହୋମୱାର୍କ କରିବାକୁ ପଡୁଥିବାରୁ ସେମାନଙ୍କ ଉପରେ ମାନସିକ ଚାପ ପଡ଼ିଥାଏ। ହୋମୱାର୍କ ଦିଆଯିବା ଉଚିତ, କିନ୍ତୁ ଟିକିଏ କମ। କେତେକ ଅଭିଭାବକ ଓ ଶିକ୍ଷାବିତଙ୍କ ମତ ହେଲା, ହୋମୱାର୍କ ଏଥିପାଇଁ ଦିଆଯାଏ ଯେ, ସ୍କୁଲ ଛୁଟି ପରେ ଛାତ୍ରଛାତ୍ରୀମାନେ କିଛି ସମୟ ନିଜକୁ ବ୍ୟସ୍ତ ରଖିବେ। ଟାସ୍କ ପୁରା କରିବାରେ ଅଭିଭାବକଙ୍କ ମଧ ଭୂମିକା ରହିଛି। ସେମାନେ ହୋମୱାର୍କ ଯୋଗୁଁ କିଛି ସମୟ ନିଜ ପିଲାଙ୍କ ସହିତ ବିତାଇ ପାରିବେ। ପ୍ରୋଜେକ୍ଟ ୱାର୍କ ଦିଆଯିବା ଫଳରେ ଛାତ୍ରଛାତ୍ରୀମାନଙ୍କ ରଚନାତ୍ମକ ବିକାଶ ହୋଇଥାଏ। ତେବେ ଯାହା ହେଉନା କାହିଁକି ହୋମୱାର୍କ ପିଲାମାନଙ୍କ ସୃଜନଶୀଳତାକୁ ବଢ଼ାଇବା ସହ ସେମାନଙ୍କ ବୌଦ୍ଧିକ ସାମର୍ଥ୍ୟକୁ ଆଗକୁ ନେଇଥାଏ।


+ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ


## ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର

### ଡାକ୍ତର ସମ୍ରାଟ କର



ଶୀତ ତ ଦିନକୁ ଦିନ ବଢ଼ିଲାଣି। ସେ ଦିନ କୁହୁଡ଼ି ଭରା ଶୀତୁଆ ସକାଳୁ କ୍ଷୀପ୍ର ଲିପିକାର ବନ୍ଧୁ ଶ୍ରୀକାନ୍ତଙ୍କ ଫୋନ କଲଟି ପାଇଲି। ସେ ତାଙ୍କ ଭାଇଙ୍କ ବିଷୟରେ ବୁଝିବା ପାଇଁ ଚାହୁଁଥିଲେ। ତାଙ୍କ ଭାଇ ଏକ କର୍ମ ସଂସ୍ଥାନରେ ବୃତ୍ତିଗତ ଦାୟିତ୍ୱରେ ଅଛନ୍ତି। ତେବେ ତାଙ୍କ କହିବା ମୁତାବକ ସେ ତାଙ୍କ ଭାଇଙ୍କ ମାନସିକ ଅସ୍ୱସ୍ତିକର ଅବସ୍ଥାକୁ ଏକ ବିଲକ୍ଷଣ ଭାବେ ଭାବୁଛନ୍ତି। ତାଙ୍କ ଭାଇଙ୍କର ଯଦିଓ କୌଣସି ମାନସିକ ସମସ୍ୟା ନଥିଲା କିନ୍ତୁ ସେ ମୋ ସହିତ ପରାମର୍ଶ ମାଗିବାରୁ ମୁଁ ତାଙ୍କୁ କହିଲି ତୁମେ ଏ ନେଇ ସେପରି ବ୍ୟସ୍ତ ହୁଅନାହିଁ। କାରଣ ବାସ୍ତବ କଥା ହେଉଛି ଶୀତ ଦିନେ ଅନୁଭୂତ ହେଉଥିବା ଅବସାଦକୁ ସିଜନାଲ ଆଫେକ୍ଟିଭ ଡିଜଅର୍ଡ଼ର ବା ସ୍ୟାଡ଼ କୁହାଯାଏ। ଏହି ଋତୁରେ କମ ସୂର୍ଯ୍ୟରଶ୍ମୀ ଯୋଗୁଁ ଶରୀରର ଆଭ୍ୟନ୍ତରୀଣ ସମୟସାରଣୀ ସିକାଡିଆନ ରିଦିମରେ ବିଭ୍ରାଟ ଘଟି ଆମର ମାନସିକ ଅବସ୍ଥାକୁ ପରିଚାଳନା କରୁଥିବା ମସ୍ତିଷ୍କର ସିରୋଟୋନିନ ନାମକ ରାସାୟନିକ ପଦାର୍ଥର କ୍ଷରଣ କମିଯାଇଥାଏ। ସେଥିପାଇଁ ମନରେ ଅବସାଦ ସୃଷ୍ଟି ହୋଇଥାଏ। ଏହାର ଲକ୍ଷଣ ସ୍ୱରୂପ ମନରେ ଦୁଃଖ ବା ନୈରାଶ୍ୟଜନକ ଚିନ୍ତାଧାରା ଆସିଥାଏ। ଅଧିକ ନିଦ୍ରା ଯିବା ସତ୍ତ୍ୱେ ନିଜକୁ କ୍ଲାନ୍ତ ତଥା କମ ଶକ୍ତି ସଂପନ୍ନ ମନେହୁଏ। ସକାଳୁ ନିଦରୁ ଉଠିବାକୁ ଇଛା ହୁଏନାହିଁ। ଶର୍କରାଜାତୀୟ ଖାଦ୍ୟ ପ୍ରତି ଅହେତୁକ ଦୁର୍ବଳତା ବଢ଼େ। ଆଗରୁ ଭରପୂର ଉପଭୋଗ କରୁଥିବା କାର୍ଯ୍ୟକଳାପ ପ୍ରତି ଆସକ୍ତି କମିଯାଏ। କୌଣସି ନିଷ୍ପତ୍ତି ନେବାରେ ଦ୍ୱିଧା ଲାଗେ। ସାଙ୍ଗସାଥୀ ଓ ବନ୍ଧୁବାନ୍ଧବଙ୍କ ଠାରୁ ଦୂରେଇ ରହିବାକୁ ଇଛା ହୁଏ। କାରଣ ନଥାଇ ଆଣ୍ଠୁଗଣ୍ଠି ଓ ମୁଣ୍ଡବିନ୍ଧା ହୁଏ। ବେଳେ ବେଳେ ମନରେ ଆତ୍ମହତ୍ୟା ପ୍ରବଣତା ଉଦ୍ରେକ ହୁଏ।

ତେବେ ସ୍ୟାଡ଼ କବଳରୁ ବର୍ତ୍ତିବା ପାଇଁ ଦିନ ବେଳା ବାହାରେ ଅଧିକ ସମୟ ବୁଲାବୁଲି କରିବା ଭଲ। ଏହାଦ୍ୱାରା ଶରୀରରେ ସିରୋଟୋନିକ ସ୍ତର ବଢ଼ିପାରିବ ଏବଂ ସିକାର୍ଡ଼ିଆନ ରିଦିମ ସୁସଂଗତ ହୋଇ ଅବସାଦ କମିଯିବ। ଏଥି ସହିତ ଯୋଗ, ନୃତ୍ୟ, ଜଗିଂ ବା ୱାର୍କଆଉଟ ପରି ନିୟମିତ ଶାରୀରିକ ବ୍ୟାୟାମ ମଧ ଜରୁରୀ। ଏହାଦ୍ୱାରା ଏଣ୍ଡୋର୍ଫିନସ ନାମକ ହରମୋନ କ୍ଷରଣ ତ୍ୱରିତ ହୁଏ, ଯାହା ପ୍ରାକୃତିକ ଭାବେ ମନୋଭାବକୁ ଉନ୍ନତ କରିଥାଏ। ସନ୍ତୁଳିତ ଆହାର ମଧ ଉପଶମ ଆଣିବାରେ ସହାୟକ ହୁଏ। ବିଶେଷକରି ଓମେଗା-୩ ଚର୍ବିଳାମ୍ଳ, ଭିଟାମିନ ଡି, ଭିଟାମିନ ବି ଓ ମ୍ୟାଗ୍ନେସିୟମ ଖଣିଜସାର ସଂପନ୍ନ ଖାଦ୍ୟ ଖାଇଲେ ଅବସାଦର ଲକ୍ଷଣ ସବୁ ଦୂରେଇଯିବ। ସେହିପରି ଅନ୍ୟ ମାନଙ୍କ ସଂସ୍ପର୍ଶରେ ଆସି ସାମାଜିକ ଭାବ ବିନିମୟ ବଜାୟ ରଖିବା ଦ୍ୱାରା ଏକାକୀତ୍ୱ ଦୂର ହୋଇଯିବା ସହ ସମର୍ଥନ ଓ ପ୍ରୋତ୍ସାହନ ମିଳିପାରିବ। ଚିତ୍ର ଆଙ୍କିବା, ବହି ପଢ଼ିବା କି ସଂଗୀତ ପରିବେଷଣ କରିବା ପରି ନିଜର ମନପସନ୍ଦର କାର୍ଯ୍ୟକଳାପରେ ମଜ୍ଜି ଯିବା ମଧ ଏ ଦିଗରେ ଉପାଦେୟ। ଏହାଦ୍ୱାରା ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବା ସହ ପୂର୍ଣ୍ଣତା ଲାଭ ହେଲା ଭଳି ଅନୁଭବ ମିଳିଥାଏ। ଯଦି ଯାବତୀୟ ପତ୍ରିକାର ସତ୍ତ୍ୱେ ସ୍ଥିତିରେ କୌଣସି ସୁଧାର ନ ଆସେ, ତେବେ ମାନସିକ ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ଏସବୁ କ୍ଷେତ୍ରରେ ପୀଡ଼ିତଙ୍କ ପାଖ ଲୋକଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ତାଙ୍କୁ କୌଣସି ଅସ୍ୱସ୍ତିକର ଆଲୋଚନାରେ ସମ୍ପୃକ୍ତ କରନ୍ତୁ ନାହିଁ ବରଂ ତାଙ୍କ ଖାଦ୍ୟ ଓ ବିଶ୍ରାମର ଦିଗକୁ ଟିକେ ଦେଖନ୍ତୁ। ଏ ନେଇ ସର୍ବପ୍ରଥମେ ଆପଣ ମାନସିକ ଭାବେ ନିଜକୁ ସୁସ୍ଥ ଓ ପ୍ରଫୁଲ୍ଲିତ ରଖନ୍ତୁ। ଦେଖିବେ ଏହା ସେପରି ବଡ଼ ସମସ୍ୟା ହୋଇ ଆପଣଙ୍କ ପାଇଁ ରହିବ ନାହିଁ।


+ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ





## ଏବେ କେବେ ଦେଖା ହେଲେ

### ଡ. ଅନିଲ ନନ୍ଦ

ଆଉ କି ଫୁଟିବ ସରୁ ଓଠଧାରେ
ବଧୂଲି ଫୁଲର ହସ
ଯାହା ଦେଖିଦେଲେ
ଭୁଲି ଯାଉଥିଲେ
ଅଭିମାନ ରାଗ ରୋଷ।
ଦେଖୁଥିଲେ ଦିନେ ହାତ ପାଆନ୍ତାକୁ
ଆକାଶ ଆସୁଛି ନଇଁ
ଆଶାର ସଡ଼କ ଲମ୍ବି ଚାଲିଛି
ସୂର୍ଯ୍ୟ ଆସିଲେ ଉଇଁ।
ଲେଖୁଥିଲେ ବସି ଜହ୍ନ ଆଲୁଅରେ
କେତେ ଯେ ବେନାମୀ ଚିଠି
କିଏ ଜାଣିଥିଲା ଜୀବନ ଏମିତି
ବେଳ ଗଡ଼ିଗଲେ ମାଟି !
କି ଗପ କହିବା କି ଗୀତ ଶୁଣିବା
ବେଳ ରତରତ ପରା
କେଇ ଘଡି ଦିନ ବାକି ଅଛି ଆଉ
ଖୁସିଯାକ ନୀଡ଼ହରା।
ଏବେ କେବେଯଦି ହାଟ ଗଲାବାଟେ
ଅଚାନକ ହେବ ଭେଟ
ସଉଦା କିଣାକୁ ବେଳ ତ ନିଅଣ୍ଟ
କି ଲାଭ ପୁରୁଣା ପାଠ !
ସମୟ ତ ନେଲା ପାଣି ପରି ଧୋଇ
କେତେ କେତେ ରଙ୍ଗରାଗ
ଅଦ୍ଭୁତ ସେଇ ଅସୁମାରୀ ସ୍ୱପ୍ନ
ଅଧାରୁ ହୋଇଲା ଭଙ୍ଗ।


କ୍ୟାମ୍ପସ -୯, କିଟ୍
ମୋ -୯୯୩୭୮୪୩୩୬୮


## ଜିତିବାର ଲକ୍ଷ୍ୟ ରଖି ମୁଁ ହାରିଛି

### ନିରଞ୍ଜନ ସାହୁ



ଜିତିବାର ଲକ୍ଷ୍ୟ ରଖି ମୁଁ ହାରିଛି
ଜୀବନ ସଂଗ୍ରାମ କରି
ହାରିଛି ବୋଲି ମୁଁ ଦୁଃଖ କରୁନାହିଁ
ଲୋତକ ଯାଉନି ଝରି।

ଯୁଦ୍ଧ କରିଛି ସାହସ କରି ମୁଁ
ସାଲିସ କରିନି କାହିଁ
ଭାଗ୍ୟ ବି ମୋତେ ସାହା ହୋଇନାହିଁ
ତଥାପି ମୁଁ ଡରିନାହିଁ
ରଣର ହୁଙ୍କାର ଶୁଣି ଡରିନାହିଁ
ମନରେ ଛନକା ଭରି।

ଜିତିବା ହାରିବା ସନ୍ଧି ବି କରିବା
ଇଏ ତ ଯୁଦ୍ଧର ଫଳ
ଜିତିବା ଲକ୍ଷରେ ସମସ୍ତେ ଲଢ଼ନ୍ତି
ଦେଖାଇକି ବାହୁବଳ
ଥରଟେ ଯୁଦ୍ଧକୁ ଆହ୍ୱାନ କରିଲେ
କେ' ଜାଣେ ନ ଯିବ ମରି ?

'ଯୁଦ୍ଧ ଦେହିଂ 'ର ଡାକରା ଶୁଣିଲେ
କିଏ ଲୁଚି ରହିପାରେ
ସମ୍ମୁଖ ଯୁଦ୍ଧ ମୁଁ କରିଛି କରୁଛି
ଯୁଦ୍ଧ ଶାସ୍ତ୍ର ଅନୁସାରେ
ହାରିଛି ଅବଶ୍ୟ ପରାଜୟକୁ ମୁଁ
ସହଜେ ନେଉନି ବରି।


+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ :୯୯୩୮୭୪୧୫୮୩


## ଏମିତି ବି ହୁଏ

### ଦୀପ୍ତି ମିଶ୍ର

ଏମିତି ଦିନ ଆସେ
ନଦୀର ଗତି ଦିନେ ଧିମେଇ ଯାଏ
ସାଗର ଯଜ୍ଞରେ ,
ତାର ବିକ୍ଷୁବ୍ଧ ଲହରୀ ଭିତରେ
ହଜାଇ ଦିଏ ନିଜକୁ,
ନିଜେ ନିଜର ସତ୍ତା
ହରାଇ ବସେ
ଏକ ଶୂନ୍ୟ ନୀରବତାର
ଭାରୀ ପଣ ଭିତରେ.....

ପବନ କେବେ ନା କେବେ
ଦିନେ ଲୁଚକାଳି ଖେଳୁ ଖେଳୁ
ଭାବନାର ପତ୍ରଝଡ଼ା
ପାଖରେ ଅଟକି ଯାଏ,
ପକ୍ଷୀ ବି ଆଉ ଗାଇ
ପାରେନା ଗୀତ,
ଚୁପ୍ ଚାପ୍ ବସି ଭୋଗୁ ଥାଏ
ବିରହ ବେଦନା.....

ଅଧା ଗଢା ସ୍ୱପ୍ନ ମାନେ
ଉଭେଇ ଯାଆନ୍ତି
ରାତି ପାହିବା ପୂର୍ବରୁ,
ଯେଉଁ ମାନେ ଏକ ମଧୁର ମୁହୂର୍ତ୍ତରେ
ଲୁଚକାଳି ଖେଳୁ ଥାଆନ୍ତି
ତନ୍ଦ୍ରା ବିଜଡ଼ିତ ପଲକ ସହିତ.....

ଗଛ ମାନଙ୍କୁ ନେଇ
ନିଜର ପତିଆରା ଜାରି କରୁ କରୁ
ଶାଗୁଆ ପ୍ରକୃତି
ଧୂସର ମରୁ ଯଜ୍ଞରେ
ନିଜର ସବୁଜିମାକୁ ଅଜାଣତେ
ଆହୁତି ଦେଇବସେ,
ସବୁ ଶବ୍ଦ ହଜିଯାଏ
ତାର ପ୍ରୀତିର ପରିଧିରୁ,
ଭାବନାର କୋଳାହଳ
ହଠାତ୍ କେମିତି
ଶୂନ୍ୟ ହୋଇ ଯାଏ।

ଆକାଶର ହସିବା ବନ୍ଦ ହୋଇ ଯାଏ
ହଜିଯାଏ ତା ନିଳୀମାରୁ
ଝରୁଥିବା ପ୍ରୀତିର ବର୍ଷା
କିଏ ସେହି....
ଏ ବର୍ଷାରେ ରୋକ୍ ଲଗାଏ
ଜହ୍ନ ବି କହି ପାରେନା
ଆକାଶ ତା'ର ବୋଲି.....
ଏକ ତୀବ୍ର ଗମ୍ଭୀରତାର ଭାବ
ଆବୋରି ନିଏ
ଏ ନଦୀ, ଆକାଶ ଓ ପୃଥିବୀକୁ ...

ଆଜିର ଘନ କୁହୁଡି ,
ହାଡ଼ ଥରା ଶୀତ ,
ଅରୁଣଙ୍କର ନରମ ଚାହାଣୀ ....
ମନେ ପକେଇ ଦିଏ
ପତ୍ରଝଡ଼ାର ବିରହ ବେଦନା ....
ପରବର୍ତ୍ତୀ ପର୍ଯ୍ୟାୟ ରେ
ହୃଦୟ କୁ ଥୟ କରି ଆଗକୁ
ବାଟ ଚାଲିବାର ନିର୍ମମ ବାହାନା।


+ ବାରିପଦା
ମୋ - ୯୪୩୮୪୦୪୩୦୮

## ଶେଷ ବସନ୍ତର ଚିଠି

### ବେଣୁଧର ସୂତାର



ଶିଳ୍ପୀର ଜୀବନ୍ତ ସୃଷ୍ଟିର ମହକ
ମଧୁର ପୁଲକ ତୋଳେ
ଚମକ ତୃପ୍ତିର ଦିବ୍ୟ ଚାରୁକଳା
ଅର୍କ କମଳ କୋଳେ ॥

ପାଷାଣ ଗାତ୍ରରେ ଲଳିତଶୃଙ୍ଗାରେ
କେତେ ମଧୁ ସ୍ପର୍ଶ ବୋଳା
କୁଶଳୀ ଶିଳ୍ପୀର ଅମୃତ ହସ୍ତର
ତ୍ରିପୁର ଚମକ କଳା ॥

ଶିଳା ସୁନ୍ଦରୀର ରୂପ ମାଧୁର୍ଯ୍ୟର
ଛନ୍ଦ ରାଗ ଆଶାବରୀ
ମିଥୁନ ମୁଦ୍ରାର ଲାସ୍ୟ ଲଳନା ସେ
ପ୍ରୀତିର ସ୍ୱପ୍ନ ପୁରୀ ॥

ସପନ ସୁନ୍ଦରୀ ରତି ପ୍ରୀତି କ୍ଷୁଧା
ପାଷାଣେ ଭରିଛି ଛନ୍ଦ
ମୁକୁଳାକେଶୀର ଉଚ୍ଛୁଳାଯୌବନେ
ପ୍ରଣୟର ମଧୁ ଗନ୍ଧ ॥

ପ୍ରଣୟ ସ୍ୱପ୍ନର ତନ୍ଦ୍ରାତୀରେ ବସି
ଗାଏ ବିରହରେ ଗୀତି
ତନୁତଳ୍ପରେ ତା ଲହଡ଼ି ମାରୁଛି
ଆବେଗର ଜହ୍ନ ରାତି ॥

ବିଧୁବଦନା ସେ ବିଦ୍ୟୁତ ଲୋଚନା
ମେଖଳା ଯା ରୁଣୁ ଝୁଣୁ
ତାରୁଣ୍ୟ ତନୁରେ ତାରକସି ଝରା
ପ୍ରୀତିର ପଦ୍ମ ରେଣୁ ॥

ପ୍ରୀତି ମାଧୁର୍ଯ୍ୟର ପରିବ୍ୟାପ୍ତ କ୍ଷୁଧା
ପ୍ରତୀକ୍ଷିତ ମୁହୂର୍ତ୍ତରେ
ମନ ସୌଦାଗର ଚୁମିବ ଅଧର
ରାସ ରଙ୍ଗେ ଅଭିସାରେ ॥

କାଳର ଅକାଳ ସମୟସ୍ରୋତ ତା
ସ୍ୱପ୍ନ ନେଇଗଲା ଲୁଟି
ତା ପ୍ରୀତି ପ୍ରତୀକ୍ଷା କଳ୍ପିତ ଅଭୀପ୍ସା
ସଂଭ୍ରମେ ଯାଇଛି ତୁଟି ॥

କୁମାରୀ ଅନ୍ତର କରୁଣ ରାଗିଣୀ
ବେଦନା ତା ମର୍ମଭେଦୀ
ନୟନ ଅଶ୍ରୁ ତା ସୃଷ୍ଟି କଲା କିବା
ଯନ୍ତ୍ରଣାର ନୀଳ ନଦୀ ॥

ଉଜୁଡ଼ି ଯାଇଛି ତନୁ ତୃଷ୍ଣା ତା'ର
ନବନୀତ ଯଉବନ
ବିଷାଦରେ ଭରା ତା ମନ ଆକାଶ
ଉଆଁସର ମଲା ଜହ୍ନ ॥

ହଜିଯାଇଛି ତା ଗୋତ୍ର ଠିକଣା
ଅହଲ୍ୟା ସାଜିଛି ଏଠି
ମନର ମଣିଷ ଦେଇଛି ବିରହେ
ଶେଷ ବସନ୍ତର ଚିଠି ॥


❤କେଶଦୁରାପାଳ, କେନ୍ଦୁଝର
ମୋ: ୯୧୭୮୫୬୮୨୪୬


## ଧାନକେଣ୍ଡା

### ଜଗଦୀଶ ସାହୁ



ଖୁସି ହୁଏ ଚାଷୀ ଭାଇ
କ୍ଷେତରେ ତାହାର ସୁନା ଫଳିଅଛି
ଧାନକେଣ୍ଡା ରୂପ ନେଇ ।

ପଡିଲେ ସକାଳ ଖରା
ଧାନକେଣ୍ଡା ଦିଶେ ଚାଷୀର ଆଖିକୁ
ଉଆଁସ ରାତିର ତାରା ।

କାକର ପଡିଲେ ଝରି
ଧାନକେଣ୍ଡା ତାକୁ ଆଦରରେ ପିନ୍ଧେ
ମଥାରେ ତିଳକ କରି ।

ବହିଲେ ଶୀତଳ ବାତ
ଧାନକେଣ୍ଡା ନାଚ ଦେଖିକି ଲାଜରେ
ଦୂରେ ଚାଲିଯାଏ ଶୀତ ।


❤ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ : ୯୦୭୮୧୮୫୬୧୬


## ଜିନ୍ନତ

### ରତ୍ନାକର ରାଉତ



ମହାରାଷ୍ଟ୍ରରୁ ଆସିଥିଲା ଜିନ୍ନତ
ଆସି ନଥିଲା
ତାକୁ ଆଦରରେ ଅଣାଯାଇଥିଲା
କିଛିଦିନ ତାକୁ ଘରମଣା କରାଗଲା
ଓଡ଼ିଶାରେ
ତାପରେ ଛାଡ଼ିଦିଆଗଲା ଶିମିଳିପାଳ
ଅଭୟାରଣ୍ୟରେ
ସେଠି ରହିବ, ବଂଶ ବିସ୍ତାର କରିବ
ଏହି ଉଦ୍ଦେଶ୍ୟରେ
ମଣିଷ ଭଳି ପରାଧୀନ ନୁହେଁ ଜିନ୍ନତ
କାହା ହୁକୁମରେ ସେ ହେବ ଆତଯାତ
ସେ ତା ଆପଣା ଇଚ୍ଛାର ମାଲିକ
ନା ତା' ପାଇଁ ଅଛି କେଉଁ ରାଜ୍ୟର ସୀମାନ୍ତ
ଅବା କେଉଁ ଜଂଗଲରେ ଆକଟ
ତା ଇଚ୍ଛାରେ ସେ ଶିମୁଳିପାଳରୁ ଯାଇ
ବୁଲିଲା ଝାଡ଼ଖଣ୍ଡ ଜଂଗଲରେ
ଜାମସେଦପୁର ବନଖଣ୍ଡର ଚାକୁଳିଆ
ଅଂଚଳରେ
ଗତକାଲି ତା'ର ମନହେଲା
ସେ ଯାଇ ପହଂଚିଲା
ପଶ୍ଚିମବଂଗର ବେଲପାହାଡ଼ି ଇଲାକାରେ
ସବୁ ଜଂଗଲରେ ଭରି ରହିଥିବା ଖାଦ୍ୟରେ
ତାର ନିରଂକୁଶ ଅଧିକାର
ତାକୁ ନିର୍ଦ୍ଦିଷ୍ଟ ସ୍ଥାନରେ ଅଟକେଇ ରଖିବାର
କ୍ଷମତା ନାହିଁ କେଉଁ ପରାକ୍ରମୀ ଶାସକର
ଅନ୍ୟଥା ନିଜ ପାଇଁ ସବୁଠି
ବାଧା, ବନ୍ଧନ, ତନଖି ଫାଟକ,
ସୀମାରେଖା ଓ ତାର ବାଡ଼ ଗଢ଼ିଛି
ସ୍ୱାର୍ଥୀ ମଣିଷ ନିଜ ହାତରେ
ଆଖି ଖୋଲି ଦେଖିଲେ ସ୍ପଷ୍ଟ ଦିଶିବ
ଏସବୁ ପଛରେ ରହିଛି ମଣିଷର ଦୁରଭିସନ୍ଧି
ଓ ଅପ୍ରତିହତ ଅହଂକାର
ସାମାନ୍ୟ ପଶୁ ବାଘୁଣୀ ଜିନ୍ନତ
କେତେ ସେ ମୁକ୍ତ, କେତେ ସ୍ୱାଧୀନ,
କେତେ ଅବାଧ ତାର ବିଚରଣ
ବିଚରା ମଣିଷ ସଂସାରରେ
ହରେଇଦେଇ ନିଜର ସକଳ ସ୍ୱାଧୀନତା
କେତେ ବିକଳ, କେତେ ଅସହାୟ,
କେତେ ପରାଧୀନ ସବୁଠି ?


❤ ଭୁବନେଶ୍ୱର


## ଜହ୍ନିଫୁଲ ପରି ହଳଦୀ ରଙ୍ଗର ଦେହ

### ପ୍ରଶାନ୍ତ କୁମାର ଦାଶ



ସିନ୍ଦୂରା ଫାଟିଲେ
ସଦ୍ୟ ଉଇଁଥିବା ସୂର୍ଯ୍ୟର
କଅଁଳ କିରଣ ଦେଇ
ଝିଲ୍‌ମିଲ୍ କରୁଥିବା
ଜହ୍ନିଫୁଲର ରଙ୍ଗପରି ଦିଶେ
ତା' କୁଆଁରୀ ଦେହ !

ପହିଲି କାକର ଛୁଆଁରେ
ସେ' ଓଦା ହୁଏ !
ଚୋରା ଚାହାଣି ଆଉ,
ନୀରବ ଓଠରେ ଇଙ୍ଗିତରେ
ନହୁଲି ଅଳସୀର ଭିଜା ଯୌବନ
ଅୟୁତ କାହାଣୀ କୁହେ ।

ତା' ରୂପଲାବଣ୍ୟରେ ଥାଏ
ଅଭିଆଡ଼ିର ଚମକ,
ଷୋଡ଼ଶୀ ସୁନ୍ଦରୀ ପରି
ଦେହ ଦେଉଳରେ ତା'ର
ଦେବୀତ୍ୱର ଅପୂର୍ବ ମହକ ।

ଜହ୍ନିଫୁଲ ରଙ୍ଗର ଶାଢ଼ୀରେ
ଢାଙ୍କିଥାଏ ତା' ହଳଦିଆ କୁଆଁରୀ ପଣ
ମୋ' କଳ୍ପିତ ଈଶ୍ୱରୀର ପାଦ ହଳକରେ
ପାଉଁଜି ରଣଝୁଣ,
ଭଉଁରୀ ଖାଉଥିବା ତା' ଦେହ କୁଞ୍ଜବନ
ମୋ' ଜୁଆନ୍ ଛାତିକୁ ଦିଏ
ପ୍ରତୀକ୍ଷାର ଅଜସ୍ର ଜ୍ୱଳନ ।

ଜହ୍ନିଫୁଲ ପରି କୋମଳ
ତା' ହୃଦୟ ଓ ମନ,
କାଶତଣ୍ଡୀର ସୁରିଲା ସୁରିଲା ସ୍ୱପ୍ନରେ
ଦୋହଲାଏ ଦେହ ଉପବନ ।

ସେ'
ମହୁଆ ମଳୟର ସଞ୍ଚରେ
ରାତି କୁ ଆୟୁଷ ମାଗେ !
ଜହ୍ନିଫୁଲ ଓଠର କାକର ବିନ୍ଦୁରେ
ମନ୍ତ୍ରସ୍ନାନ କରେ,
ରଙ୍ଗୀନ ପ୍ରଜାପତିର ଡେଣାରେ
ମୋ'ର ଦୁଷ୍ଟ ଇଚ୍ଛା ସବୁକୁ
କ୍ଷତବିକ୍ଷତ କରେ ।

ତା' ଜହ୍ନିଫୁଲିଆ ଗଭାରେ
ବିଦଗ୍ଧ ମୋ' ବଂଶୀସ୍ୱନ
ତା' ସ୍ୱର୍ଗୀୟ ଆକର୍ଷଣରେ ତଲ୍ଲୀନ
ମୋ' ପ୍ରେମର ନନ୍ଦନକାନନ ।


❤ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪


## ସନ୍ତୁଷ୍ଟରେ ଯଥେଷ୍ଟ ଦର୍ଶନରେ...

### ଡାଃ ମନୋରଂଜନ ଦାଶ



ବିଶ୍ୱାସ ଓ ଅବିଶ୍ୱାସର ଛକାପଂଝା ଖେଳରେ
ନିଟୋଳ ବିଶ୍ୱାସ ପରଶିବା ହିଁ ମୋର ଧର୍ମ ।
ଅନେକ ଅବିଶ୍ୱାସ ମୋ ମନକୁ ଛଟପଟ
କରିଲେ ବି
ଅବିଚଳିତ ଭାବେ ବାଟ ଚାଲବାକୁ
ମୋର ବି ତ ଓ ସାଧନା ।
ଛଳନାର ମଣିଷମାନଙ୍କ ସହ କୌଶଳରେ
କଥାବାର୍ତ୍ତା କରିବାର କଳାକୁ ଶିଖୁଚି ମୁଁ
ଏବେ...
ମୋ ଭାବର ଅବେଗକୁ ଏଠି ବୁଝିବାକୁ
କିଏ ଅଛି ଯେ !
ମୁଁ ଏଠି ପ୍ରଶ୍ନବାଚୀ !
ମୋ ସ୍ୱପ୍ନ ସତେ କେତେ ମୋର ଆପଣାର ।
ନିଃସର୍ତ୍ତରେ ଜୀବନ ଜୀଇଁବାକୁ
ସତେ ଯେମିତି ପଣ କରିଚି ମୁଁ !
ମୋ ଛାତିତଳର ଅକୁହା ବ୍ୟଥାକୁ ଭୂଲି
ବିଭୋର ହେବାକୁ ପଡୁଚି, ବାରମ୍ବାର ।
ବିଭୋର ହେବାର ସାମର୍ଥ୍ୟ ଅଛି ବୋଲି
ଜୀବନଟା ବେଶ୍ ଉପଭୋଗ୍ୟ,
ସନ୍ତୁଷ୍ଟରେ ଯଥେଷ୍ଟ ଦର୍ଶନରେ....


❤ ପ୍ରଭାବତୀ ନିଳୟମ୍, ବେଲତଳ,
ପଟ୍ଟାମୁଣ୍ଡାଇ, ଜି : କେନ୍ଦ୍ରାପଡ଼ା
ମୋ : ୯୪୩୭୩୧୭୭୨୨


## ଗତ ସନ ଶୀତ

### ଅକ୍ଷୟ କୁମାର ରାଉତ



ଗତ ସନ ଶୀତ ଏ ସନ ଠାରୁ ଅଧିକ ଥିଲା
ଗାଁର ସବୁଠୁ ବୟୋଜ୍ୟେଷ୍ଠା ନଖି ବୁଢ଼ୀ
ହାଡ ଭଙ୍ଗା ଶୀତରେ ଆରପାରିକୁ ଚାଲିଗଲା
ସତେ ଯେମିତି ଗୋଟାଏ ଯୁଗର ଅନ୍ତ ହେଲା
ସଭିଙ୍କ ପାଟିରେ ଗୋଟେ କଥା ନଖି ବୁଢ଼ୀ ଭଳି
ସଶକ୍ତ ମହିଳା ଏ ସନ ଶୀତକୁ
ପ୍ରତିରୋଧ କରି ପାରିଲା ନାହିଁ ।

ନଖି ବୁଢ଼ୀ ପ୍ରତି ବର୍ଷ ଶୀତରେ ଖଣ୍ଡେ ଛିଣ୍ଡା ଆଖା ପାରି
ସୂର୍ଯ୍ୟ ଦେବଙ୍କ ଆଡ଼କୁ ଚାହିଁ ବସୁଥିଲା ରୋଜ ସକାଳୁ
ସୂର୍ଯ୍ୟ ଦେବ ଯେମିତି ନିଜର ଗତି ବଦଳାଉଥିଲେ

ନଖି ବୁଢ଼ୀ ଅଖା ଧରି
ସୂର୍ଯ୍ୟ ଦେବଙ୍କ ପଛେ ପଛେ ଚାଲୁଥିଲା
ସତେ ଯେମିତି ଖରା ଛାଇର ଲୁଚକାଳି ଖେଳ ଖେଳୁଥିଲେ ଦୁହେଁ
ହେଲେ ଏ ସନ ଆଉ ତାହା ଦେଖିବାକୁ ମିଳିବ ନାହିଁ ।
ଶୀତ ଦିନେ ଗାଁର ଦୃଶ୍ୟ ସବୁ ନିଆରା ଥିଲା
କିଏ ପିଲାଙ୍କ ପାଇଁ ସୁଇଟର ବୁଣୁଥିଲା
କିଏ ହେଂସ ବୁଣୁଥିଲା
କିଏ ଗୋବର ଚକଟି ଘଷି ପାରୁଥିଲା
ଶୀତ ଦିନେ ଧାନ ଉଁଷା ହାଣ୍ଡିରେ ବଡ଼ ବୁଢ଼ୀ ମାନେ
ସାରୁ,ବାଇଗଣ ଆଦି ଧାନ ଭିତରେ ରଖି ସିଝାଇ ଥାନ୍ତି
ସାରୁ ଭର୍ତ୍ତାରେ ରସୁଣ ଓ କଞ୍ଚା ଲଙ୍କା ଚକଟି ପଖାଳ
ଖାଇବାର ମଜା ନିଆରା
ଧାନ ଉଁଷାଇଲା ବେଳେ ପିଲାଠୁ ବଡ଼
ଚୁଲି ଚାରି ପାଖରେ ବସି ହାତ ସେକି ହୋଇଥାନ୍ତି
ହେଲେ ଆଜି ଚୁଲିର ବ୍ୟବହାର ବହୁତ କମ ହେଉଛି
ତା ଛଡା ଧାନ ଉଁଷେଇ କୁଟି ଖାଇବା
ଧୀରେ ଧୀରେ ବନ୍ଦ ହେଲାଣି ।

ଶୀତ ଦିନେ ବାଡି ବଗିଚା, କ୍ଷେତରେ
ପାଳଙ୍ଗ,ଖଡା, ମୂଳା,ସୋରିଷ ଶାଗ ଓ
ଫୁଲକୋବି, ବନ୍ଧା କୋବି,ଓଲକୋବି ଭଳି
ନାନା ପ୍ରକାର ଶାଗ,ପରିବା ଲୋକେ ଲଗାଉଥିଲେ
ଏବେ ଆଉ ସେ ସବୁ କିଏ ବା କରୁଛି
କିଣି ଖାଇବାକୁ ସମସ୍ତେ ପସନ୍ଦ କରୁଛନ୍ତି
ତା ଛଡ଼ା ଆଜିକାଲି ପାଠ ପଢୁଆ ଲୋକେ
କିଏ ପାଣି କାଦୁଅ କୁ ଯାଉଛି !

ଗତ ସନ କାର୍ତ୍ତିକ ମାସରେ ମନ୍ଦିର ଚଉତରାରେ,
ଚଉଁରା ମୂଳେ ଝିଅମାନେ ରଙ୍ଗୋଲି ପକାଇଥିଲେ
ଏ ସନ ବି ପକାଇଛନ୍ତି ରଙ୍ଗୋଲି
ଫରକ କେବଳ ଏତିକି ଯେ ଗତ ସନ ଝିଅମାନେ
ନିଜ ହାତରେ ଆଙ୍କି ଥିଲେ ଏ ସନ
ଛାଞ୍ଚର ସାହାଯ୍ୟ ନେଇଛନ୍ତି
ଏ ସନ ଖୁବ ଭଲ ହୋଇଛି ରଙ୍ଗୋଲି
ହେଲେ ହାତ ପକା ରଙ୍ଗୋଲିରେ ଯେଉଁ ଆତ୍ମୀୟତା
ତାହା ରେଡ଼ିମେଡରେ ନଥାଏ ।

ସମୟ ସହିତ ସବୁକିଛି ବଦଳୁଛି
ଆଗ ଭଳି ଶୀତ ଆଉ ଗାଁ ରେ ନାହିଁ
ପରମ୍ପରା ଓ ସଂସ୍କୃତି ର ଜ୍ଞାନ ବଣ୍ଟୁଥିବା
କିଛି ପୁରୁଣା କାଳିଆ ବୁଢ଼ା ବୁଢ଼ୀ ମଧ
ଧୀରେ ଧୀରେ ଶେଷ ହେବାକୁ ବସିଲେଣି ଗାଁ ରୁ
ସେମାନେ ହୁଏତ କମ୍ ଶିକ୍ଷିତ ହୋଇଥାଇ ପାରନ୍ତି
ହେଲେ ସେମାନଙ୍କ ଅନୁଭବ, ସୁବିଚାର ଓ
କାର୍ଯ୍ୟଦକ୍ଷତାର ବିକଳ୍ପ ଆଜିର
ଶିକ୍ଷିତଙ୍କ ପାଖରେ ନାହିଁ
ଆଜି ଆମେ ସେମାନଙ୍କୁ ହତାଦର କରୁଛେ
ସେମାନଙ୍କ ଅନ୍ତେ ହୁଏତ ଆମ ଚେତନା ଫେରିପାରେ
ହେଲେ ଗତସନ ଶୀତ ଭଳି
ଏଇ ବୟୋଜ୍ୟେଷ୍ଠ ମାନେ
ଦିନେ ଅନେକ ଦୂର ଚାଲିଯିବେ ଆମ ଠାରୁ ।


❤ବାଳକାଟି, ଆଳି, କେନ୍ଦ୍ରାପଡ଼ା


## ଶୀତରେ ବରଷା

### ଜୟନ୍ତ କୁମାର ମଲ୍ଲିକ୍



ଶୀତରେ ବରଷା ଆସି
ବଇରୀ ଯେ ସାଜିଲା
ଅବିବେକୀ ସାଜି ଧାନ
କିଆରୀରେ ଗାଜିଲା ।
ସୁନା ରଙ୍ଗୀ ଧାନ ମାନ
ପେଟେଇଲେ ମାଟିରେ
ଦୁଇଦିନ ଆଗୁ ଚାଷୀ
ଦେଇଥିଲା କାଟିରେ ।
ଟେକିଦେଲେ ଝଡ଼ିଯାଏ
ନହୁଅଇ ଅମଳ
ଚାଷୀ ଦେହେ ଜର ଫୁଟେ
ଲୋଡ଼ା ପଡ଼େ କମଳ ।
ଅସମୟେ ବର୍ଷା ଆସି
ବଢ଼ାଇଲା ଶୀତକୁ
ଶୀତ ଦିନେ ବର୍ଷା ହେବା
ନୁହେଁ ଜମା ହିତକୁ ।


❤ଶୂରଡିହ, ନନ୍ଦିପୁର,
ଦଶରଥପୁର,ଯାଜପୁର
ମୋ: ୯୪୩୭୮୬୫୭୨୭


## ଦ୍ରୌପଦୀ ମୁର୍ମୁ

### ଶୁଭ୍ରଜିତ୍ ରାୟ

ଉପରବେଡା
ଗୋଟେ ଅଖ୍ୟାତ ଅନ୍ଧାରି ମୂଳକ
ଅଭାବୀଙ୍କ ଆର୍ତ୍ତନାଦ
ଭୋକର ଭୂକମ୍ପ
ଯନ୍ତ୍ରଣାର ଜପାମାଳା ଧରି
ଜୀବନ ଯେଉଁଠି ଜାଳୁଥାଏ
ଜିଡ଼ିର ଜାଗର...

କେଉଁ ପୁଣ୍ୟର ପ୍ରତିଦାନରେ
ଦାରିଦ୍ର୍ୟର ଦୁନ୍ଦୁଭି ବାଜୁଥିବା
ଉଦାସୀ ଉପବନରେ
ଫୁଟି ଥିଲା ବଣମଲ୍ଲୀ
ମଉଳିବା ଆଗରୁ ମହକାଇଲା
ପଲ୍ଲୀରୁ ପୃଥିବୀ....

ପାହାଡର ପକ୍ଷୀରବ ଝରଣାର ଝଙ୍କାର
ମାଟିର ମହକ
ପବନର ପୁଲକ ଆକାଶର ଆକର୍ଷଣ

ନଈର ନିମନ୍ତ୍ରଣ ଭୋଗିବା ଆଗରୁ
ଦୁଃଖର ଦେଉଳୁ ଶୁଭିଲା
ଦୁର୍ଗତଙ୍କ ଦୁର୍ବିପାକ...

ପ୍ରତିରୋଧର ପ୍ରାଚେରୀ ଡେଇଁ
ପୋଡା ପେଟ ପାଇଁ
ବାହାରିଲା ପ୍ରତିବାଦର ପଟୁଆର
ନିଷ୍ଠୁର ବାସ୍ତବତାର ବ୍ୟାଖ୍ୟାରେ
ନୀରବି ଗଲା ବିଧାନସଭା
ବିରୋଧିମାନେ ବିଶ୍ୱସ୍ତ ହେଲେ
ପିନ୍ଧାଇଲେ ବିଜୟମାଳା...

ନଗରପାଳରୁ ପ୍ରଥମ ନାଗରିକ
ଏକ ଯର୍ଥାଥ ଯାତ୍ରା
ନିରୀହ, ନିର୍ଯ୍ୟାତିତ,ନିଷ୍ପେଷିତ
ଦୁର୍ବଳ, ଦୁଃଖାର୍ତ୍ତ, ଦୁରାରୋଗ୍ୟ
ମଣିଷଙ୍କ ସ୍ୱାର୍ଥ ପାଇଁ
ସଂଘର୍ଷର ସିଢ଼ି ଚଢ଼ି
ତୁମେ ହେଲ ରାଷ୍ଟ୍ରର ନାୟିକା...

ସତ୍ୟ-ଶାନ୍ତି, ପ୍ରୀତି-ମୈତ୍ରୀ, ଦୟା-ଦାୟିକା
ତ୍ୟାଗ-ତିତିକ୍ଷାର ସମର୍ଥ ସମ୍ପତ୍ତି
ହେ ଦ୍ରୌପଦୀ !
ଗାଉଥାଅ ସବୁବେଳେ
ଜୀବନ ଓ ଜୀବିକାର ମଧୁର ଧ୍ରୁପଦୀ ...


❤ଶାସନୀପଡା, କେନ୍ଦ୍ରାପଡ଼ା
ମୋ: ୭୬୦୮୮୫୩୪୩୬


## ବାଡ଼ି ବାଇଗଣ

### ଜଗଜ୍ୟୋତି ମହାନ୍ତି



କେତେ ଐଶର୍ଯ୍ୟରେ ଭରା ତାରାମାନେ
ଦେଖାଯାଆନ୍ତି ନାହିଁ
ତଥାକଥିତ ଜହ୍ନର ଆଲୋକରେ,
ଗାଁ ଗହଳିରେ ମହମହ ବାସୁଥିବା ହେନା
ପରିଚୟ ନପାଇ ନିରବରେ ଛିଡ଼ା
ହୋଇଥାଏ
ଧୂଳି ମାଟି ଗୋଡ଼ିର ରାସ୍ତା କଡ଼ରେ...
ଗହଗହ ଗହଳ ମଣିଷ ହାଟରେ
ଚକ୍ ଚକ୍ ଦିଶୁଥିବା
ରଙ୍ଗଦିଆ ପରିବା ସାମ୍ନାରେ
ପାକୁଆ ପାଟିର ହସହସ ମୁହେଁ
ବିକ୍ରିହୋଇ ପାରେନା ମଙ୍ଗୁ ମଉସାଙ୍କ
ରକ୍ତ ଓ ହାଡ଼କୁ ଆଉଟି
ସୃଷ୍ଟି କରିଥିବା ବାଡି ବାଇଗଣ,
ପଡ଼ିଆରେ ପିଲାଙ୍କ ସେଥିରେ
ଖିଲି ଖିଲି ହସୁଥିବା ଶାଳଗଛ
ରାତିର ଅନ୍ଧକାରେ
ଛଦ୍ମବେଶୀ କଠୁରିଆଙ୍କ କଟୁରୀରେ
ନିମିଷେ ନିଃଶେଷ ହୋଇଥାଏ ତା ଜୀବନ...
ହଁ... ମୁଁ ଦେଖୁଥାଏ ବାରମ୍ବାର ଦେଖୁଥାଏ
ଏକ ଅନ୍ଧ ମୂକ ବଧିର ଓ ନପୁଂସକ ହୋଇ
ସମୟର ସ୍ରୋତେ ନିଜସ୍ୱ ପରିଚୟକୁ
ଭସାଇ...


❤ଖରସୁଆ, ଭୋଗରାଇ, ବାଲେଶ୍ୱର


## ମୋ ଗାଆଁରେ ଶୀତ

### ସୁଜିତ୍ କୁମାର ମିଶ୍ର



ମୋ ଗାଆଁ ଆଉ ଶୀତ
ଦୁହେଁ ଗୋଟିଏ ଦିଗରେ ପ୍ରବାହିତ ।

ମୋ ଗାଆଁ ଶୀତରେ
ମାଠିଆ ମାଠିଆ ମକରନ୍ଦ,
ଲାଳିତ୍ୟର ସାତସୁର,
ଭାବ ସୁଦୀର୍ଘ ସାଗର ।

ଗାଆଁକୁ ଯେବେ ଯେବେ ପଶିଛି ଶୀତ
ମେଞ୍ଚଡ ଟୋକାଠୁ ମୂରବି ସଭିଏଁ ଉଲ୍ଲସିତ,
ଗହଳିରେ ଶୀତ ନିଦ ଯାଏ
ଠକରା ଗାଲ, ଗୋଦରା ଗୋଡ ବି
ପାହାଚ ଉଠେ,
ଲିଚୁମୟ ହୁଏ ଲୁହଦ୍ୱୀପ ।

କିଛି ଫାଳିଆ କାଠ
ଶୁଖିଲା ପତର, କୁଟାରେ ଜଳିଉଠେ ନିଆଁ,
ଚାରିପଟେ ଗୋଲ ଗମ୍ବୁଜ ଭଳି ବସିଥାନ୍ତି
ରଘୁ, ଦିବାକର, ଗୋଲଖ, ସନିଆ,
ଆଦର, ଆଦାୟ, ଆନନ୍ଦ ସବୁ ଅଧରରେ,
ଶୀତରେ ଉହ୍ନେଇ ନିଆଁର ପରଶ ସୁଝିଦିଏ
ସବୁ କରଜ କଷ୍ଟ,
କିଛି କ୍ଷଣ ହେଲେ ବି ଫଗୁଣ ରଙ୍ଗରେ ।

ମୋ ଗାଆଁରେ ଶୀତ
ମୋ ଅଗଣାରେ ତାରା ଫୁଟାଏ,
ଜହ୍ନ ଆଲୁଅ ଦିଏ, ପାରିଦିଏ ପଣତ,
ସେଇଥି ପାଇଁ ତ ଏଯାବତ ମୁଁ ମୋ ଗାଆଁରେ
ସଭିଏଁ ମିଶି ଗୋଟିଏ ଘାଟ ।

ଭିନ୍ନ ମୋ ଗାଆଁର ଶୀତ
ନେଇଆସେ ନିରୋଳା କଅଁଳ ଖରା,
ସଭିଏଁ ଭିତରେ କଅଁଳ ବାଛୁରୀ,
ସଭିଙ୍କ ଘର ସପନପୁରୀ ।

ଆମକୁ ଚଲାଏ, ଦୌଡାଏ ମୋ ଗାଆଁ ଶୀତ,
ଦେହରୁ ଝରାଏ ଝାଳ,
ବୋଲେ ମନୋବଳ,
ଷାଠିଏକୁ କରେ ଷୋହଳ ।

ମୋ ଗାଆଁ ଶୀତ ଚାଳ ଛପର ଘରର
ଲୋକ ସଙ୍ଗୀତ,
ଶୁଆଏ, ଉଠାଏ, ସଞ୍ଜବତୀ ଜଳାଏ,
ପୋଖରୀକୁ ପହଁରାଏ, ବିଲକୁ ଚଷାଏ,
ଜଙ୍ଗଲକୁ ପଠାଏ,
ଶୀତରାଗ ପାଇଁ ତ ମୋ ଗାଆଁ ଚାରିଖଣ୍ଡ
ବିଖ୍ୟାତ ।

ମୋ ଗାଆଁର ଶୀତରେ ଥଣ୍ଡା ପାଣି
ବତୁରା ହୃଦୟର ପବିତ୍ର ପାଦୁକା,
ଦାନ୍ତ ହଲେନି, ବିନ୍ଧେନି
ଦେହ ଖଣ୍ଡ ଖଣ୍ଡ ହୁଏନି
ସଜାଏ ସଜଫୁଟା ଫୁଲପରି,
ମୋତେ କରେ ସୀମାନ୍ତର ଜାଗ୍ରତ ପ୍ରହରୀ ।

ଆମ ଗାଆଁର ଶୀତ ଗୋଟିଏ ଜାଗାରେ
ଏଯାବତ,
ଖାଲି ଯାହା ଫରକ୍ ଆଡମ୍ବର ତାତିର
ଅନୁପ୍ରବେଶ ।


❤ଜନାର୍ଦ୍ଦନପୁର ଶାସନ,
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

# ଆଠଗଡ଼ରେ ଦଳର ମିଶ୍ରଣ ପର୍ବ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଆଠଗଡ଼, ୨୩/୧୨ (ନି.ପ୍ର): ଚଷା ଚାଷୀର ଅଞ୍ଚଳ ଆଠଗଡ଼ ଅପାର ସମ୍ଭାବନାରେ ପରିପୂର୍ଣ୍ଣ । ଏହି ମାଟି କେବେ ଇଂରେଜମାନଙ୍କୁ ଭ୍ରୁକ୍ଷେପ କରିନାହିଁ । ଅନ୍ୟାୟ ଅତ୍ୟାଚାର ଆଗରେ ମଥା ନୁଆଇଁ ନାହିଁ । କିଛି ଲୋକଙ୍କ କାରଣରୁ ଆଜି ଆଠଗଡ଼ର ବିକାଶ ହୋଇନାହିଁ । ମାତ୍ର ବିଜେପିର ଡବଲ ଇଞ୍ଜିନ ସରକାରରେ ଆଠଗଡ଼କୁ ଭୟମୁକ୍ତ ଓ ବିକଶିତ ଅଞ୍ଚଳ କରିବା ପାଇଁ ଆମେ କଟିବଦ୍ଧ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଆଠଗଡ଼ରେ ଆୟୋଜିତ ମିଶ୍ରଣ ପର୍ବରେ ଅନେକ ସମର୍ଥକଙ୍କ ଦଳରେ ସ୍ୱାଗତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଠଗଡ଼ ଗଡଜାତ ଓ ସ୍ୱାଭିମାନୀ ଅଞ୍ଚଳ । ଆଠଗଡ ଓଡ଼ିଶାର ପ୍ରମୁଖ ପେଣ୍ଠସ୍ଥଳ । ଅନ୍ୟାୟ, ଅତ୍ୟାଚାରରେ ମୁଣ୍ଡ ନୁଆଉଁ ନଥିବା ଅଞ୍ଚଳ । ବିଜେପି ସରକାରରେ ଆଇନ କେଉଁ ବିଧାୟକଙ୍କ ନିର୍ଦ୍ଦେଶରେ ଚାଲିବ ନାହିଁ । ନ୍ୟାୟ ଗରିବ ଲୋକଙ୍କ ପାଇଁ ରହିବ । ଏଠାରେ କିଛି ଲୋକ ଔଷଧ ବିକଳରେ ତାଟିଆ କମୁଡ଼ିଛନ୍ତି । ଡବଲ ଇଞ୍ଜିନର ସରକାର ଏହି ଅଞ୍ଚଳରେ ଲୋକଙ୍କୁ ନ୍ୟାୟ ଦେବା ସହ ବିକାଶ ପାଇଁ ପ୍ରତିବଦ୍ଧ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ବ୍ୟାଙ୍କରୁ ଋଣ ଅଣାଯାଇ ଆଠଗଡ଼ରେ କେନାଲ ଖୋଳା ହେଲା । ଏହାଦ୍ୱାରା ଓଡ଼ିଶାର ଋଣ ଭାର ବଢିଲା କିନ୍ତୁ ଏହି ଅଞ୍ଚଳର ଚାଷୀଙ୍କ ଜମିକୁ ପାଣି ମାଡିଲା ନାହିଁ । ମହାନଦୀରେ ଆଜି ପାଣି ନଷ୍ଟ ହେଉଛି । କିନ୍ତୁ ଯଦି ସେହି ପାଣିକୁ ସୁବ୍ୟବସ୍ଥିତ ରାଯାଇପାରିବ ତେବେ ଆଠଗଡ ଚାଷୀ ବିଲରେ ସୁନା ଫଳିବ । ଡବଲ ଇଞ୍ଜିନ ସରକାରରେ ଆଠଗଡ଼ର ଚାଷ ଓ ଚାଷୀଙ୍କ ସମସ୍ୟାର ସମାଧାନ ହେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ମିଶନରେ କ୍ୟାପିଟାଲ ଜୋନ୍ ରିଙ୍ଗ ରୋଡର କଳ୍ପନା ହୋଇଛି । ଏଥିପାଇଁ ପ୍ରାୟ ୬୦୦୦ କୋଟି ଟଙ୍କାର ଖର୍ଚ୍ଚ ହେବ । ଏହାର ଅଧିକ ଲାଭ ଆଠଗଡ ପାଇବ । ପୂର୍ବ ସରକାରଙ୍କ ଏଥିରେ ସହଯୋଗ ନଥିଲା । ସ୍ୱାମୀ ମରୁ ପଛେ ସଉତୁଣୀ ବିଧବା ହେଉ, ଏହି କାମରେ ପୂର୍ବ ସରକାର ଲାଗିଥିଲେ । ମାତ୍ର ଉପରୋକ୍ତ ପଦକ୍ଷେପ ଦ୍ୱାରା ଆଗାମୀ ଦିନରେ ଆଠଗଡରେ ଚାଷ ଓ ଶିଳ୍ପାୟନ ବଢିବ । ଓଡ଼ିଶାର ସବୁଠୁ ବିକଶିତ ହେବ ଅଞ୍ଚଳ ହେବ ଖୋର୍ଦ୍ଧାରୁ ଆଠଗଡ । ଖୋର୍ଦ୍ଧା ସବ ଡିଭିଜନ, କଟକ ସଦର ସବ ଡିଭିଜନ, ଆଠଗଡ ସବ ଡିଭିଜନ, ଢେଙ୍କାନାଳ ସବ ଡିଭିଜନ, ବାଙ୍କୀ ସବ ଡିଭିଜନର ବିକାଶ ହେବ । ଆଠଗଡ଼ ସମେତ ସମ୍ବଲପୁର, କଟକ, ଢେଙ୍କାନାଳ, ବାଙ୍କୀ, ଜଗତସିଂହପୁରର ସଡକ ଭିତ୍ତିଭୂମି ସୁଦୃଢ ହେବ ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ ମିଶ୍ରଣ ପର୍ବରେ କଂଗ୍ରେସ ଏବଂ ବିଜେଡି ଦଳର ନେତା, ଜନପ୍ରତିନିଧି ଓ ଅନେକ ସମର୍ଥକଙ୍କୁ ଦଳରେ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ ନେତୃତ୍ୱ ଓ ବିକାଶଶୀଳ କାର୍ଯ୍ୟକୁ ସ୍ୱୀକାର କରି ଦଳରେ ଯୋଗଦେଇଥିବାରୁ ଧନ୍ୟବାଦ ଜଣାଇବା ସହ ଏହି ମିଶ୍ରଣ ପର୍ବ ଦଳର ସଂଗଠନକୁ ତୃଣମୂଳ ସ୍ତରରେ ଅଧିକ ମଜବୁତ୍ କରିବ ବୋଲି ସେ କହିଛନ୍ତି ।

# ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କୁ ବିଜେପି ପକ୍ଷରୁ ସମ୍ବର୍ଦ୍ଧନା

ଘଟଗାଁ, ୨୩/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଗସ୍ତରେ ଥିବା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ବିଜେପି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗୋନାସିକା ମହୋତ୍ସବରେ ସାମିଲ ହେବା ପାଇଁ ଶ୍ରୀମତୀ ପରିଡ଼ା ଆଜି କେନ୍ଦୁଝର ଗସ୍ତରେ ଆସିଛନ୍ତି। ଏହି ଅବସରରେ ଶାଳପଡା ଛକରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ, ମହିଳା ମୋର୍ଚ୍ଚାର ପୂର୍ବତନ ଜିଲ୍ଲା ସଭାନେତ୍ରୀ ସୁମତି ଜେନା, ଜିଲ୍ଲା ବୁଦ୍ଧିଜୀବୀ ପ୍ରକୋଷ୍ଠ ସଂଯୋଜକ ଶମ୍ଭୁନାଥ ରାଉତଙ୍କ ତତ୍ୱାବଧାନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ବରିଷ୍ଠ ନେତା ଗୋଲକ ଜେନା, ହରିଜନ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ହେମନ୍ତ ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ଟିକି କିସ୍କୁ, ନଗର ମଣ୍ଡଳ ସାଧାରଣ ସମ୍ପାଦକ ନାରାୟଣ ବାରିକ, ବରିଷ୍ଠ ନେତା ପ୍ରଣବ ପୁହାଣ, ପ୍ରେମାନନ୍ଦ ମିଶ୍ର, ମଧୁସୂଦନ ରାଉତ, କମଳାକାନ୍ତ ସୁର, ନରେନ୍ଦ୍ର ପଣ୍ଡା, ତରିମୂଳ ପଂଚାୟତର ଜୀମୂତ ରାଉତ, ଧନୁ ରାଉତ, ଭଣ୍ଡରିଡିହା ପଂଚାୟତର ଲିପୁନ ସା, ସମିତି ସଭ୍ୟା ସୁବସିନି ପ୍ରିୟଦର୍ଶନୀ ମହାରଣା, ରୁପ ରଞ୍ଜନ ମହାରଣା, ଦଳିତ ନେତା ସନ୍ୟାସୀ ପାତ୍ର, ପ୍ରଦିପ୍ତା ସୁର, ବିଜୟଲକ୍ଷ୍ମୀ ପାତ୍ର, ଲଳିତା ସେଠୀ, ୧୨ ନମ୍ବର ୱାର୍ଡ ବିଜେପି କାଉନସିଲର ପ୍ରାର୍ଥୀ ସୁକାନ୍ତି ସ୍ୱାଇଁ, ଗୟଳମୁଣ୍ଡା ମଣ୍ଡଳ ସାଧାରଣ ସମ୍ପାଦକ କାର୍ତିକ ମହାନ୍ତ, ହରିଜନ ମୋର୍ଚ୍ଚା ପୂର୍ବତନ ଜିଲ୍ଲା ସଭାପତି ସନ୍ତୋଷ ଜେନା, ପୂର୍ବତନ ନଗର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଧବଳେଶ୍ୱର ସାହୁ, ଯୁବନେତା ସଚିନ ମଲ୍ଲିକ, ସନ୍ଦୀପ ଜେନା, ମାନସ ସାହୁ, ସୁଭାଦ୍ରୀ ବଳିଆରସିଂ, ଆନନ୍ଦପୁରର ନାରୀନେତ୍ରୀ ଝାନ୍ସୀରାଣୀ ଦାସ, ପ୍ରଣୟିନି ବ୍ରହ୍ମା, ଦିପ୍ତିମୟୀ ଖୁଂଟିଆ, ପଦ୍ମପୁରର ବାଇଧର ସାହୁ, ସମବାୟବିତ ଶରତ ରାଉତ, ଅଭିନ୍ନ ରାଉଳ, କପିଳ ମଲ୍ଲିକଙ୍କ ସମେତ ଶତାଧିକ ବିଜେପି କାର୍ଯ୍ୟକର୍ତା ଏହି ପଥପ୍ରାନ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମିଲ୍ ଥିଲେ।

## ଧର୍ମଶାଳା କଂଗ୍ରେସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାରାରୋପଣ

ଧର୍ମଶାଳା, ୨୩/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକର ପ୍ରାକ୍ତନ ଅଧକ୍ଷ କିଶାନ ପଣ୍ଡାଙ୍କ ନେତୃତ୍ୱରେ ଆଜି ବିଭିନ୍ନ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଧର୍ମଶାଳା ବ୍ଲକ ଅରେଇକଣା ପଂଚାୟତସ୍ଥ ଜଗନ୍ନାଥ ମନ୍ଦିର ପରିସରରେ ଚନ୍ଦନ, ଅଁଳା, ଚମ୍ପା, କଦମ୍ବ, ଅଶୋକ, ଦେବଦାରୁ ଓ ବଉଳ ଆଦି ବିଭନ୍ନ କିସମର ଚାରାରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ମନ୍ଦିର ପୂଜକଙ୍କ ସମେତ ସ୍ଥାନୀୟ ମୁରବୀ ଓ ବରିଷ୍ଠ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ବିଭାଜନ ସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ

ଜୟପୁର, ୨୩/୧୨ (ନି.ପ୍ର): ବିଭାଜନ ସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ କରାଯାଇଛି । ଜୟପୁର ସତୀଗୁଡା ବନ୍ଧ ୟୋଲକ୍ରିଜ ନିକଟରେ ପାଳନ କରାଯାଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଉଦ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ସଞ୍ଜୀବ କୁମାର ମହନ୍ତ, ଉପର କୋଲାବ ଯୋଜନାର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଶିବ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଆଜି ୨୨ ତାରିଖ ଠାରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ । ପାଣି ପଂଚାୟତ ମହତ୍ୱକୁ ବ୍ୟାପକ ଭାବରେ ପ୍ରଚାର କରିବା ପାଇଁ ଏକ ରଥ କୋରାପୁଟ ଜିଲାପାଳ ଦ୍ୱାରା ଉଦଘାଟନ କରାଯିବ । ଗତ ଦିନରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାକେ କୃତବିତ୍ୱ ହଗଲ କରିଥିବା ପ୍ରତିଯୋଗୁଙ୍କୁ ପୁରସ୍କୃତ କରାଯାଇଥିଲା । ଉପର କୋଲାବ ମୁଖ୍ୟ ବନ୍ଧ ବିଭାଜନ କୋଲାବ ଦ୍ୱାରା ୧୦ ହଜାର ୬୨୪ ହେକ୍ଟର ଜମିକୁ ଖରିଫ ଋତୁରେ ଓ ୮ ହଜାର ୪ ଶହ ହେକ୍ଟର କମିକୁ ରବି ଋତୁରେ ଜଳ ଯୋଗାଣ କରାଯାଉଛି । ଏହି ବିଭାଜନ ଅଧିନରେ ୨୫ କୋଟି ପାଣି ପଂଚାୟତ ପଞ୍ଜିକୃତ ହୋଇଛି । ଏବଂ ୫ ହଜାର ୮୭୫ ଜଣ ଚାଷୀ ସିଧାସଳକ ଉପକୃତ ହୋଉଛନ୍ତି ।

## ଉପଖଣ୍ଡରେ ଲୋକ ନାଟକର ସ୍ଥିତି ଓ ବିକାଶ ଆଲୋଚନାଚକ୍ର

ସମ୍ବଲପୁର, ୨୩/୧୨ (ନି.ପ୍ର): ସମ୍ବଲପୁର ଲୋକ ମହୋତ୍ସବର ଆଲୋଚନାଚକ୍ର ଉପଖଣ୍ଡରେ ଲୋକ ନାଟକର ସ୍ଥିତି ଓ ବିକାଶ ସମ୍ବଲପୁର ସମେତ ରେଢ଼ାଖୋଲ ଏବଂ କୁଚିଣ୍ଡା ଉପଖଣ୍ଡରେ ମଧ ଅନୁଷ୍ଠିତ ହେବ। ଚଳିତ ମାସ ୨୩ ତାରିଖରେ ରେଢ଼ାଖୋଲ ଉପଖଣ୍ଡର ନାକଟିଦେଉଳ କଲେଜ ଏବଂ ୩୦ ତାରିଖରେ କୁଚିଣ୍ଡା ଉପଖଣ୍ଡର କୁଚିଣ୍ଡା କଲେଜ ପରିସରରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ଜଣାପଡିଛି ।

# ୧୨୭ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ଯିବେ

ପୁରୀ, ୨୩/୧୨ (ନି.ପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ପୁରୀ ଜିଲ୍ଲାର ୧୨୭ ଜଣ ଯାତ୍ରୀ ସିରିଡି ଓ ନାସିକ ଗସ୍ତରେ ଯିବେ। ସେମାନଙ୍କୁ ସହଯୋଗ ପାଇଁ ୪ ଜଣ ସହାୟକ ଅଧିକାରୀ ମଧ ସେମାନଙ୍କ ସହ ଯିବେ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ସର୍କିଟ ହାଉସ ଠାରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ତୀର୍ଥଯାତ୍ରାରେ ଯିବା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ତଙ୍କୁ ସ୍ୱାଗତ କରି ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ଅନଲାଇନ ମାଧ୍ୟମରେ କେବଳ ଆବେଦନ ଆହ୍ୱାନ କରାଯାଇଥିଲା ଓ ୪୭୫ ଜଣ ଏକକ ଓ ଦମ୍ପତି ଆବେଦନ କରିଥିଲେ ବୋଲି ସୂଚନା ଦେଇଥିଲେ। ଏହି ଆବେଦନକାରୀଙ୍କୁ ଇ-ରାଣ୍ଡେମାଇଜେସନ ବା କମ୍ପ୍ୟୁଟର ଲଟେରୀ ପ୍ରକ୍ରିୟା ଅନୁସାରେ ଚିହ୍ନଟ କରାଯାଇ ପ୍ରଥମ ପର୍ଯ୍ୟାୟରେ ସିରିଡି ଓ ନାସିକ କୁ ଜାନୁଆରୀ ୧୭ ରୁ ଜାନୁଆରୀ ୨୨ ତାରିଖ ପଠାଯିବ। ରାଣ୍ଡେମାଇଜେସନ ରେ ଯୋଗ୍ୟ ତୀର୍ଥଯାତ୍ରୀ ଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ। ଜାନୁଆରୀ ୧୬ ତାରିଖରେ ତୀର୍ଥଯାତ୍ରୀ ମାନେ ପର୍ଯ୍ୟଟନ କାର୍ଯ୍ୟାଳୟ ରେ ପହଂଚିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ସ୍ୱତନ୍ତ୍ର ଗାଡ଼ିରେ ଭୁବନେଶ୍ୱର ପଠାଯିବ। ଭୁବନେଶ୍ୱରରୁ ସେମାନେ ୧୭ ତାରିଖ ରୁ ଯାତ୍ରା ଆରମ୍ଭ କରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ରାଣ୍ଡେମାଇଜେସନ କରାଯାଇ ୧୨୭ ଜଣଙ୍କୁ ଅଯୋଧ୍ୟା ଓ ବନାରସ ପଠାଯିବ। ପ୍ରଥମ ପର୍ଯ୍ୟାୟରେ ଯାଇଥିବା ବ୍ୟକ୍ତିଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ କରାଯିବ ନାହିଁ ବୋଲି ପର୍ଯ୍ୟଟନ ଅଧିକାରୀ ସ୍ପଷ୍ଟ କରିଦେଇଥିଲେ।

ଏହି ବୈଠକରେ ଏସ ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ ପି ବିଷ୍ଣୁ ପ୍ରସାଦ ପତି, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଆରଟିଓ ରବିନ ପଟ୍ଟନାୟକ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମାଧ୍ୟମିକ ବିଦ୍ୟାଳୟ କର୍ମଚାରୀ ସଂଘର ପ୍ରସ୍ତୁତି ବୈଠକ

ଜୟପୁର, ୨୩/୧୨ (ନି.ପ୍ର): ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜୟପୁର ଯାଦବ ଭବନ ଠାରେ ଅନୁଷ୍ଠିତ ହୋଇଛି ଓ ରାଜ୍ୟ ସଭାପତି ଶଶୀଭୂଷଣ ଦାଶଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା ଓ ଉକ୍ତ ବୈଠକରେ ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘର କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା ଓ କର୍ମଚାରୀ ମାନଙ୍କର ବିଭିନ୍ନ ନ୍ୟାର୍ଯ୍ୟ ଦାବି ସରକାର ପୂରଣ କରୁନଥିବା ନେଇ ସମସ୍ତ ଉପସ୍ଥିତ କର୍ମଚାରୀ ଅସନ୍ତୋଷ ପ୍ରକାଶ କରିଥିଲେ ଓ ଶ୍ରୀ ଦାଶ୍ ଏ ନେଇ ପୁଣିଥରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଦରକାର ସ୍ଥଳେ ଆନ୍ଦୋଳନକୁ ଓହ୍ଲାଇବା ନେଇ ସୂଚନା ଦେଇଥିଲେ ଓ କୋରାପୁଟ ଜିଲ୍ଲାରେ ଆସନ୍ତା ଜାନୁଆରୀ ୫ ତାରିଖ ଦିନ ଜିଲ୍ଲା ସମ୍ମିଳନୀ କରିବା ନିମନ୍ତେ ବୈଠକରେ ନିଷ୍ପତି ନିଆଯାଇଥିଲା ଓ ଉକ୍ତ ବୈଠକରେ ରାଜେନ୍ଦ୍ର ନାରାୟଣ ପାଢ଼ୀ, ପ୍ରମୋଦ କୁମାର ଭୂୟାଁ, ନିରଞ୍ଜନ ପଣ୍ଡା, ବାଳ ଗୋପାଳ ମିଶ୍ର, ରାଜିବ କୁମାର ପ୍ରଧାନ, ତ୍ରିନାଥ ପଣ୍ଡା, ଲଙ୍କେଶ୍ୱର ରାଓ ପାନାଡା, ନାଗେଶ୍ୱର ରାଓ ପ୍ରତୀକ ମିଶ୍ର, ପଦ୍ମ ଚରଣ ସାହୁ, ସାନ୍ତୁନୁ ଜେନା, ପୀତାମ୍ବର ହନ୍ତାଳ, ସଞ୍ଜିବ କୁମାର ଦାଶ୍, ଗୋପାଳ ରାଉତ, ସ୍ୱାଧିନ କୁମାର ପଟ୍ଟନାୟକଙ୍କ ସମେତ ଶତାଧିକ କର୍ମଚାରୀ ଯୋଗଦାନ କରିଥିଲେ। ପରିଶେଷରେ ଶ୍ରୀ ଦାଶ୍ ସଭାପତି ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୈତାରୀ ପ୍ରୋଜେକ୍ଟ ସ୍ୱାସ୍ଥ୍ୟ ସେବା ଠପ୍: ସେବାରୁ ବଂଚିତ ଜନସାଧାରଣ

ଘଟଗାଁ/ ହରିଚନ୍ଦନପୁର, ୨୩/୧୨ (ନି.ପ୍ର): ନିୟମ ଅନୁଯାୟୀ ଦୈତାରୀ ମାଇନ୍ସ ତରଫରୁ ତିନୋଟି ପଂଚାୟତର କେତେ ଗୁଡିଏ ଗାଁର ଲୋକ ମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସ୍ଥାପିତ ହୋଇଛି ଏକ ଦୈତାରୀ ପ୍ରୋଜେକ୍ଟ ସ୍ୱାସ୍ଥ୍ୟ କେନ୍ଦ୍ର। ଯେଉଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଇନ୍ସ କର୍ମଚାରୀ, ଶ୍ରମିକ ଓ ଆଖପାଖ ଗାଁ ଗୁଡିକର ଲୋକ ମାନଙ୍କୁ ବିନା ମୂଲ୍ୟରେ ଔଷଧ ଯୋଗାଇ ଦିଆ ଯାଉଥିଲା। ଏହି ଔଷଧ ବିତରଣ ଦାୟିତ୍ୱ ବିଭିନ୍ନ ସଂସ୍ଥା ଟେଣ୍ଡର ନେଇ ଔଷଧ ଯୋଗାଇ ଦେଇଥାନ୍ତି। ଏବେ ଟେଣ୍ଡର ନେଇଥିବା ଇମାମି ଫ୍ରାଙ୍କଜ ସଂସ୍ଥା ଆଜକୁ ପ୍ରାୟ ୧୫/୧୭ ଦିନରୁ ଅଧିକ ହେବ ଔଷଧ ବିତରଣ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଛି । ଏ ସମ୍ପର୍କରେ ଅଧିକ ତର୍ଜମା କରିବା ପରେ ଜଣା ପଡିଛି ୨୦୧୯ ମସିହା ସରକାରୀ ନିୟମ ଅନୁଯାୟୀ ଠିକ ଠାକ ନିୟମ ନଥିବାରୁ ଉକ୍ତ ସଂସ୍ଥା ସ୍ୱୀକୃତି ପାଇନଥିଲା। ଫଳରେ ଔଷଧ ବିତରଣ ବନ୍ଦ ହେବା ସହ ସ୍ୱାସ୍ଥ୍ୟ ସେବା ଠପ୍ ହୋଇପଡିଛି।

# ଫୁଲବାଣୀରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ

କନ୍ଧମାଳ, ୨୩/୧୨ (ନି.ପ୍ର): ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ, ପୌର ପରିଷଦ, ଫୁଲବାଣୀଠାରେ ଆଜି ବିଧାୟକ, ଫୁଲବାଣୀ ଉମାଚରଣ ମଲ୍ଲିକଙ୍କ କରକମଳରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଂଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ମଲ୍ଲିକ କହିଲେ ଯେ, କନ୍ଧମାଳ ଜିଲ୍ଲାରେ ଗୋଟିଏ ସମୟରେ ମ୍ୟାଲେରିଆ ଏକ ମାରାତ୍ମକ ରୋଗଥିଲା । ସରକାରଙ୍କର ସଫଳ ପ୍ରୟାସ ବଳରେ ଏହାକୁ ନିୟନ୍ତ୍ରଣ କରାଯାଇପାରିଛି । ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀର ସଦୁପଯୋଗ କରି ମ୍ୟାଲେରିଆ ଏବଂ ଭେକ୍ଟର ବାହିତ ରୋଗର ମୁକାବିଲାରେ ସରକାରଙ୍କୁ ସହଯୋଗ କରନ୍ତୁ ଏବଂ ନିଜକୁ ମଧ ରକ୍ଷା କରନ୍ତୁ । ଅନ୍ୟତମ ଅତିଥି ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ କନ୍ଧମାଳ, ଶ୍ରୀ ଶମ୍ଭୁନାଥ ନନ୍ଦୀ କହିଲେ ଯେ ମ୍ୟାଲେରିଆ ଏବଂ ଡେଙ୍ଗୁ ପରି ରୋଗରୁ ରକ୍ଷା ପାଇବାକୁ ହେଲେ ଏହି ମଶାରୀର ସଠିକ ବ୍ୟବହାର କରିବାକୁ ପଡିବ । ଗର୍ଭବତୀ ମା’ ଓ ପାଂଚ ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ମ୍ୟାଲେରିଆ ଅତ୍ୟନ୍ତ ବିପଦପୂର୍ଣ୍ଣ, ଏମାନଙ୍କୁ ମଶାରୀ ଦ୍ୱାରା ସୁରକ୍ଷା ପ୍ରଦାନ କରିବା ଏକାନ୍ତ ଜରୁରୀ । ସରକାର ସବୁ ପରିବାରକୁ ମଶାରୀ ଯୋଗାଇଦେଉଛନ୍ତି, ଏହାର ଯେପରି ସଦୁପଯୋଗ ହେବ ସେଥିପ୍ରତି ସଚେତନ ହେବା ସହିତ ଆଗାମୀ ଦିନରେ କନ୍ଧମାଳ ଜିଲ୍ଲାକୁ ମ୍ୟାଲେରିଆ ଏବଂ ଡେଙ୍ଗୁ ମୁକ୍ତ କରିବାକୁ ଅନୁରୋଧ କରିଥିଲେ । ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, କନ୍ଧମାଳ ଡା. ସନ୍ତୋଷ କୁମାର ପାଢୀ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ସମ୍ପର୍କରେ କହିଲେ ଯେ ଏହି ମଶାରୀରେ କୀଟନାଶକର ପ୍ରଭାବ ତିନି ବର୍ଷରୁ ଅଧିକ ବର୍ଷ ପର୍ଯ୍ୟନ୍ତ ରହିଥାଏ । ଗର୍ଭବତୀ ମା’ ଓ ଶିଶୁମାନଙ୍କ ପାଇଁ ଏହି ମଶାରୀ ନିରାପଦ ଅଟେ । ମଶାରୀ ବ୍ୟବହାର ଦ୍ୱାରା ମଶା ତଥା ଅନ୍ୟାନ୍ୟ କୀଟପତଙ୍ଗ ମଶାରୀ ଭିତରେ ପ୍ରବେଶ କରିପାରନ୍ତି ନାହିଁ, ଫଳରେ ଜଣେ ଆରମରେ ଶୋଇପାରିବ । ଏହି ମଶାରୀକୁ ୨୦ ରୁ ୨୫ ଥର ପର୍ଯ୍ୟନ୍ତ ଧୂଆଯାଇପାରିବ । ପ୍ରତିଥର ହାଲୁକା ଭାବରେ ଧୋଇଲେ କୀଟନାଶକ ବିଶେଷ ନଷ୍ଟ ହୁଏ ନାହିଁ । ସାଦା ଥଣ୍ଡା ପାଣିରେ ଧୋଇଲେ ଭଲ । ସାବୁନ ବା ଡିଟରଜେଂଟ ପାଉଡ଼ର ବ୍ୟବହାର କରିବା ନିଷେଧ ଏବଂ ଧୋଇ ସାରିବା ପରେ ଛାଇରେ ଶୁଖାଇବା ଉଚିତ । ଆହୁରି ମଧ କହିଥିଲେ ଯେ ବହୁ ସମୟରେ ଏହାର ଦୁରୁପଯୋଗ ମଧ ନଜରକୁ ଆସିଥାଏ, ଏହି ମଶାରୀର ଦାମ୍ ଅଧିକ ଏହାକୁ ବଜାରରେ ପାଇପାରିବେ ନାହିଁ ତେଣୁ ଏହାର ସଦୁପଯୋଗ କରିବାକୁ ଅନୁରୋଧ କରିଥିଲେ । ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, କନ୍ଧମାଳ ଧର୍ମେନ୍ଦ୍ର ତଣ୍ଡି କହିଲେ ଯେ ୨୦୩୦ ସୁଦ୍ଧା କନ୍ଧମାଳ ଜିଲ୍ଲାକୁ ମ୍ୟାଲେରିଆ ମୁକ୍ତ କରିବାକୁ ଟାର୍ଗେଟ କରାଯାଇଛି ।

# ଆସନ୍ତା ୨୫ ତାରିଖ ସୁଦ୍ଧା ସମସ୍ତ ଧାନ ମଣ୍ଡିରୁ ଧାନ ନ ଉଠିଲେ ୨୬ ତାରିଖରେ ରାସ୍ତାରୋକ ସହ କୋରାପୁଟ ଜିଲ୍ଲା ବନ୍ଦ

ଜୟପୁର, ୨୩/୧୨ (ନି.ପ୍ର): କୋରାପୁଟ ଜିଲାରେ ଆଜି ସୁଦ୍ଧା ଧାନ କ୍ରୟ କରାଯାଇନାହିଁ । ମଣ୍ଡି ଓ ଖଳାରେ ଧାନ ପଡି ରହିଛି । ଶୀତ କାକରରେ ଧାନକୁ ଜଗି ବସିଛି ଚାଷି । ଗତ ୧୧ ତାରିଖରୁ କୋରାପୁଟ ଜିଲାରେ ମଣ୍ଡି ଉଦଘାଟନ ହେଲାଣି । କିନ୍ତୁ, ୧୧ ଦିନ ବିତିଯାଇଥିଲେ ସୁଦ୍ଧା ୧ କ୍ୱିଂଟାଲ ଧାନ କ୍ରୟ କରାଯାଇ ନାହିଁ । ଏନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଏକ ସାମ୍ବାଦିକ ସମ୍ମିଳନି ଆୟୋଜନ କରି ବର୍ଷିଛନ୍ତି । ଆଜି ଜୟପୁର ବାସଭବନରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ଚାଷି ଶୀତ କାକରରେ ଧାନ ବିକ୍ରି କରି ନପାରି ହଇରାଣ ହେଉଛନ୍ତି । ତେଣୁ ଆସନ୍ତା ୨୫ ତାରିଖ ସୁଦ୍ଧା ଜିଲାର ସମସ୍ତ ଧାନ ମଣ୍ଡିରୁ ଧାନ କ୍ରୟ କରାନଗଲେ ଆସନ୍ତା ୨୬ ତାରିଖରେ ରାସ୍ତାରୋକ ସହ କୋରାପୁଟ ଜିଲାକୁ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି ବିଧାୟକ ବାହିନିପତି । ବାହିନିପତି ଅଭିଯୋଗ କରିଛନ୍ତି ଯେ, ଯୋଗାଣ ମନ୍ତ୍ରୀ କୋରାପୁଟ ଜିଲା ଗସ୍ତ କରି କହିଥିଲେ କଟନି ଛଟନି ହେବ ନାହିଁ ଚାଷିଙ୍କ ଧାନ କ୍ରୟ କରାଯିବ । ସେହି ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ରହିଗଲା । କୋରାପୁଟ ଜିଲାରେ ୮୦ ପ୍ରତିଶତ ଲୋକ କୃଷି ଉପରେ ନର୍ଭର କରୁଛନ୍ତି । ଋଣ ବାକି କରି ଚାଷୀ ହିନସ୍ତା ହେଲାଣି । ଧାନ ବିକ୍ରି ପାଇଁ ଚାଷୀ ମଣ୍ଡିରେ ଧାନ ରଖିଥିବା ବେଳେ ୩ ଦିନ ହେବ କୋହଲା ପାଗ ସହ ଅଦିନିଆ ବର୍ଷା । ଏଫଏକ୍ୟୁ ମାନ ରଖିବା ପାଇଁ ଚାଷି ଧାନକୁ ଘୋଡାଇବା ପାଇଁ ପିଲିଥିନ କିଣି ନୟାନ୍ତ ହେଲାଣି । ସରକାର ଟୋକେନ ଦେଇ ସାରିଲେଣି । ଗୋଟିଏ ଟୋକେନର ଅବଧି ୧ ମାସ ରହିଥିବା ବେଳେ କେବେ ସରକାର ଧାନ କ୍ରୟ କରିବେ ସ୍ପଷ୍ଟ କରିବାକୁ ବିଧାୟକ ପ୍ରଶ୍ନ କରିଛନ୍ତି । କେତେ ଦିନ ମଣ୍ଡି ଓ ଖଳାରେ ଧାନ ପଡିବ ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି । ଚାଷି ଉତ୍ୟକ୍ତ ହୋଇ କେଉଁଠାରେ ରାସ୍ତା ଅବରୋଧ କଲେଣି କେଉଁ ଠାରେ ଅତିରିକ୍ତ ଯୋଗାଣ ଅଧିକାରୀଙ୍କୁ ଅଟକ ରଖିଛନ୍ତି । ଯଦି ଆଗାମି ଦିନରେ କଣ ଦୁର୍ଘଟଣା ଘଟିଲେ ରାଜ୍ୟ ସରକାର ଦାୟୀ ରହିବେ ବୋଲି ବିଧାୟକ ବାହୀନିପତି ଚେତାବନୀ ଦେଇଛନ୍ତି । ତେଣୁ ରାଜ୍ୟ ସରକାର କଟନି ଛଟନି ବନ୍ଦ କରି କୋରାପୁଟ ଜିଲାର ସମସ୍ତ ଧାନ ମଣ୍ଡିରୁ ଧାନ କ୍ରୟ କରିନ୍ତୁ ନଚେତ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନିରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଜିଲା କିଷାନ କଂଗ୍ରେସ ସଭାପତି ଭାବନି ଶଙ୍କର ରଥ, ବ୍ଲକ ସଭାପତି ବସନ୍ତ ନାୟକ, ଚାଷି ଉଗ୍ରସେନ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାନ ମଣ୍ଡିକୁ ଜଗିଛି ସିସିଟିଭି କ୍ୟାମେରା

ଜୟପୁର, ୨୩/୧୨ (ନି.ପ୍ର): ଚଳିତବର୍ଷ ଧାନକିଣା ପୂର୍ବରୁ ସମସ୍ତ ସରକାରୀ କ୍ରୟ କେନ୍ଦ୍ର ବା ମଣ୍ଡିରେ ସିସିଟିଭି କାମେରା ଲଗାଇବା ଉପରେ ସରକାର ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି। ସବୁ ଧାନ କିଣା କେନ୍ଦ୍ରରେ ସିସିଟିଭି କ୍ୟାମେରା ଲାଗିବା ସୁନିଶ୍ଚିତ କରିଯାଇଛି। ଅନ୍ୟପକ୍ଷରେ ଯେଉଁଠି ଅସ୍ଥାୟୀ ଭାବେ ଧାନକିଣା କେନ୍ଦ୍ର କରାଯିବାର ପ୍ରସ୍ତାବ ରହିଛି ସେଠାରେ ଭଡାରେ ସିସିଟିଭି କ୍ୟାମେରା ଆଣି ଲଗାଇବାକୁ ନିର୍ଦ୍ଦେଶ ରହିଛି। ଧାନକିଣାରେ ଅସାଧୁ ବ୍ୟବସାୟୀଙ୍କ ସମ୍ପୃକ୍ତିକୁ ରୋକିବା ସହ ଧାନକିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାରେ ମଣ୍ଡି ଗୁଡ଼ିକରେ ସିସିଟିଭି ଲାଗିବା ନିହାତି ଆବଶ୍ୟକତା ରହିଛି। ଅଧିକାଂଶ ସମୟରେ ଚାଷୀଙ୍କ ନାମରେ କେବଳ କାଗଜପତ୍ର କରି ଅସାଧୁ ବ୍ୟବସାୟୀ, ମଣ୍ଡି ପରିଚାଳନା କରୁଥିବା ପ୍ରାଥମିକ କୃଷି ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠି, ମିଲର୍ସ ମାଲେମାଲ ହେଉଥିଲେ। ପ୍ରକୃତ ପକ୍ଷେ ମଣ୍ଡିକୁ ଧାନ ନ ଆସି ସିଧାସଳଖ ମିଲର୍ସଙ୍କ ଗୋଦାମକୁ ଯାଉଥିଲା। ମିଲର୍ସମାନେ ମଣ୍ଡିରୁ ଧାନ ନ ଉଠାଇ ଅସାଧୁ ବ୍ୟବସାୟୀଙ୍କ ଜରିଆରେ କମ୍ ଦରରେ ଧାନ କିଣୁଥିଲେ। କିନ୍ତୁ ମଣ୍ଡିରୁ ଧାନ ଉଠାଉଥିବା ନେଇ ମଣ୍ଡି ହେଣ୍ଡଲିଂ ଚାର୍ଜ, ଟ୍ରକ ଭଡା ଓ ଶ୍ରମିକଙ୍କ ମଜୁରୀ ପାଉଥିଲେ। ଏ କ୍ଷେତ୍ରରେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଥିଲା। ଏବେ ସିସିଟିଭି ଜରିଆରେ ଏହି ଦୁର୍ନୀତି ଧରାପଡିବ ବୋଲି ଆଶା କରାଯାଉଛି। ଜୟପୁର ଉପଖଣ୍ଡ ଅନ୍ତର୍ଗତ ୫ ଟି ବ୍ଲକ ରେ ମୋଟ ୭୪ ଟି ଧାନ କ୍ରୟ କେନ୍ଦ୍ର ଖୋଲାଯାଇଥିବା ବେଳେ ଏଥିରେ ୮୩ ଟି ମଣ୍ଡି ରହିଛି। ଏହି ମଧ୍ୟରୁ ୪୦ ଟି ମଣ୍ଡି ରେ ସିସିଟିଭି କ୍ୟାମେରା ଲଗାଯାଇଛି। ପ୍ରତ୍ୟେକ ମଣ୍ଡି ରେ ୩ ଟି ଲେଖାଏଁ ସିସିଟିଭି କ୍ୟାମେରା ଲାଗିଛି। ଅନ୍ୟ ରାଜ୍ୟ, ଅନ୍ୟ ଜିଲ୍ଲାରୁ ଅସାଧୁ ବ୍ୟବସାୟୀମାନେ ଚୋରି ଧାନ ଯେପରି ଏଠାକୁ ନଆଣନ୍ତି ସେଥିପାଇଁ ଜଗି ରହିଛନ୍ତି ଜିଲ୍ଲା ପ୍ରଶାସନ। ସମସ୍ତ ସିସିଟିଭି କ୍ୟାମେରା ର କଂଟ୍ରୋଲ ରୁମ୍ ଜୟପୂର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥିତ ରହିଛି। ୨୪ ଘଂଟା ଧରି ଜଗି ବସିଛନ୍ତି ସ୍ୱତନ୍ତ୍ର ଅଧିକାରୀ। ମ

## ଆରପିଏଫ ଯବାନଙ୍କ ବାଇକ ଦୁର୍ଘଟଣାରେ ମୃତ୍ୟୁ

କନ୍ଧମାଳ, ୨୩/୧୨ (ନି.ପ୍ର): ଶନିବାର ରାତ୍ର ସମୟରେ ନିଜ ଘରଠାରୁ ବାହାରି କୌଣସି କାର୍ଯ୍ୟରେ ବାଇକ ଚାଳନା କରି ଯାଉଥିବା ବେଳେ ଏମ ଆଇ ବଙ୍ଗଳା ପାର୍ଶ୍ୱରେ ଥିବା କଲଭର୍ଟ ନିକଟରେ କୌଣସି ଅଜଣା ଗାଡିରେ ଧକ୍କା ହେବା ଫଳରେ ବାଇକ୍ ରୁ ଛିଟିକି ପଡି ଜଣେ ଆରପିଏଫ ଯବାନ ନିକଟସ୍ଥ ଗାତ୍ରରେ ପଡିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକ ଫୁଲବାଣୀ ଟାଉନଥାନାକୁ ଖବର କରିଥିଲେ। ଟାଉନଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରି ଫୁଲବାଣୀ ମୁଖ୍ୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଯାହା ସୂଚନା ରହିଛି ମୃତକ ଜଣଙ୍କ ନାମ ସାଲୁଙ୍କି ସାହିର ମନୋଜ କୁମାର ତ୍ରିପାଠୀ ବୟସ ୫୧ ବର୍ଷ।

# ଡ.ଗଙ୍ଗାଧର ନନ୍ଦଙ୍କ ୭୫ତମ ଜୟନ୍ତୀ ସମାରୋହ ପାଳିତ

ଜୟପୁର, ୨୩/୧୨ (ନି.ପ୍ର): ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପରିସରରେ ଡ.ଗଙ୍ଗାଧର ନନ୍ଦ ସ୍ମୃତି କମିଟି ଓ ଜୟପୁର ସାହିତ୍ୟ ପରିଷଦରର ମିଳିତ ଆନୁକୂଲ୍ୟରେ ଡ.ଗଙ୍ଗାଧର ନନ୍ଦଙ୍କ ୭୫ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଡ.ସୁରେଶ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ଡ ଜଗନ୍ନାଥ ରାଉତ-ମୁଖ୍ୟ ଅତିଥି, ଶ୍ରୀନାଥ ମିଶ୍ର-ମୁଖ୍ୟ ବକ୍ତା, ହରିହର କରସୁଧା ପଟ୍ଟନାୟକ ଓ ଶ୍ରୀମତୀ ଅନୁସୂୟା ନନ୍ଦ-ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ଅଧକ୍ଷ ଶରତ କୁମାର ମହାନ୍ତିଙ୍କୁ "ଡ.ଗଙ୍ଗାଧର ନନ୍ଦ ସାହିତ୍ୟ ସମ୍ମାନରେ ଓ ଶ୍ରୀ ଜି ଭେଙ୍କେଟ୍ ରେଡ୍ଡୀଙ୍କୁ "ପରିବେଶ ସୁରକ୍ଷା ସମ୍ମାନ"ରେ ସମ୍ମାନିତ କରାଯାଇଥିଲା। ଜଗଦୀଶ ଅଧିକାରୀ, ପ୍ରଦୀପ କୁମାର ସାହୁ, ଗୁପ୍ତ କୈଳାଶ ହୋତା, କୃଷ୍ଣ ଚନ୍ଦ୍ର ହୋତା, ଡ.ପ୍ରଦୀପ କୁମାର ମିଶ୍ର, ଡ.ମନୋରଞ୍ଜନ ପ୍ରଧାନ, ଡଃ. ସୁଧାଂଶୁ ପଟ୍ଟନାୟକ, କୃଷ୍ଣ ଚନ୍ଦ୍ର ମହାନ୍ତି, ରାଧାମୋହନ ପଣ୍ଡା, ପ୍ରତୀକ ସାମନ୍ତରାୟ ପ୍ରମୁଖ ବକ୍ତାମାନେ ଡ. ଗଙ୍ଗାଧର ନନ୍ଦଙ୍କୁ ଜଣେ ପ୍ରତିଭାବାନ ପଣ୍ଡିତ, ଜଣେ ମସିହା, ଜଣେ ମହାପୁରୁଷ, ୩୬ଟି ପୁସ୍ତକର ଲେଖକ, ବୋମା ଓ ବାରୁଦର ଏକ ସଂଯୋଜକାରୀ, ଏକ ସୂର୍ଯ୍ୟ, ସାହିତ୍ୟର ଜଣେ ସ୍ରଷ୍ଟା, ଜଣେ ବିଶିଷ୍ଟ ସ୍ତମ୍ଭକାର, ଜଣେ ସୁସଙ୍ଗଠକ, ଜଣେ ଧର୍ମ ଓ ରାଷ୍ଟ୍ର ରକ୍ଷକ ବୋଲି ଅଭିହିତ କରିବାବେଳେ ଏ ମାଟି ତାଙ୍କୁ ଉଚିତ ସମ୍ମାନ ଦେଇପାରିନଥିବା ସହ ଆପଣାର ଲୋକେ ତାଙ୍କୁ ଶୀର୍ଷସ୍ଥାନରୁ ବଂଚିତ କରିଥିବା ଅତ୍ୟନ୍ତ ଦୁଃଖଦାୟକ ବୋଲି ମତବ୍ୟକ୍ତ କରିଥିଲେ।

# ନୀଳମଣି ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ




ବସ୍ତା, ୨୩/୧୨ (ନି.ପ୍ର): ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ଼ଃ ତପନ କୁମାର ବେହେରା ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପଦେଷ୍ଟା ଡଃ ତପନ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ ଜାତୀୟ ଶିକ୍ଷାନୀତି ଛାତ୍ରଛାତ୍ରୀ ମାନଙ୍କୁ ଶ୍ରେଷ୍ଠ ଭାବେ ଗଢି ତୋଳିବାରେ ସହାୟକ ହେବ ବୋଲି ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଜଳେଶ୍ୱରସ୍ଥିତ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ବିବେକାନନ୍ଦ ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନେ ଦେଖୁଥିବା ସ୍ୱପ୍ନକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ପୂରଣ କରିବା ପାଇଁ ସର୍ବଦା ଉଦ୍ୟମ କରିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଉତ୍ତମ ଶୈକ୍ଷିକ ବାତାବରଣରୁ ପ୍ରକୃତ ଓ ବାସ୍ତବ ଶିକ୍ଷା ମିଳିଥାଏ ଏବଂ ଛାତ୍ରଛାତ୍ରୀମାନେ ସମାଜର ହିତ ପାଇଁ ଉତ୍ତମ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଯୁକ୍ତ ଦୁଇ ସାଂସ୍କୃତିକ ପରିଷଦର ଉପଦେଷ୍ଟା ରୋଜାଲିନ ସ୍ୱାଇଁ, ହରେନ୍ଦ୍ର ଗାଣ, ନାଟ୍ୟ ପରିଷଦର ଉପଦେଷ୍ଟା ଶ୍ରୀଧର ବେହେରା, ଶ୍ରବଣ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡଃ ଶାନ୍ତନୁ କୁମାର ଜେନା, ଯୁକ୍ତ ତିନି ପରିଷଦର ଉପଦେଷ୍ଟା ଇତିଶ୍ରୀ ମହାନ୍ତ, ନାଟ୍ୟପରିଷଦର ଉପଦେଷ୍ଟା ବିଜୟ କୁମାର ବେହେରା, ଅନ୍ନପୂର୍ଣ୍ଣା ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପ୍ରଶଂସା ପତ୍ର ଓ ପୁରସ୍କାର ବିତରଣ କରିଥିଲେ । ଅଧ୍ୟକ୍ଷ ଡଃ ତପନ କୁମାର ବେହେରାଙ୍କ ରଚିତ, ମାନସ କୁମାର ସେନାପତି ଓ ସୁଦାମ ବୁଗୁଡ଼ାଇଙ୍କ ନିର୍ଦ୍ଦେଶିତ ନାଟିକା ରେବତୀ, ଅବୁଝା ରାଜା ଓ ବାପା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା ।

# ୩ ଦିନ ଭିତରେ ସରିବ ଅଦିନିଆ ବର୍ଷା କ୍ଷୟକ୍ଷତି ଆକଳନ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ୩ ଦିନ ଭିତରେ ସରିବ ଅଦିନିଆ ବର୍ଷା କ୍ଷୟକ୍ଷତି ଆକଳନ । ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ତିନିରୁ ଚାରି ଦିନ ଭିତରେ ସାରି ପଂଚ ମ ଦିନ କ୍ଷତିପୂରଣ ରାଶି ଦେବୁ । କ୍ଷୟକ୍ଷତି ଆକଳନ ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଛୁ। ସମ୍ପୂର୍ଣ୍ଣ ନଷ୍ଟ ହୋଇ ନଥିବା ଧାନ ବିକ୍ରି ଲାଗି ବ୍ୟବସ୍ଥା ହେବ । ଗଞ୍ଜାମ ଜିଲ୍ଲାରେ ଅଧିକ କ୍ଷୟକ୍ଷତି ହୋଇଛି ବୋଲି ସୁରେଶ ପୂଜାରୀ କହିଛନ୍ତି । ବନ୍ୟା, ବାତ୍ୟା ଆସିବ; କ୍ଷତି ରାଜ୍ୟ ସରକାର ଭରଣା କରିବେ । ଯେଉଁମାନେ ଫସଲ ବୀମା କରିଥିବେ ସେମାନେ ବି ସହାୟତା ପାଇବେ ।

# ରାଜ୍ୟସ୍ତରୀୟ କ୍ରୀଡ଼ାରେ ନିତ୍ୟାନନ୍ଦ ଶିଶୁ ମନ୍ଦିରର ଛାତ୍ର ପ୍ରଥମ




ଲଙ୍ଗଳେଶ୍ୱର , ୨୩/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ଠାରେ ଥିବା ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ର ମାନେ କୃତିତ୍ୱ ହାସଲ କରି ବିଦ୍ୟାଳୟ ର ସୁନାମ ଅର୍ଜନ କରିଛନ୍ତି। ପ୍ରକାଶ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ସ୍ତରୀୟ କ୍ରିଡ଼ା ପ୍ରତିଯୋଗିତାରେ ଶିଶୁ ମନ୍ଦିରର ଛାତ୍ର ସଞ୍ଜୀବ ବିଶ୍ୱାଳ ଦୌଡରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ର ଟେକ ରଖିଛି। ପ୍ରଶାନ୍ତ ମଣ୍ଡଳ, ପାର୍ଥସାରଥୀ ବେହେରା ତୃତୀୟ ସ୍ଥାନରେ ରହିଛନ୍ତି। ଶିଶୁ ମନ୍ଦିରର କ୍ରିଡ଼ା ଗୁରୁଜୀ ଅଦ୍ୱୈତ ପାଢ଼ୀ ଙ୍କ ସୁଶିକ୍ଷା ଓ କ୍ରିଡ଼ା କୌଶଳ ଗୁରୁଜୀ ସାଇ ବିକାଶ ବେହେରା,ଗୁରୁ ମାଆ ଶାନ୍ତିଲତା ଜେନା ଙ୍କ ପ୍ରଚେଷ୍ଟା ବଳରେ ଏହି ସଫଳତା ମିଳିଛି। ଛାତ୍ରଭିଭାବକ ତଥା ପିଲାଙ୍କ କଠିନ ପରିଶ୍ରମ ଓ ଗୁରୁଜୀ/ଗୁରୁ ମାଆ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ସଫଳତା ମିଳିଛି ବୋଲି ସମ୍ପାଦକ ରଞ୍ଜନ କୁମାର ବେହେରା କହିଛନ୍ତି।

# ଓୟୁଜେ ପ୍ରତିଷ୍ଠା ଦିବସରେ ରାମନାରାୟଣ ସମ୍ବର୍ଦ୍ଧିତ




ବାଲେଶ୍ୱର, ୨୩/୧୨ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନର ପ୍ରତିଷ୍ଠା ଦିବସ ରବିବାର ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୟୁନିଅନ ପକ୍ଷରୁ ବାଲେଶ୍ୱର ଜିଲ୍ଲା କୁ ଉଲ୍ଲେଖ ନୀୟ କାର୍ଯ୍ୟ ପାଇଁ ସଭାପତି ଗଙ୍ଗାଧର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ସେହିପରି ଜିଲ୍ଲା ଶାଖାର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ବରିଷ୍ଠ ସାମ୍ବାଦିକ, ତଥା ଅଭିଜ୍ଞ, ଅନୁଭବୀ, ଆମର ମାର୍ଗ ଦର୍ଶକ ରାମନାରାୟଣ ଶତପଥୀ ଙ୍କୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ମାନନୀୟ ଧର୍ମେନ୍ଦ୍ର ପ୍ରଧାନ ସମ୍ବର୍ଦ୍ଧିତ କରିବା ବେଳେ ଆଇନ ମନ୍ତ୍ରୀ ପୃଥ୍ୱିରାଜ୍ ହରିଚନ୍ଦନ, ସଭାପତି ପ୍ରସନ୍ନ ମହାନ୍ତି,ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଷ୍ଠା ଦିବସରେ ବାଲେଶ୍ୱର ଜିଲ୍ଲା ଶାଖାର ୧୭ ଜଣ ସଦସ୍ୟ ପ୍ରତିନିଧି ଯୋଗ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ଶାଖାର କର୍ମକର୍ତ୍ତା ଓ ସଦସ୍ୟ ମାନେ ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ୨୦୨୫ ବର୍ଷ ପାଇଁ ସମସ୍ତ ସଦସ୍ୟ ମାନଙ୍କ ଶୁଭ କାମନା କରିବା ସହିତ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ୟୁନିଅନ ର ବରିଷ୍ଠ ସଦସ୍ୟ ଶିଶିର କୁମାର ଦାସ, ସଞ୍ଜୟ କୁମାର ବେହେରା, କିଶୋର କୁମାର ବେହେରା ଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ୨୦୨୫ ବର୍ଷ ରେ ଓୟୁଜେ ପକ୍ଷରୁ ସଙ୍ଘୀୟ ମନୋଭାବ ନେଇ ବିଭିନ୍ନ ପ୍ରକାର ଜନ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ପ୍ରଭୁ ଜଗନ୍ନାଥ ସାହସ, ଶକ୍ତି, ଧୈର୍ଯ୍ୟ ଓ, ପ୍ରେରଣା ଦିଅନ୍ତୁ ବୋଲି କର୍ମକର୍ତ୍ତା ମାନେ କାମନା କରିଥିଲେ। ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତ ଙ୍କ ନେତୃତ୍ୱରେ ଯାଇଥିବା ଏହି ସଦସ୍ୟ ମାନେ ହେଲେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମ ନାରାୟଣ ଶତପଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ଜୋନାଲ ସମ୍ପାଦକ ରବୀନ୍ଦ୍ର କୁମାର ମହାକୁଡ଼,ବରିଷ୍ଠ ସଦସ୍ୟ ଅରୂପ କୁମାର ଦାସ, ସୋମନାଥ ସାହୁ, ରୋଚିକ ମହାପାତ୍ର, କହ୍ନେଇ ଚରଣ ପ୍ରଧାନ, ସମରେଶ ମଣ୍ଡଳ, ମହେଶ୍ୱର ପ୍ରଧାନ, ଜୟଦେବ ଆଚାର୍ଯ୍ୟ , ନନ୍ଦ କିଶୋର ସାହୁ, ମନୋଜ କୁମାର ରାୟ, ଶ୍ରିଲେଖା ସାହୁ, ମନ୍ମଥ ଦୀକ୍ଷିତ,ସୁଶାନ୍ତ କୁମାର ବେହେରା, ରମାକାନ୍ତ ପଣ୍ଡା, ମଧୁସୂଦନ ବେହେରା ପ୍ରମୁଖ ସଦସ୍ୟ ମାନେ ଯୋଗ ଦେଇଥିଲେ। ଜିଲ୍ଲା ଶାଖାର ସମସ୍ତ ସଦସ୍ୟ ଶ୍ରୀ ଶତପଥିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ବିହାରର ପୂର୍ଣ୍ଣିୟାରେ ପିକଅପ ୧୩ଜଣଙ୍କୁ ଧକ୍କା ଦେଲା: ପାଂଚଜଣଙ୍କ ମୃତ୍ୟୁ

ପଟନା , ୨୩/୧୨ : ବିହାରର ପୂର୍ଣ୍ଣିୟା ଜିଲ୍ଲାରେ ଧମଦାହାରେ ରବିବାର ରାତିରେ ଏକ ପିକଅପ ୧୩ଜଣ ଲୋକଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ତିନିଜଣଙ୍କର ମୃତ୍ୟୁ ଘଟଣାସ୍ଥଳରେ ଘଟିଥିବାବେଳେ ଦୁଇଜଣଙ୍କର ଆଜି ସକାଳେ ଚିକିତ୍ସା ସମୟରେ ମୃତ୍ୟୁ ଘଟିଛି।ମୃତକଙ୍କ ମଧ୍ୟରେ ଜଣେ ଛଅ ବର୍ଷର ପିଲା ମଧ ଅଛନ୍ତି। ଏହି ଘଟଣା ଧମଦାହା ଥାନା ଅଂଚଳର ନଗର ପଂଚାୟତ ଧୋକୱାରେ ଘଟିଛି। ପୋଲିସ ସୁଚନାନୁସାରେ ସମସ୍ତ ଆହତମାନଙ୍କୁ ପ୍ରଥମେ ଅନୁମଣ୍ଡଳୀୟ ହସ୍ପିଟାଲ ଧମଦାହାରେ ଭର୍ତ୍ତୀ କରାଯାଇଥିଲା,ଯେଉଁଠାରୁ ସମସ୍ତଙ୍କୁ ପୂର୍ଣ୍ଣିୟା ରେଫର କରାଯାଇଥିଲା।ଘଟଣା ସମ୍ପର୍କରେ ସୁଚନା ପାଇବା ମାତ୍ରେ ପ୍ରଶାସନ ଦଳ ମଧ ଘଟଣାସ୍ଥଳରେ ପହଁଚିଥିଲେ। ଆଠଜଣଙ୍କୁ ପୂର୍ଣ୍ଣିୟା ଜୀଏମସୀଏଚରେ ଭର୍ତ୍ତୀ କରାଯାଇଥିଲା। ଆହତମାନେ କହିଛନ୍ତି ଯେ ବାଇକ ଆରୋହୀ ସାଇଡ ଦେବାକୁ ନେଇ ପିକଅପ ଚାଳକ ସହ ବିବାଦ ହୋଇଥିଲା। ଏହାପରେ ନିଶାସକ୍ତ ପିକଅପ ଡ୍ରାଇଭର ପଛକୁ ଫେରିଥିଲେ ଏବଂ ଲୋକଙ୍କୁ ଧକ୍କା ଦେଇଥିଲେ।ଏହି ଘଟଣା ସମୟରେ ପିକଅପର ଦ୍ରୁତ ଗତି ଦେଖି ଘଟଣାସ୍ଥଳରେ ବିଶୃଙ୍ଖଳା ସୃଷ୍ଟି ଦେଖାଦେଇଥିଲା।ଦୁର୍ଘଟଣାର ସୁଚନା ମିଳିବା ମାତ୍ରେ ଧମଦାହା ଥାନାର ପୋଲିସ ଘଟଣାସ୍ଥଳରେପହଁଚିଥିଲେ ଏବଂ ମାସୁମ ସମେତ ତିନିଜଣଙ୍କ ମୃତଦେହକୁ ପୋଷ୍ଟମଟମ ପାଇଁ ପଠାଇଥିଲେ। ଘଟଣାପରେ ଡ୍ରାଇଭର ଘର ଛାଡି ଫେରାର ହୋଇଯାଇଛି।ପୋଲିସ ଘଟଣାର ତଦନ୍ତ କରୁଛି।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ: **M_CAMC_HABD_KGP_2024,** ତାରିଖ: ୨୦.୧୨.୨୦୨୪ । ଶ୍ରୀଯୁକ୍ତ ବିଭାଗୀୟ ମେକାନିକାଲ୍ ଇଞ୍ଜିନିୟର, ଖଡ଼ଗପୁର, ଦକ୍ଷିଣ ପୂର୍ବ ରେଳବାଇ ଭାରତ ରାଷ୍ଟ୍ରପତିଙ୍କ ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରେ: ଏହାର ଅବସ୍ଥାନ ସହିତ କାର୍ଯ୍ୟର ନାମର ସଂକ୍ଷିପ୍ତ ବର୍ଣ୍ଣନା: ସ୍ୱୟଂଚାଳିତ ଆକ୍ସଲ୍ / ବିରିଂ ତାପମାତ୍ରା ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି; ମାପ ଏବଂ ରେକର୍ଡିଂ ସିଷ୍ଟମ୍ **(HABD)** କୋକପାରା-ଚାକୁଲିଆରେ ଅବସ୍ଥିତ **(Km-187 / 28-30 DN, LC Gate-110** ନିକଟରେ, କୋକପାରା-ଚାକୁଲିଆ ବିଭାଗ), କେଶବପୁର ପ୍ରାଙ୍ଗଣ **(Km-30 / 30-32 DN, Haldia-Tamluk** ବିଭାଗ), ହାଲଡିପଡା ଅଗଣା **(Km-218 / 28-26 DN, Haldipada- Rupsa** ବିଭାଗ) ଏବଂ **Haur yard (Km-80/13)** - ୫ ୟୁପି, ପାନସ୍କୁରା-ଖଡ଼ଗପୁର ବିଭାଗ) ୫ (ପାଞ୍ଚ) ବର୍ଷ ପାଇଁ । ବିଜ୍ଞାପନ ମୂଲ୍ୟ: ୪୨,୪୮,୯୪୪ ରୋଜଗାରର ଅର୍ଥ: ୮୫,୦୦୦ ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ: ୧୦.୦୧.୨୦୨୫ ୧୬.୦୦ ଘଣ୍ଟାରେ । ୱେବସାଇଟ୍ ବିଶେଷତା ଏବଂ ବିବରଣୀ: **www.ireps.gov.in** ବିଡିଂ ଆରମ୍ଭ ତାରିଖ: ୨୭.୧୨.୨୦୨୪ ।

**(PR-939)**



Office of the Superintending Engineer,
Baisinga Canal Division, Laxmiposi, PIN-757107, Dist. - Mayurbhanj
Email ID: sebaisinga2022@gmail.com
***

TENDER CALL NOTICE NO.11/2024-25 OF SE, BCD, LAXMIPOSI

| | | |
|---|---|---|
| 1 | No. of Work | Total 15 nos. of work |
| 2 | Tender Amount | Ranging from Rs. 1,77,669.20 to Rs. 4,97,230.79 |
| 3 | E.M.D. | Ranging from Rs.1800.00 to Rs. 5000.00 |
| 4 | Period of Completion | 01(One) Month from the date of issue of work order. |
| 5 | Class of Contractor | Registered Agencies / Registered Firm with MSME / "D" Class or "C" Class Contractor / Registered Agencies having expertise in Survey/ mechanical / Same nature of work / Equivalent. |
| 6 | Date & Time of availability of bid document in the office of the undersigned | From 10.30 AM of 24.12.2024 to 5.00 PM of 06.01.2025 |
| 7 | Last date/time for receipt of bid in the office of the undersigned. | Upto 5.00 PM of 06.01.2025 |
| 8 | Date of opening of bid | 07.01.2025 at 11.30AM |
| 9 | Name & Address of the O.I. T. | Office Of the Superintending Engineer, Baisinga Canal Division, Laxmiposi, Mayurbhanj-757107 |

Sd/-
Superintending Engineer,
Baisinga Canal Division,
Laxmiposi

OIPR: 32281/11/0009/2425


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ରୁବେନଙ୍କ ବହିକୁ ...

ଆଉ ଏହାର ଜବାବ ମଧ ବରିଷ୍ଠ ସାମ୍ବାଦିକ ରୁବେନ ବାନାର୍ଜୀ କହିଛନ୍ତି, ପାଣ୍ଡିଆନଙ୍କ କଥା ଲେଖିଥିବାରୁ ବିଜେଡି ପ୍ରଶ୍ନ କରୁଛନ୍ତି । ରୁବେନ ବାନାର୍ଜୀଙ୍କ ବହିକୁ ନେଇ ବିଜେଡିର ଆକ୍ଷେପ ପରେ ଜୋରଦାର କାଉଣ୍ଟର କରିଛି ବିଜେପି । ଅପ୍ରିୟ ସତ୍ୟ କଥା ଲେଖିବା ବିଜେଡି ନେତାଙ୍କ ଦେହରେ ଯାଉନି । ପୂର୍ବରୁ ଯେତେବେଳେ ରୁବେନ ବାନାର୍ଜି ନବୀନ ପଟ୍ଟନାୟକଙ୍କ ବିଷୟରେ ଲେଖୁଥିଲେ ସେବେ ବିଜେଡି ନେତାଙ୍କ ନିକଟରେ ଭଲ ଥିଲେ ତାହା ତାଙ୍କୁ ସୁହାଉଥିଲା ବୋଲି କହି କଟାକ୍ଷ କରିଛନ୍ତି ବିଜେପି ବିଧାୟକ ବାବୁ ସିଂହ । ସୂଚନାଯୋଗ୍ୟ ଯେ, ଗତ ୨୧ ତାରିଖରେ ପ୍ରକାଶ ପାଇଥିଲା ରୁବେନ ବାନାର୍ଜିଙ୍କ ପୁସ୍ତକ । ପାଣ୍ଡିଆନ କେମିତି ନବୀନଙ୍କଠାରୁ ନେତାଙ୍କୁ ଦୂରେଇ ଦେଇଥିଲେ ? ତାଙ୍କ କାନରେ ବିଷ ଭରୁଥିଲେ ସେ ସମ୍ପର୍କରେ ବହିରେ ଉଲେଖ କରିଛନ୍ତି ରୁବେନ।

### ୟୁପିଏସସି ଠକେଇ...

ପୂଜା ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତାଙ୍କ ପ୍ରାର୍ଥିତ୍ୱକୁ ବାତିଲ କରିବାର ଅଧିକାର ୟୁପିଏସ୍‌ସିର ନାହିଁ ବୋଲି ସେ କହିଥିଲେ। ୨୦୨୩ ବ୍ୟାଚ୍‌ର ଆଇଏଏସ୍ ପୂଜାଙ୍କୁ ପୁଣେରେ ଟ୍ରେନି ଅଧିକାରୀ ଭାବେ ନିଯୁକ୍ତି ମିଳିଥିଲା। ତେବେ ସେ କ୍ଷମତାର ଅପବ୍ୟବହାର କରିଥିବା ଅଭିଯୋଗ ଆସିଥିବା ପରେ ତାଙ୍କୁ ୱାସିମଙ୍କୁ ବଦଳି କରାଯାଇଥିଲା। ପରେ ସେ ନିଜ ନାଁ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରମାଣପତ୍ରରେ ଜାଲିଆତି କରିଥିବା ଅଭିଯୋଗ ଆସିଥିଲା।

### ବଢ଼ିଲା ଅଲ୍ଲୁ ...

ଅଲ୍ଲୁ ଅର୍ଜୁନ ଆସିଥିବା ବେଳେ ତାଙ୍କୁ ଦେଖିବାକୁ ଲୋକଙ୍କ ଭିଡ଼ ଜମି ଥିଲା। ଭିଡ଼ ଅଧିକ ହେବାରୁ ଦଳଚକଟା ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ୮ ବର୍ଷର ପୁଅ ୨୦ ଦିନ ହେଲାଣି କୋମାରେ ଅଛନ୍ତି। ଏହି ଘଟଣା ପରେ ମୃତ ମହିଳାଙ୍କ ସ୍ୱାମୀଙ୍କ ଅଭିଯୋଗ ଆଧାରରେ ଡିସେମ୍ବର ୧୩ ତାରିଖରେ ଅଲ୍ଲୁ ଅର୍ଜୁନଙ୍କୁ ଗିରଫ କରିଥିଲା ପୁଲିସ। ସେ ଗୋଟିଏ ଦିନ ଜେଲ୍‌ରେ ମଧ ରହିଥିଲେ। ତେଲଙ୍ଗାନା ହାଇକୋର୍ଟରୁ ୪ ସପ୍ତାହ ପାଇଁ ଅନ୍ତରୀଣ ଜାମିନ ପାଇ ଡିସେମ୍ବର ୧୪ରେ ସେ ମୁକୁଳିଥିଲେ। ଏହା ସତ୍ତ୍ୱେ ଏହି ଘଟଣାକୁ ନେଇ ଚର୍ଚ୍ଚା କମି ନାହିଁ। ବଂର ଦିନକୁ ଦିନ ବିବାଦ ବଢୁଛି। ଏହି ଘଟଣା ଭିତରେ ରାଜନୀତି ପଶିଯାଇଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଓ ଏଆଇଏମ୍‌ଆଇଏମ୍ ବିଧାୟକ ଅକବରୁଦ୍ଦୀନ ଓୱେସୀ ଏହି ଘଟଣା ପାଇଁ ଅଲ୍ଲୁ ଅର୍ଜୁନଙ୍କୁ ଟାର୍ଗେଟ କରିଥିଲେ। ଓୱେସୀ କହିଥିଲେ ଯେ ଦଳାଚକଟା ଖବର ଅଲ୍ଲୁଙ୍କ ପାଖରେ ପହଞ୍ଚିବା ପରେ ସେ କହିଥିଲେ ଫିଲ୍ମ ହିଟ୍ ହେବ। ସେହିପରି ରେବନ୍ତ ରେଡ୍ଡୀ କହିଥିଲେ ଯେ ପୁଲିସ ଅନୁମତି ନଥିବା ସତ୍ତ୍ୱେ ଅଲ୍ଲୁ ଅର୍ଜୁନ ସେଠାକୁ ଯାଇଥିଲେ ଓ ଘଟଣା ଘଟିବା ପରେ ପୁଲିସ କହିବା ପରେ ବି ସେ ସେଠାରୁ ଯାଇ ନଥିଲେ। ଏଭଳି ଭାବେ ସମାଲୋଚିତ ହେବା ପରେ ସାମ୍ବାଦିକ ସମ୍ମିଳନୀ କରି ଅଲ୍ଲୁ କହିଥିଲେ ଯେ ତାଙ୍କ ଚରିତ୍ର ସଂହାର କରାଯାଉଛି। ଏହି ଘଟଣା ନେଇ ତାଙ୍କ ବିଷୟରେ କେବଳ ଗୁଜବ ପ୍ରଚାର କରାଯାଉଛି। ଏହା ସହିତ ସେ ପୁଣି ଥରେ ମୃତ ମହିଳାଙ୍କ ପରିବାର ଲୋକଙ୍କୁ କ୍ଷମା ମାଗିଥିଲେ। ପୁଷ୍ପା-୨ ଫିଲ୍ମର ନିର୍ମାତା ଆଜି ମୃତ ମହିଳାଙ୍କ ସ୍ୱାମୀଙ୍କୁ ୫୦ ଲକ୍ଷ ଟଙ୍କାର ସହାୟତା ଦେଇଛନ୍ତି। ମୃତ ମହିଳାଙ୍କ ସ୍ୱାମୀ କହିଛନ୍ତି ଯେ ଏହି ଘଟଣାରେ ଅଲ୍ଲୁଙ୍କର କୌଣସି ଭୂମିକା ନାହିଁ। ସେ କେସ୍ ଉଠାଇ ନେବାକୁ ରାଜି ଅଛନ୍ତି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଅଲ୍ଲୁ ମୃତ ମହିଳାଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଦେଇଥିଲେ।

### ହଟିଲା କଟକଣା: ଏଣିକି ...

କୁହାଯାଇଛି ଯେ ଯଦି କୌଣସି ଶିକ୍ଷାର୍ଥୀ ବାର୍ଷିକ ପରୀକ୍ଷାରେ କୃତ୍ତକାର୍ଯ୍ୟ ହୋଇ ପାରୁ ନାହାନ୍ତି, ତା'ହେଲେ ସେମାନଙ୍କୁ ବା ତାଙ୍କୁ ରେଜଲ୍ଟ ବାହାରିବାର ୨ ମାସ ମଧ୍ୟରେ ଅତିରିକ୍ତ କୋଚିଂ ଓ ପୁନଃ ପରୀକ୍ଷା ଦେବାର ସୁଯୋଗ ମିଳିବ। କିନ୍ତୁ ପୁନଃ ପରୀକ୍ଷାରେ ଶିକ୍ଷାର୍ଥୀ ଜଣଙ୍କ ବା ଶିକ୍ଷାର୍ଥୀମାନେ ପାସ୍ କରିପାରିଲେ ନାହିଁ, ତା'ହେଲେ ତାଙ୍କୁ ପୁଣି ୫ମ କିମ୍ବା ୮ମ ଶ୍ରେଣୀରେ ରହିବାକୁ ପଡ଼ିବ। ଏହି ସମୟରେ ଶ୍ରେଣୀ ଶିକ୍ଷକ କିମ୍ବା ଶ୍ରେଣୀ ଶିକ୍ଷୟିତ୍ରୀ ପିଲାଟି କେମିତି ପାସ୍ କରିବ, ସେନେଇ ଉଦ୍ୟମ କରିବେ। ତାଙ୍କୁ ଆବଶ୍ୟକ କୋଚିଂ ମଧ ଯୋଗାଇ ଦେବେ। ତେବେ ଶିକ୍ଷା ସମାପ୍ତ ନ ହେବା ଯାଏ କୌଣସି ସ୍କୁଲ ପକ୍ଷରୁ ପିଲାଙ୍କୁ ବହିଷ୍କୃତ କରାଯାଇ ପାରିବ ନାହିଁ ବୋଲି ସରକାର ସ୍ପଷ୍ଟ ଭାବେ କହିଛନ୍ତି। ଶିକ୍ଷା ମନ୍ତ୍ରଣାଳୟର ଜଣେ ଅଧିକାରୀଙ୍କ କହିବା କଥା ଯେ ଏହି ନିୟମ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଓ ସୈନିକ ସ୍କୁଲ ସମେତ କେନ୍ଦ୍ର ଦ୍ୱାରା ପରିଚାଳିତ ପ୍ରାୟ ୩ ହଜାରର ସ୍କୁଲରେ କାର୍ଯ୍ୟକାରୀ ହେବ। ଶିକ୍ଷା ରାଜ୍ୟର ବ୍ୟାପାର ହୋଇଥିବାରୁ ରାଜ୍ୟଗୁଡ଼ିକ ସେମାନଙ୍କ ହିସାବରେ ଅନ୍ୟ ସ୍କୁଲରେ ଏହି ନିୟମ ଲାଗୁ କରିପାରିବେ।

### ଏନ୍‌କାଉଣ୍ଟର: ଟଳିଲେ ...

ଓ ଜସପ୍ରିତ ସିଂହ। ପୁଲିସ ସୂଚନା ମୁତାବକ, ଆଜି ସକାଳୁ ପୁଲିସ ଷ୍ଟେସନ ଉପରେ ଗ୍ରେନେଡ୍ ହମ୍‌ଲା କରିଥିବା ତିନି ଖଲିସ୍ତାନୀ ଆତଙ୍କବାଦୀଙ୍କ ସ୍ଥିତି ସମ୍ପର୍କରେ ଗୁରୁଦାସପୁର ପୁଲିସ ୟୁପିର ପୁରାଣପୁର ପୁଲିସ ଷ୍ଟେସନକୁ ଆସି ସୂଚନା ଦେଇଥିଲା। ଏହାପରେ ପୂରା ଅଞ୍ଚଳକୁ ଅବରୋଧ କରି ପୁଲିସ ଯାଞ୍ଚ ଆରମ୍ଭ କରିଥିଲା। ଏହାପରେ ପୁରପୁର ଥାନା ଅଞ୍ଚଳର କମରିୟା ପଏଣ୍ଟରେ ଗୋଟିଏ ବାଇକ୍ ଉପରେ ତିନି ଯୁବକ କିଛି ସନ୍ଦିଗ୍ଧ ଜିନିଷ ଧରି ପିଲଭିତ ଆଡକୁ ଯାଉଥିବା ଦେଖିବାକୁ ମିଳିଥିଲା। ଏହାପରେ ତୁରନ୍ତ ପଞ୍ଜାବ ପୁଲିସ ଟିମ୍ ସେମାନଙ୍କ ପିଛା କରିଥିଲା। ପୁଲିସକୁ ଦେଖି ତିନି ଖଲିସ୍ତାନୀ ଆତଙ୍କୀ ଗୁଳିମାଡ଼ କରିଥିଲେ। ପୁଲିସ ମଧ ଏହାର ପାଲଟା ଜବାବ ଦେଇଥିଲା। ଏଥିରେ ତିନି ଜଣ ଆତଙ୍କୀ ଗୁରୁତର ହୋଇଥିଲେ। ପରେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସମସ୍ତଙ୍କ ମୃତ୍ୟୁ ହୋଇଥିବା ପୁଲିସ ସୂଚନା ଦେଇଛି।

### ହସ୍ପିଟାଲ ବେଡରେ ...

ଏଥିରେ କାମ୍ବଲି ହସ୍ପିଟାଲ ବେଡରେ ଶୋଇଥିବା ବେଳେ ସ୍ମିତ ହାସ୍ୟ ଦେଇ କ୍ୟାମେରାକୁ ଥମ୍ବସ୍‌ଅପ କରୁଛନ୍ତି। ନିକଟରେ କାମ୍ବଲିଙ୍କ ଗୋଟିଏ ଭିଡିଓ ଭାଇରାଲ ହୋଇଥିଲା। ସେଥିରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଆଦୌ ଭଲ ନଥିବା ଜଣାଡ଼ିଥିଲା। ଗୋଟିଏ ସପ୍ତାହ ହେଲାଣି କାମ୍ବଲିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଅନେକ ରିପୋର୍ଟ ପ୍ରକାଶ ପାଇଛି। ସେ କେମିତି ନିଜ ଜୀନବ ଓ ସ୍ୱାସ୍ଥ୍ୟ ସହ ସଂଘର୍ଷ କରୁଛନ୍ତି, ସେକଥା ମଧ ଉଲ୍ଲେଖ କରାଯାଇଥିଲା। ନିକଟରେ କାମ୍ବଲି ଗୋଟିଏ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଠାରେ କିମ୍ବଦନ୍ତୀ ଦିବଂଗତ କୋଚ ରମାକାନ୍ତ ଆଚେର୍କରଙ୍କୁ ସମ୍ମାନ ଜଣା ଯାଇଥିଲା। ଆଚେର୍କର ଶିବାଜୀ ପାର୍କରେ ଏକଦା ସଚିନ ତେନ୍ଦୁଲକର ଓ କାମ୍ବଲିଙ୍କୁ ଟ୍ରେନିଂ ଦେଉଥିଲେ। ଏହି କାର୍ଯ୍ୟକ୍ରମର ଏକାଧିକ ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହୋଇଥିଲା। ଏଥିରେ କାମ୍ବଲି ନିଜକୁ ନିଜେ ସମ୍ଭାଳି ପାରୁ ନଥିବା ଦେଖାବାକୁ ମିଳିଥିଲେ। ସେ ଠିକ ଭାବେ ମଧ କଥା କହି ପାରୁ ନଥିଲେ। ତେବେ ୫୨ ବର୍ଷୀୟ କାମ୍ବଲି ନିଜ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସୂଚନା ଦେବା ସହ ମାସେ ହେଲା ସେ ଜୀବନ ସହ ସଂଘର୍ଷ କରୁଥିବା କହିଥିଲେ। କାମ୍ବଲିଙ୍କ କହିବା କଥା ଯେ ସେ ପରିସ୍ରା ଜନିତ ସଂକ୍ରମଣ ସହ ଲଢ଼େଇ କରୁଛନ୍ତି। କିନ୍ତୁ ତାଙ୍କ ପତ୍ନୀ ଓ ପିଲାମାନେ ପଥର ଭଳି ତାଙ୍କ ସହ ରହିଛନ୍ତି। ଏଥିପାଇଁ ସେ ନିଜ ଗୋଡ଼ରେ ଛିଡ଼ା ହୋଇପାରୁଛନ୍ତି ବୋଲି କାମ୍ବଲି କହିଥିଲେ।

### ୬ ଦିନିଆ ଆମେରିକା ...

ଟ୍ରମ୍ପଙ୍କ ପ୍ରତ୍ୟାବର୍ତ୍ତନ ପରେ ଏହି ଆଲୋଚନାରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ଉପରେ ଧ୍ୟାନ ଦିଆଯିବ ବୋଲି ଆଶା କରାଯାଉଛି। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏନେଇ ଏକ ଆଧିକାରିକ ବିବୃତି ଜାରି କରି ସୂଚନା ଦିଆଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଆମେରିକାର ୱାସିଂଟନ ଡିସିରେ ଭାରତର କନସୁଲେଟ୍ ଜେନେରାଲଙ୍କ ଏକ ସମ୍ମିଳନୀରେ ଅଧ୍ୟକ୍ଷତା କରିବାର କାର୍ଯ୍ୟକ୍ରମ ମଧ ରହିଛି। ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚଳିତ ବର୍ଷ ସେପଟେମ୍ବରରେ ତିନି ଦିନିଆ ଆମେରିକା ଗସ୍ତରେ ଯାଇ କ୍ୱାଡ ଶିଖର ସମ୍ମିଳନୀରେ ଭାଗ ନେଇଥିଲେ। ସେହି ସମୟରେ ଜୋ ବାଇଡେନ ଏବଂ ଏକାଧିକ ଦେଶର ମୁଖ୍ୟଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଆମେରିକାରେ ପ୍ରବାସୀ ଭାରତୀୟଙ୍କୁ ମଧ ସମ୍ବୋଧିତ କରିଥିଲେ। ରାଷ୍ଟ୍ର ଅତିଥି ଭାବେ ପହଞ୍ଚିଥିବାରୁ ଆମେରିକାରେ ମୋଦିଙ୍କ ସମ୍ମାନରେ ହ୍ୱାଇଟ ହାଉସରେ ଏକ ଗ୍ରାଣ୍ଡ ଷ୍ଟେଟ୍ ଲଞ୍ଚ୍ ଏବଂ ଷ୍ଟେଟ୍ ଡିନର ମଧ ଆୟୋଜିତ ହୋଇଥିଲା। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିପୁଳ ବିଜୟ ପରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ଫୋନ କରି ଶୁଭେଚ୍ଛା ଜଣାଇଥିଲେ। ସେହି ସମୟରେ ଭାରତକୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରକୃତ ବନ୍ଧୁ ବୋଲି କହିଥିଲେ ଟ୍ରମ୍ପ। ସେ ଆଗାମୀ ଜାନୁଆରୀରେ ଆମେରିକାର ରାଷ୍ଟ୍ରପତି ଭାବେ ଦ୍ୱିତୀୟ ଥର ପାଇଁ ଶାସନ ଭାର ଗ୍ରହଣ କରିବେ। ତେବେ ଗୌତମ ଆଦାନୀ ଓ ତାଙ୍କ କମ୍ପାନୀ ବିରୋଧରେ ଆମେରିକାରେ ରୁଜୁ ହୋଇଥିବା ମାମଲାକୁ ନେଇ ଦେଶର ରାଜନୀତି ସରଗରମ। ଏହି କ୍ରମରେ ବୈଦେଶିକ ମନ୍ତ୍ରୀଙ୍କ ଗସ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି।

# ଜାମ୍ମୁରେ ପ୍ରବଳ ଥଣ୍ଡା ସହିତ ଶୀତଲହର ପ୍ରଭାବ ବୃଦ୍ଧି

ଜାମ୍ମୁ ନୂଆଦିଲ୍ଲୀ, ୨୩/୧୨ : କାଶ୍ମୀର ଘାଟୀରେ ଜାରି ପ୍ରବଳ ଥଣ୍ଡା ଚିଲ୍ଲେଇ କଲାନରେ ପ୍ରଭାବ ବର୍ତ୍ତମାନ ଜାମ୍ମୁ ବିଭାଗରେ ମଧ ଦେଖାଯାଉଛି। ଜାମ୍ମୁ ଡିଭିଜନରେ ପ୍ରବଳ ଥଣ୍ଡା ସହିତ ଶୀତଲହରର ପ୍ରଭାବ ମଧ ବୃଦ୍ଧି ପାଇଛି। ଏହାରି ମଧ୍ୟରେ କାଶ୍ମୀରର ଡଲ ହ୍ରଦ ସମେତ ଉପତ୍ୟକାର ଅନେକ ସ୍ଥାନରେ ଜଳାଶୟ ବରଫ ହୋଇଯାଇଛି। ଅନେକ ଅଂଚଳରେ ପାଇପଗୁଡିକରେ ପାଣି ଜମିବାରୁ ଜଳଯୋଗାଣ ପ୍ରଭାବିତ ହେଉଛି। ଜାମ୍ମୁ ସହରରେ ଆଜି ସକାଳୁ କୁହୁଡି ଛାଇଯାଇଛି ଏବଂ ଏହି ସମୟରେ ଥଣ୍ଡା ପବନ ମଧ ପ୍ରଭାବିତ ହେଉଛି।ପୁର୍ବଦିନ ଅପେକ୍ଷା ଆଜି ଥଣ୍ଡା ଅଧିକ ଅନୁଭୁତ ହେଉଛି।

ମଙ୍ଗଳବାର, ଡିସେମ୍ବର ୨୪, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଜିଲ୍ଲାପାଳ ଏବଂ ଏସପିଙ୍କ ମିଳିତ ଜନଶୁଣାଣି

ବାଲିଆପାଳ , ୨୩/୧୨ (ନି.ପ୍ର): ବାଲିଆପାଳ ବ୍ଲକ ସଭା ଗୃହରେ ଜିଲ୍ଲାପାଳ ଓ ଏସ ପି ଙ୍କ ମିଳିତ ଜନଶୁଣାଣି ଶିବର ସୋମବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୨ଶହଟି ଅଭିଯୋଗ ଆସିଥିଲା ବିଭିନ୍ନ ଯୋଜନା ତାଲିକାରେ ଅର୍ନ୍ତଭୁକ୍ତ ନଥିବା ଓ ନାମ ଯୋଡା ଯିବା ଆଦି ଅଭିଯୋଗ ଥିଲା।ଅନ୍ୟ ଅଭିଯୋଗ ମଧ୍ୟରୁ ଅଧିକାଂଶ ପେନସନ, ନୂଆ ରାସନକାର୍ଡ, ଲେବର କାର୍ଡ, ରାସ୍ତା, ପାନୀୟ ଜଳ, ପ୍ରଧାନମନ୍ତ୍ରୀ ଆବାସ,ବିଦ୍ୟାଳୟର ମୌଳିକ ସମସ୍ୟା,ପୋଲିସ, ତହସିଲ ବିଭାଗକୁ ନେଇ ରହିଥିଲା। ବେଆଇନ ମାଟି,ବାଲି ଏବଂ ଇଟାଭାଟି ଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ରଖାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ, ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧାରୀ ଡଃ ଗୋପିନାଥ ପରିଡା ପ୍ରମୁଖ ପଦାଧିକାରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରକୁ ବିଡ଼ିଓ ପୁନମ ରାଉତ, ତହସିଲଦାର ସାଇ ଶ୍ରୀ ଲୋକନାଥ ପ୍ରସାଦ ସେଠୀ ପରିଚାଳନା କରିଥିଲେ। ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




## ଆଜିଠୁ ପୁଣି ବର୍ଷିବ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): କାଲିଠୁ ପୁଣି ବର୍ଷିବ । ଡିସେମ୍ବର ୨୪, ୨୫ରେ ପୁଣି ବର୍ଷା ଅନୁମାନ କରିଛି ପାଣିପାଗ ବିଭାଗ । ବର୍ଷା ସହ ଘନ କୁହୁଡି କରିବ କଲବଲ । ପଶ୍ଚିମା ଝଡ ପ୍ରଭାବରେ ବର୍ଷା ସମ୍ଭାବନା ରହିଛି । ୭ ଜିଲ୍ଲାରେ ମଧମ ଧରଣର ବର୍ଷା ଆକଳନ କରାଯାଇଛି । କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ,ଖୋର୍ଦ୍ଧା, ଗଞ୍ଜାମ, ଗଜପତି,ରାୟଗଡା ଜିଲ୍ଲାରେ ହେବ ବର୍ଷା । ୯ ଜିଲ୍ଲାକୁ ମଧମ ଧରଣର ବର୍ଷା ସମ୍ଭାବନା ରହିଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, ନୟାଗଡ, କନ୍ଧମାଳ, କୋରାପୁଟ, ମାଲକାନଗିରିରେ ମଧ ବର୍ଷା ହେବ । ୨୫ ତାରିଖରେ ୧୧ ଜିଲ୍ଲାରେ ହାଲୁକା ବର୍ଷା ସମ୍ଭାବନା ରହିଛି । ଆଜି ଏବଂ କାଲି ଘନ କୁହୁଡି ନେଇ ୫ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି । କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ଅନୁଗୁଳ ଓ କଳାହାଣ୍ଡିରେ ଘନ କୁହୁଡି ରହିବ । ୫ ଜିଲ୍ଲାରେ ୫୦ ମିଟର ତଳକୁ ଖସିବ ଦୃଶ୍ୟମାନ ଦୂରତା । ୨୬ରୁ ୨୮ ତାରିଖ ଯାଏଁ ରହିବ ଶୁଖିଲା ପାଗ । ୨୯ ତାରିଖରୁ ପୁଣି କୋହଲା ପାଗ ସହ ବର୍ଷା ସମ୍ଭାବନା ରହିଛି । ଆଗାମୀ ୩ ଦିନ ପରେ ବଢିବ ଶୀତର ପ୍ରଭାବ ବୋଲି ସୂଚନା ଦେଇଛି ଆଂଚଳିକ ପାଣିପାଗ କେନ୍ଦ୍ର ।

## ପାରାଦୀପ ଗ୍ରସ୍ଥରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

### ବ୍ଲୁଗ୍ ବଟମ୍ ପଲୀବ୍ୟାଗ୍ ପ୍ଲାଣ୍ଟର ଶୁଭ ଉଦ୍‌ଘାଟନ କଲେ




ପାରାଦୀପ, ୨୩/୧୨ (ନି.ପ୍ର): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ପାରାଦୀପ ଗ୍ରସ୍ଥରେ ଆସି ଜଗତସିଂହପୁର ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଆୟୋଜିତ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେବା ସହ ବ୍ଲୁଗ ବଟମ ପଲୀ ବ୍ୟାଗ ପ୍ଲାଣ୍ଟ ପ୍ରକଳ୍ପର ଶୁଭ ଉଦଘାଟନ କରିଥିଲେ।ଅପରାହ୍ନ ରେ ପାରାଦୀପ ରେ ପହଞ୍ଚି ସ୍ଥାନୀୟ ଜୟଦେବ ସଦନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ ଯେ ୨୦୧୬ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ପୂର୍ବଦ୍ଵୟର ବିକାଶ ପାରାଦୀପରୁ ଆରମ୍ଭ ହେବ।ତାହା ଆଜି ବାସ୍ତବରେ ପରିଣତ ହେବାକୁ ଯାଉଛି।ବର୍ତ୍ତମାନ ଡବଲ ଇଂଜିନ୍ ସରକାର ଓଡିଶାର ବିକାଶକୁ ତ୍ୱରାନ୍ୱିତ କରିବ। ପାରଦୀପ ବନ୍ଦରର ଦକ୍ଷତା ବଢିଛି ଏବଂ ଆଇଓସିଏଲ୍ ସମେତ ମେଗା ପେଟ୍ରୋକେମିକାଲ୍ ପ୍ରକଳ୍ପ ଖୁବ୍ ଶ୍ରୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମିଳନୀରେ ପାରାଦିପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୂପ୍ରସାଦ ତରାଇ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବିଜେପି ନେତା ରାଜକିଶୋର ବେହେରା, ସତ୍ୟସାରଥି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।ଏହି ସମ୍ମିଳନୀରେ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର ପୌରହିତ୍ୟ କରିଥିଲା ବେଳେ ପାରାଦୀପ ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ଙ୍କୁ ଏକ ବିରାଟ ରାଲି ରେ ସମ୍ମିଳନୀ ସ୍ଥଳକୁ ଅଣାଯାଇଥିଲା। ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ପାରାଦୀପରେ ଓଡିଶାର ପ୍ରଥମ ବ୍ଲଗ୍ ବଟମ୍ ପଲୀ ବ୍ୟାଗ୍ ପ୍ଲାଣ୍ଟ ର ଶୁଭ ଉଦଘାଟନ କରିଥିଲେ। ଏନରଗନ୍ ପଲିମେଟାଲିକ୍ ପ୍ରାଇଭେଟ୍ ଲିମିଟେଡ୍ ଏହାକୁ ଆଇଓସିଏଲ୍ ଓ ଇଡକୋ ସହଭାଗିତାରେ ତିଆରି କରିଛି।ପ୍ଲାଷ୍ଟିକ ପାର୍କ ରେ ୧୬ ଟି କମ୍ପାନୀ ଇଡ଼କୋ ନିକଟରୁ କମ୍ପାନୀ ନିର୍ମାଣ କରିବାକୁ ଜାଗା ନେଇଥିବା ବେଳେ ମାତ୍ର ଏପର୍ଯ୍ୟନ୍ତ ତିନୋଟି କମ୍ପାନୀ ନିଜର ୟୁନିଟ ନିର୍ମାଣ କରି ସାରିଛନ୍ତି। ଆଗାମୀ ଦିନରେ ଆଇଓସିଏଲ୍ ୬୧ ହଜାର କୋଟି ଟଙ୍କାର ମେଗା ପେଟ୍ରୋକେମିକାଲ କମ୍ପ୍ଲେକ୍ସ କରିବା ପାଇଁ ଯାଉଛି । ଆଇଓସିଏଲ୍‌ରୁ ବାହାରୁ ଥିବା ବର୍ଜ୍ୟବସ୍ତୁକୁ ପ୍ରକ୍ରିୟାକରଣ କରାଯାଇ ପ୍ଲାଷ୍ଟିକ୍ ସାମଗ୍ରୀ ତିଆରି କରାଯିବ। ଏନରଗନ୍ ପଲିମେଟାଲିକ୍ ପ୍ରାଇଭେଟ୍ ଲିମିଟେଡ୍ ଏଠାରେ ପ୍ଲାଷ୍ଟିକ୍ ବ୍ୟାଗ୍, ଲାମିଟେଡ୍ ଓ ନନ୍ ଲାମିଟେଡ୍ ବ୍ୟାଗ ଓ ବ୍ଲମ୍ ବଟମ୍ ପଲୀ ବ୍ୟାଗ୍ ତିଆରି କରିବ । ଏହା ଦ୍ୱାରା ସ୍ଥାନୀୟ ଅଂଚଳ ସମେତ ଓଡିଶାରେ ନିଯୁକ୍ତି ଓ ଆତ୍ମନିଯୁକ୍ତି ବଢିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

## ମହାବୀର କ୍ଲବ୍ ଆନୁକୁଲ୍ୟରେ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ନୀଳଗିରି, ୨୩/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଷ୍ଟାଡିୟମ ପରିସରରେ ମହାବୀର କ୍ଲବ୍ ଆନୁକୁଲ୍ୟରେ ରାଜ୍ୟସ୍ତରୀୟ ଡିଉଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।ମୋଟ ୮ଗୋଟି ଟିମକୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମମ୍ୟାଚ ବାଲେଶ୍ୱର ୟୁ ଏଣ୍ଡ ମି ଏବଂ ଭଦ୍ରକ ସୂର୍ଯ୍ୟଶିଖା ସହିତ ଅନୁଷ୍ଠିତ ହୋଇଥିଲା।। ଉଦଘାଟନୀ ଉତ୍ସବରେ ମୂଖ୍ୟଅତିଥି ଭାବେ ନୀଳଗିରି ଏନଏସି ଅଧକ୍ଷ ମହେନ୍ଦ୍ରନାଥ ବେହେରା,ସମ୍ମାନିତ ଅତିଥିଭାବେ ରଞ୍ଜନା ଦେବୀ ଓ କଳ୍ପନା ଦେବୀ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଥମଦିବସ ମ୍ୟାଚରେ ସୂର୍ଯ୍ୟଶିଖା ଦଳ ଟସ୍ ଜିଣି ପ୍ରତିପକ୍ଷ ୟୁ ଏଣ୍ଡ ମି ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା।ବାଲେଶ୍ୱର ୟୁଏଣ୍ଡମି ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ ରନ କରିବାରେ ସଫଳ ହୋଇଥିଲେ।ପ୍ରତି ବଦଳରେ ସୂର୍ଯ୍ୟଶିଖା ଦଳ ୧୮.୩ ବଲରେ ୧୪୩ ରନ କରି ବିଜୟୀ ହୋଇଥିଲା।ସୂର୍ଯ୍ୟଶିଖା ଦଳ ତରଫରୁ ୯ଟି ଚୌକା, ୪ଟି ଛକାମାରି ୫୦ ବଲରୁ ଅପରାଜିତ ରହି ଦ୍ରୁତ ୮୨ ରନ କରି ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆକାଶ ମହାପାତ୍ରଙ୍କୁ ମ୍ୟାନ ଅଫ ମ୍ୟାଚ ଘୋଷଣା କରାଯାଇଥିଲା। ଆୟୋଜକ ମହାବୀର କ୍ଲବର ବରିଷ୍ଠ ସଦସ୍ୟ ସବ୍ୟସାଚୀ ମହାପାତ୍ର, ଚନ୍ଦନ ରାୟ, କ୍ଲବର ସଭାପତି କୁମାର ରାୟ, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ, ଅଜିତ ନାୟକ,ସୁଶାନ୍ତ ବିଶ୍ୱାଳ, ମାନସ ପାଢ଼ୀ, ରବି କୁମାର, ବିରଜା ବେହେରା, ଗୋପୀ ନନ୍ଦ,ଚିନ୍ମୟ ରାଉତଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## କ୍ୟାଥୋଲିକ ଚର୍ଚ୍ଚ ପକ୍ଷରୁ ଖ୍ରୀଷ୍ଟଜୟନ୍ତୀର ବାର୍ତ୍ତା




ବାଲେଶ୍ୱର , ୨୩/୧୨ (ନି.ପ୍ର): ବାଲେଶ୍ୱର କ୍ୟାଥୋଲିକ ଚର୍ଚ୍ଚରେ ବାଲେଶ୍ୱର ଖ୍ରୀଷ୍ଟ ସମ୍ପ୍ରଦାୟ ତରଫରୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଦିବସ ଖ୍ରୀଷ୍ଟ ଜୟନ୍ତି ପାଳନ ଅବସରରେ ବାଲେଶ୍ୱର ବାସୀଙ୍କୁ ଶୁଭକାମନା ଓ ଶୁଭେଚ୍ଛା ଜଣାଇଛନ୍ତି। ଆଜି ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୂଖ୍ୟ ଅତିଥି ଭାବେ ବାଲେଶ୍ୱର ଧର୍ମ ପ୍ରଦେଶର ଧର୍ମାଧକ୍ଷ ଭାରଗିସ୍ ଥୋଟାମକାରା ଯୋଗ ଦେଇ ବଡଦିନରେ ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବା ସହ ପ୍ରଭୁ ଯୀଶୁଙ୍କ ଧରାପୃଷ୍ଠକୁ ଆବିର୍ଭାବ ଓ ବଡଦିନ ପର୍ବ ପ୍ରେମ, ଶାନ୍ତି ଓ ଆନନ୍ଦର ପର୍ବ ବୋଲି ବକ୍ତବ୍ୟ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ବାଲେଶ୍ୱର ମ୍ୟୁନିସିପାଲିଟିର ଚେୟାରମେନ ଶ୍ରୀମତୀ ସବିତା ସାହୁ ଯୋଗ ଦେଇ ପ୍ରଭୁ ଯୀଶୁ ଶାନ୍ତି ଓ ପ୍ରେମର ପ୍ରତୀକ ବୋଲି ପ୍ରକାଶ କରିଥିଲେ। ଏଥିରେ ଫାଦର ସାଜି ଯୋସେଫ,୨୯ ନଂ ୱାର୍ଡର କାଉନସିଲର କାର୍ତ୍ତିକ ସାହୁ ଯୋଗ ଦେଇଥିଲେ। ଶେଷରେ ଖ୍ରୀଷ୍ଟ ବିଶ୍ୱାସୀ ଭାଇ ଭଉଣୀ ମାନଙ୍କଦ୍ୱାରା ବଡଦିନର ବାର୍ତ୍ତାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ ମୋଟରସାଇକେଲ ଶୋଭା ଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ଫାଦର ଜର୍ଜ,ସାଦର ଯୋସେଫ, ସିନ୍ଧୁ ସାହା, ଡୋରା ରାଣୀ ବୀର,ଅଜୟ ଦାସ,ନିକୁ ପିଟର, ସଞ୍ଜୟ ସାହା,ରୂପା ବଟଲରଙ୍କ ସମେତ ବହୁ ଖ୍ରୀଷ୍ଟ ଧର୍ମୀ ଯୋଗ ଦେଇଥିଲେ।

## ଲିଙ୍ଗରାଜ ମନ୍ଦିରରେ ଦର୍ଶନ କଲେ ରାଜ୍ୟପାଳ

ଭୁବନେଶ୍ୱର, ୨୩ ଡିସେମ୍ବର - ଲିଙ୍ଗରାଜ ମନ୍ଦିରରେ ଦର୍ଶନ କଲେ ରାଜ୍ୟପାଳ । ଏନେଇ ରାଜ୍ୟପାଳ ଏକ୍ସ ହ୍ୟାଣ୍ଡେଲରେ ଫଟୋ ସେୟାର କରିବା ସହ ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ମନ୍ଦିରରେ ଭଗବାନ ଶ୍ରୀ ଲିଙ୍ଗରାଜଙ୍କ ପୂଜାର୍ଚ୍ଚନା କରି ଆଶୀର୍ବାଦ ଗ୍ରହଣ କରିଥିବା କହିଛନ୍ତି । ଭଗବାନ ହରିହରଙ୍କ ନିକଟରେ ସେ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରିଛନ୍ତି ।

## ନୃତ୍ୟ ପ୍ରତିଭା ଦ୍ୱାରା ଆୟୋଜିତ ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ଭୁବନେଶ୍ୱର ଉତ୍କଳ ମଣ୍ଡପରେ ବର୍ଣ୍ଣାଢ୍ୟ ପରିବେଶରେ ଉଦ୍‌ଘାଟିତ




ଭୁବନେଶ୍ୱର , ୨୩/୧୨ (ନି.ପ୍ର): ଓଡ଼ିଶୀ ନୃତ୍ୟ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟଅନୁଷ୍ଠାନ ନୃତ୍ୟ ପ୍ରତିଭା ଦ୍ୱାରା ଆୟୋଜିତ ଅଷ୍ଟାଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ ୨୦୨୪ ଏକ ବର୍ଣ୍ଣାଢ୍ୟ ପରିବେଶରେ ଅତିଥିମାନଙ୍କ ଦ୍ୱାରା ଭୁବନେଶ୍ୱରର ଉତ୍କଳ ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଅଛି । ଏହି ନୃତ୍ୟ ଉତ୍ସବଟି ତିନିଦିନ ଧରି ଅନୁଷ୍ଠିତ ହେବ । ଏହି ଉତ୍ସବ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ଶାସ୍ତ୍ରୀୟ କଳା ଓ ଲୋକ ପରମ୍ପରାର ସମୃଦ୍ଧ ଐତିହ୍ୟକୁ ବିଶ୍ୱସ୍ତରରେ ପ୍ରଦର୍ଶିତ ଓ ପ୍ରୋତ୍ସାହିତ କରିବା । ଏହି ମହୋତ୍ସବ ହେଉଛି ରାଜକୀୟ ପରମ୍ପରା ଓ ଭାରତୀୟ ସଂସ୍କୃତିର ଏକ ପ୍ରମୁଖ ପର୍ବ ଯାହା ଶୀତଦିନେ ଏକ ନିଆରା ଅନୁଭୂତି ପ୍ରଦାନ କରିଥାଏ । ପ୍ରତିବର୍ଷ ଏହି ମହୋତ୍ସବ ଭୁବନେଶ୍ୱରର ହୀରାପୁରସ୍ଥିତ ଚଉଷଠି ଯୋଗିନୀ ମନ୍ଦିର ପରିସରରେ ଡ଼ିସେମ୍ବର ୨୩, ୨୪ ଓ ୨୫ ତାରିଖରେ ଅନୁଷ୍ଠିତ ହେଉଥିଲା । କିନ୍ତୁ ଚଳିତ ବର୍ଷ ଏହି ମହୋତ୍ସବ ଭୁବନେଶ୍ୱରର ଉତ୍କଳ ମଣ୍ଡପରେ ଡ଼ିସେମ୍ବର ୨୩, ୨୪ ଓ ୨୫ ତାରିଖରେ ଅନୁଷ୍ଠିତ ହେଉଛି । ଉଦ୍‌ଘାଟନୀ ସଂଧ୍ୟାର ଅତିଥି ଭାବେ ଓଡ଼ିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହଦେଓ; ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀଯୁକ୍ତ ଜଗନ୍ନାଥ ପ୍ରଧାନ; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମ ଶାସନ ସଚିବ ଶ୍ରୀଯୁକ୍ତ ଦେବ ପ୍ରସାଦ ଦାଶ; ଆର ୩୨୬୨ ଜିଲ୍ଲା ରାଜ୍ୟପାଳ ଶ୍ରୀଯୁକ୍ତ ଯାଗ୍ୟଶିଷ୍ ମହାପାତ୍ର; ନୃତ୍ୟ ପ୍ରତିଭାର ସଭାପତି ଡକ୍ଟର ରଜନୀ ରଞ୍ଜନ ଦାଶ; ନୃତ୍ୟ ପ୍ରତିଭାର ଉପ ସଭାପତି ଶ୍ରୀଯୁକ୍ତ ବଙ୍କିମ ଚନ୍ଦ୍ର ନାୟକ; ଚଉଷଟି ଯୋଗିନୀ ମହୋତ୍ସବର ଅଧକ୍ଷ ତଥା ଓଡ଼ିଶା ବିଜେପିର ଉପ ସଭାପତି ଶ୍ରୀଯୁକ୍ତ ଗୋଲକ ମହାପାତ୍ର ଓ ନୃତ୍ୟ ପ୍ରତିଭାର ସମ୍ପାଦିକା ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚଉଷଠି ଯୋଗିନୀ ସଙ୍ଗୀତ ସମ୍ମାନ ୨୦୨୪ ବିଶିଷ୍ଟ ଗାୟକ ଶ୍ରୀଯୁକ୍ତ ପାର୍ଥ ସାରଥୀ ପାଣିଗ୍ରାହି (ବାବୁ)ଙ୍କୁ ସଂଧ୍ୟାର ମାନ୍ୟବର ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ସଂଧ୍ୟାର ପ୍ରଥମ ଉପସ୍ଥାପନା ଥିଲା ଶ୍ରୀଯୁକ୍ତ ପାର୍ଥ ସାରଥୀ ପାଣିଗ୍ରାହି (ବାବୁ)ଙ୍କ ଦ୍ୱାରା କଣ୍ଠ ସଙ୍ଗୀତ ପରିବେଷଣ । ପରେ ପରେ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ନୃତ୍ୟାନୁଷ୍ଠାନ ନୃତ୍ୟ ପ୍ରତିଭାର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ଜଗନ୍ନାଥଷ୍ଟକମ୍ ପରିବେଷିତ ହୋଇଥିଲା । ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଗୁରୁ ଶ୍ରୀମତୀ ଅର୍ପିତା ସିହ୍ନାଙ୍କ ଦ୍ୱାରା ପ୍ରତିଷ୍ଠିତ କଲିକତାର ଚାନ୍ଦଶ୍ରୀ ନୃତ୍ୟ ଶିକ୍ଷା କେନ୍ଦ୍ରର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଦଳଗତ ସମସାମୟିକ ନୃତ୍ୟ । ଉଦ୍‌ଘାଟନୀ ସନ୍ଧ୍ୟାର ଅନ୍ତିମ ପ୍ରସ୍ତୁତିରେ ଥିଲା ଗୁରୁ ଶ୍ରୀଯୁକ୍ତ ଜଗଦିଶ୍ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରତିଷ୍ଠିତ ଗଞ୍ଜାମର ବିଶ୍ୱ ଜନନୀ କଳା ପରିଷଦର ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପଶୁ ମୁଖା ନୃତ୍ୟ । ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ପ୍ରେରଣା ପ୍ରତିକ୍ଷା ଏବଂ ସଂଯୋଜନା କରିଥିଲେ ଗୁରୁ ଶ୍ରୀମତୀ ପ୍ରତିଭା ପଣ୍ଡା । ଏହି କାର୍ଯ୍ୟକ୍ରମଟିକୁ ପ୍ରସ୍ତୁତିରେ ସହଯୋଗ କରିଥିଲେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ।

## କୁପାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

### ଦ୍ୱିତୀୟ ଦିବସରେ ଯୋଗ ଦେଲେ ଶିକ୍ଷାମନ୍ତ୍ରୀ ଓ ପ୍ରାକ୍ତନ ରାଷ୍ଟ୍ରଦୂତ



ଖଇରା, ୨୩/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତିୟ ଦିବସରେ ମୁଖ୍ୟଅତିଥି ଭାବେ ଆର୍ମେନିଆରେ ଅବସ୍ଥାପିତ ଭାରତର ପୂର୍ବତନ ରାଷ୍ଟ୍ରଦୂତ ଦୀପକ ଭୋରା ମୁଖ୍ୟଅତିଥି ଓ ଉଚ୍ଚଶିକ୍ଷା ଓ ଭାଷାସାହିତ୍ୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କୁପାରୀ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ସାମଗ୍ରିକ ଉଦ୍ୟମ ଲୋଡା ବୋଲି ସଂସ୍କୃତି ମନ୍ତ୍ରୀ ପ୍ରକାଶ କରିଥିଲେ । ପ୍ରଧାନଶିକ୍ଷକ ଜଗବନ୍ଧୁ ବେଶ୍ରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉପରୋକ୍ତ ୨ଅତିଥିଙ୍କ ବ୍ୟତିତ ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଯୁବନେତା ଅଶୁମାଧବ ପଣ୍ଡା ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ସହକାରୀ ଶିକ୍ଷୟତ୍ରୀ ତନୁଜା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ବିଷୟରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଦ୍ୱିତୀୟ ଅଧିବେସନରେ ବିଶିଷ୍ଟ ବୈଜ୍ଞାନିକ ସୁଚେନ୍ଦନ ମୁଖ୍ୟଅତିଥି, ଅଧ୍ୟାପିକା ଡ ଆଭାରାଣି ବଳ ମୁଖ୍ୟବକ୍ତା,ଅଧ୍ୟାପକ ଡ ପଙ୍କଜ କୁମାର ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଜୟନ୍ତୀ କମିଟିର ସମ୍ପାଦକ ପରେଶ ଦକ୍ଷିଣରାୟ ବିବରଣୀ ପାଠ କରିଥିଲେ । ସେହିଭଳି ଉଦଘାଟନୀ ସମାରୋହରେ ରାଜ୍ୟ ଯୋଗାଣବିଭାଗ,ଦକ୍ଷତାବିକାଶ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି, କୁପାରୀ ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ଅଧ୍ୟାପକ ଯୁଧିଷ୍ଠିର କୁଅଁର ମୁଖ୍ୟବକ୍ତା,ଜୟନ୍ତୀ କମିଟି ସଭାପତି ପୁର୍ଣ୍ଣଚନ୍ଦ୍ର ସେଣ୍ଡ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବନ୍ଧ ଓ ସୁବର୍ଣ୍ଣରେଖା କୃଷି ଉତ୍ପାଦକ କମ୍ପାନୀର ମିଳିତ ଆନୁକୂଲ୍ୟରେ କ୍ଷେତ୍ରଦିବସ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ନୀଳଗିରି, ୨୩/୧୨ (ନି.ପ୍ର): ନୀଳଗିରି ବ୍ଲକ ପୋଡାଶୂଳ ଠାରେ ସମ୍ବନ୍ଧ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ୍ ସୁବର୍ଣ୍ଣ ରେଖା କୃଷିଉତ୍ପାଦକ କମ୍ପାନୀର ମିଳିତ ଆନୁକୂଲ୍ୟରେ କ୍ଷେତ୍ରଦିବସର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରଶିକ୍ଷଣ ଶିବିରରେ ସହକାରୀ ବୈଷୟିକ କୃଷି ପ୍ରବନ୍ଧକ ଅମିତ କୁମାର ନାଥ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ମାଣ୍ଡିଆ ଚାଷ ଉପରେ ବିଭିନ୍ନ ପ୍ରକାରର କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ପ୍ରକାରର ସୁବିଧାସୁଯୋଗ କିପରି ହାସଲ କରିପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ବନ୍ଧ ଓ୍ ସୁବର୍ଣ୍ଣ ରେଖା ସଂସ୍ଥାର କର୍ମଚାରୀ,ବ୍ଲକ ସଂଯୋଜକ ଦୀନବନ୍ଧୁ ସ୍ୱାଇଁ, ସହକାରୀ ବ୍ଲକ ସଂଯୋଜକ ପୂର୍ଣଚନ୍ଦ୍ର ମହାଳିକ, ସିଆରପି ଲକ୍ଷ୍ମୀକାନ୍ତ ଦାସବାବୁ, ହୃଦାନନ୍ଦ କର, ସାଗରୀକା ଖୁଣ୍ଟିଆ,ପୁଷ୍ପଲତା ବେହେରା, ପ୍ରମଜ୍ୟୋତି ବେହେରା,ପ୍ରଶାନ୍ତ ହେମ୍ବ୍ରମ, ଜ୍ୟୋତି ସାଆନ୍ତରା ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିବା ବେଳେ ବିଭିନ୍ନ ଗ୍ରାମର ଚାଷୀମାନେ ଉପସ୍ଥିତ ଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ୧୨୫ତମ ଜୟନ୍ତି



ଭଦ୍ରକ, ୨୩/୧୨ (ନି.ପ୍ର): ଭାରତୀୟ ସ୍ୱାଧିନତା ଆନ୍ଦୋଳନରେ ଅନନ୍ୟ ଅବଦାନ ରଖିଥିବା ଭଦ୍ରକ ମାଟିର ସୁଯୋଗ୍ୟ ସନ୍ତାନ ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ତ୍ୟାଗ ଓ ଆଦର୍ଶର ସ୍ମୃତି ଚାରଣା ସହ ସେଥିରେ ଅନୁପ୍ରାଣୀତ ହେଲେ, ତାହାହିଁ ହେବ ସ୍ୱର୍ଗତ ମହାନ୍ତିଙ୍କ ଅତ୍ମା ପ୍ରତି ପକୃତ ଶଦ୍ଧାଞ୍ଜଳୀ ବୋଲି ତାଙ୍କର ୧୨୫ତମ ଜୟନ୍ତି ପାଳନ ଉପଲକ୍ଷେ ରାଜଘାଟ ଛକସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ମାନ୍ୟବର ମନ୍ତ୍ରୀ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସୂର୍ଯ୍ୟବଂଶୀ ସୂରଜ ଏବଂ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ପ୍ରକାଶ କରିଥିଲେ। ସ୍ମୃତି କମିଟିର ସଭାପତି ଲଲାଟେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସ୍ୱର୍ଗତ ମହାନ୍ତିଙ୍କ ପରିବାର ପକ୍ଷରୁ ତାଙ୍କର ସୁଯୋଗ୍ୟା ପୁତ୍ରବଧୂ ଅବସରପ୍ରାପ୍ତ ଅଧକ୍ଷା ଝରଣା ପଟ୍ଟନାୟକ, ନାତି ଜ୍ୟୋତି ପ୍ରକାଶ ମହାନ୍ତି, ବିଶିଷ୍ଟ ସାହିତ୍ୟିକ ରାଧାରାଣୀ ମହାପାତ୍ର, ବିଜୟ କୁମାର ବହଳୀ, ତ୍ୟାଗଭୂମି ମହୋତ୍ସବର ସଭାପତି ତଥା ସମାଜସେବୀ ଅଜୟ କୁମାର ନାୟକ, ସମାଜସେବୀ ଏସ୍.ଏମ୍. ଫାରୁକ୍ , ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ, ଗାନ୍ଧୀ ବିଚାର ମଞ୍ଚର ଶାନ୍ତନୁ ରାଉତ୍, ସମାଜ ସେବୀ ଲକ୍ଷ୍ମୀକାନ୍ତ ବାରିକ ଚରମ୍ପା ସଂସ୍କୃତି ପରିଷଦର ବାବୁଲାଲ ଦାସ, ବିମଳା ନାଟ୍ୟ ସଂସଦର ଗୌରାଙ୍ଗ ଚରଣ ବାରିକ, ସାମ୍ବାଦିକ ଅଶୋକ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା, ଫେଲୋସିପ୍‌ର କର୍ମଚାରୀବୃନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଡୁଙ୍ଗୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ

ଖଇରା, ୨୩/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡୁଙ୍ଗୁରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଦ୍ୱାରା ନୂତନ ଗୃହର ଶିଳାନ୍ୟାସ କରାଯାଇଛି । ୭୩ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ଆତ୍ମା କମିଟି ର ସଭାପତି ଶଙ୍କର୍ଷଣ ମାଝୀ,ସରପଞ୍ଚ ପ୍ରକାଶ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଡୁଙ୍ଗୁରା ଗ୍ରାମବାସୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବାକୁ ବିଧାୟକଙ୍କୁ ଅନୁରୋଧ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida